ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

# ପର୍ଯ୍ୟବେକ୍ଷକ

PARYABEKHYAK  ପର୍ଯ୍ୟବେକ୍ଷକ

visit us at
www.paryabekhyak.com

FIND US ON facebook.com/paryabekhyak
FOLLOW US ON TWITTER twitter.com/paryabekhyak

Vol.24 . No.99 Bhubaneswar Sunday, May 30, 2021 | ୨୪ତମ ବର୍ଷ ସଂଖ୍ୟା-୯୯ ଭୁବନେଶ୍ୱର, ରବିବାର, ମଇ ୩୦, ୨୦୨୧ | (୮ ପୃଷ୍ଠା) | ମୂଲ୍ୟ-୧.୫୦ ₹ 1.50 | (Air Surcharge - 0.50P) | Member-INS



ନୂଆଦିଲ୍ଲୀଠାରେ ଉତ୍ତର ପୂର୍ବାଞ୍ଚଳର ବିକାଶ ମନ୍ତ୍ରୀ ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ, କର୍ମଚାରୀ, ଜନ ଅଭିଯୋଗ ଏବଂ ପେନସନ୍, ପରମାଣୁ ଶକ୍ତି ଏବଂ ମହାକାଶ, ଜିତେନ୍ଦ୍ର ସିଂ ସମସ୍ତ ୧୮ ଜଣ ସରକାରୀ କର୍ମଚାରୀଙ୍କ ଟିକାକରଣର ଆବଶ୍ୟକତା ସମ୍ପର୍କରେ ସୂଚନା ଦେଇଛନ୍ତି

## ପଶ୍ଚିମବଙ୍ଗର ମୁଖ୍ୟ ସଚିବ ସ୍ଥାନାନ୍ତର

ନୂଆଦିଲ୍ଲୀ, ୨୯।୫(ପି.ଏନ): କେନ୍ଦ୍ର ସରକାର ପଶ୍ଚିମବଙ୍ଗର ମୁଖ୍ୟ ଶାସନ ସଚିବ ଅଳ୍ପନ ବନ୍ଦୋପାଧ୍ୟାୟଙ୍କୁ ତୁରନ୍ତ ଦିଲ୍ଲୀକୁ ପ୍ରତ୍ୟାହାର କରିଛନ୍ତି ।ସରକାରଙ୍କ କାର୍ମିକ ଏବଂ ପ୍ରଶିକ୍ଷଣ ବିଭାଗର ନିର୍ଦ୍ଦେଶକ ପଶ୍ଚିମବଙ୍ଗ ସରକାରଙ୍କୁ ତୁରନ୍ତ ବନ୍ଦୋପାଧ୍ୟାୟଙ୍କୁ କାର୍ଯ୍ୟରୁ ମୁକ୍ତ କରିବାକୁ କୁହାଯାଇଛି । ବନ୍ଦୋପାଧ୍ୟାୟଙ୍କୁ ୩୧ ମଇରେ କାର୍ମିକ ବିଭାଗକୁ ରିପୋର୍ଟ କରିବାକୁ କୁହାଯାଇଛି । ସରକାରୀ ଆଦେଶରେ କୁହାଯାଇଛି ଯେ, ଭାରତୀୟ ପ୍ରଶାସନିକ ସେବାର ନିୟମ ୬ (୧) ଦ୍ୱାରା ମନ୍ତ୍ରୀମଣ୍ଡଳର ନିଯୁକ୍ତି ସମିତି ଏହି ଫୈସଲା କରିଛନ୍ତି । ଅଳ୍ପନ ବନ୍ଦୋପାଧ୍ୟାୟ ୧୯୮୭ ବ୍ୟାଚର ଆଇଏଏସ ଅଧିକାରୀ । ତାଙ୍କ କାର୍ଯ୍ୟକାଳ ୩୧ ମଇକୁ ୬୦ ବର୍ଷ ଶେଷ ହେଉଛି । କିନ୍ତୁ ତାଙ୍କର ଆଉ ୩ ମାସ ପର୍ଯ୍ୟନ୍ତ କାର୍ଯ୍ୟକାଳ ବୃଦ୍ଧି କରାଯାଇଛି ।

# ମନ୍ତ୍ରିପରିଷଦ ବୈଠକରେ ସଂକଳ୍ପ ପାରିତ : ପାଠ୍ୟକ୍ରମରେ ସାମିଲ ହେବ ମହାମାରୀ ଓ ପ୍ରାକୃତିକ ବିପର୍ଯ୍ୟୟ ପରିଚାଳନା

ଭୁବନେଶ୍ୱର, ୨୯।୫(ପି.ଏନ): ଏଣିକି ପ୍ରତି ହାଇସ୍କୁଲ ଓ କଲେଜ ଛାତ୍ରଛାତ୍ରୀମାନେ ମହାମାରୀ ପରିଚାଳନା ଠାରୁ ପ୍ରାକୃତିକ ବିପର୍ଯ୍ୟୟ ପର୍ଯ୍ୟନ୍ତ ସବୁ ବିଷୟରେ ଜ୍ଞାନ ଆହରଣ କରିବେ ଏବଂ ଏହା ସେମାନଙ୍କ ପାଠ୍ୟକ୍ରମର ଅଂଶବିଶେଷ ହେବ ।ଏହାସହ ମହାମାରୀ ଓ ପ୍ରାକୃତିକ ବିପର୍ଯ୍ୟୟ ପରିଚାଳନାର ବିଭିନ୍ନ ମୌଳିକ ଦିଗ ଉପରେ ପ୍ରତି ସରକାରୀ କର୍ମଚାରୀଙ୍କୁ ତାଲିମ ଦିଆଯିବ । ପ୍ରାକୃତିକ ବିପର୍ଯ୍ୟୟ ଓ ମହାମାର ପରିଚାଳନା, ସରକାରୀ ଚାକିରୀ ଓ ନିଯୁକ୍ତି ପାଇଁ ଏକ ବାଧ୍ୟତାମୂଳକ ବିଷୟ ହେବ । ମୁଖ୍ୟମନ୍ତ୍ରୀଙ୍କ ଠାରୁ ଆରମ୍ଭ କରି ୱାର୍ଡ ମେମ୍ବର ପର୍ଯ୍ୟନ୍ତ ସବୁ ନିର୍ବାଚିତ ପ୍ରତିନିଧି ବିପର୍ଯ୍ୟୟ ଓ ମହାମାରୀ ପରିଚାଳନା ବିଷୟରେ ତାଲିମ ନେବେ । ମିଶନ ଶକ୍ତି ଗୋଷ୍ଠୀ, ବନ ସୁରକ୍ଷା ସମିତି ଓ ଅନ୍ୟ ଗୋଷ୍ଠୀଭିତିକ ସଂଗଠନ ଗୁଡିକୁ ମଧ୍ୟ ଏ ସଂପର୍କରେ ତାଲିମ ଦିଆଯିବ । ଶନିବାର ସଂଧ୍ୟାରେ ଅନୁଷ୍ଠିତ ରାଜ୍ୟ ମନ୍ତ୍ରିପରିଷଦ ବୈଠକରେ ଏନେଇ ଏକ ସଂକଳ୍ପ ଗୃହୀତ ହୋଇଛି । ରାଜ୍ୟରେ କରୋନା ମହାମାରୀ ସଂକ୍ରମଣ ଆଶଙ୍କା ଓ 'ୟାସ' ବାତ୍ୟା କ୍ଷୟକ୍ଷତି ମଧ୍ୟରେ ବିଜେଡି ସରକାର ଆଜି ନିଜର ପଂଚମ ପାଳିର ଦ୍ୱିତୀୟ ବର୍ଷ ଶାସନ ପୂରଣ କରିଛି । ଏହି ଅବସରରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ରାଜ୍ୟ ମନ୍ତ୍ରିପରିଷଦର ଏକ ବୈଠକ ଅନୁଷ୍ଠିତ ହୋଇଥିଲା । ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ରାଜ୍ୟର ଜନସାଧାରଣଙ୍କୁ ବିପର୍ଯ୍ୟୟ ଓ ମହାମାରୀ ପରିଚାଳନା ସଂପର୍କରେ ଉପଯୁକ୍ତ ଜ୍ଞାନ ଓ ଦକ୍ଷତାରେ ସଶକ୍ତ କରିବା ପାଇଁ ଏକ ସୁବ୍ୟବସ୍ଥିତ ତଥା ବିସ୍ତୃତ ତାଲିମ କାର୍ଯ୍ୟକ୍ରମ ଗ୍ରହଣ କରିବାକୁ ସଂକଳ୍ପ ପାରିତ କରାଯାଇଛି । ଏହା ଓଡିଶାକୁ ବିପର୍ଯ୍ୟୟ ପରିଚାଳନାରେ ଏକ ଅଗ୍ରଣୀ ରାଜ୍ୟ ଭାବରେ ଗଢିତୋଳିବା ଏବଂ ବିପର୍ଯ୍ୟୟ – ଏହା ଜୈବିକ ବା ଜଳବାୟୁ ଜନିତ – ଯାହା ବି ହେଉ, ତାର ମୁକାବିଲା ପାଇଁ ଓଡିଶା ଭବିଷ୍ୟତରେ ସବୁବେଳେ ପ୍ରସ୍ତୁତ ରହିବ । ମୁଖ୍ୟତଃ ଆମର ଲକ୍ଷ୍ୟ ହେଉଛି ଯେକୌଣସି ବିପର୍ଯ୍ୟୟର ସମ୍ମୁଖୀନ ହେବା ପାଇଁ ଓଡିଶାର ଘରେ ଘରେ ଯୋଦ୍ଧା ସୃଷ୍ଟି କରିବା ।ଏହି ମିଶନକୁ ଆଗେଇ ନେଇ ଓଡିଶାକୁ ପ୍ରାକୃତିକ ବିପର୍ଯ୍ୟୟ ଓ ମହାମାରୀ ପ୍ରତିରୋଧୀ ରାଜ୍ୟ ଭାବରେ ଗଢିତୋଳିବା ପାଇଁ ଏକ ଟ୍ୟାସ୍କଫୋର୍ସ ଗଠନ କରାଯିବ । ଭବିଷ୍ୟତରେ ଯେକୌଣସି ଜରୁରୀ ପରିସ୍ଥିତି ପାଇଁ ଏହା ହେବ ଆମର ସର୍ବ ବୃହତ ପ୍ରସ୍ତୁତି । ମୁଖ୍ୟମନ୍ତ୍ରୀ ଆହୁରି କହିଛନ୍ତି ଯେ ପଂଚମ ପାଳିର ସରକାର ଆରମ୍ଭ ହେବା ପୂର୍ବରୁ ମଇ ୨୦୧୯ ରେ ଆମକୁ ଫନି ପରି ବାତ୍ୟାର ସମ୍ମୁଖୀନ ହେବାକୁ ପଡିଥିଲା । ଗତ ଦୁଇ ବର୍ଷ ହେଲା ଆମେ ବାତ୍ୟା ଏବଂ କୋଭିଡ ମହାମାରୀର ବିପର୍ଯ୍ୟୟକାରୀ ପ୍ରଭାବ ସାମ୍ନା କରିଆସୁଛୁ । ସାରା ବିଶ୍ୱରେ ବିପର୍ଯ୍ୟୟ ପରିଚାଳନାରେ ଏକ ମଡେଲ ଭାବରେ ସ୍ୱୀକୃତ ଓଡିଶା ଏ କ୍ଷେତ୍ରରେ ତାର ମାନବୀୟ ଦୃଷ୍ଟିଭଙ୍ଗୀ ଓ ଦକ୍ଷତା ପାଇଁ ସୁନାମ କରିଛି । ଅପରପକ୍ଷରେ ଏପର୍ଯ୍ୟନ୍ତ ଆମ ରାଜ୍ୟ କରୋନା ସଂକ୍ରମଣର ଦୁଇଟି ଲହର ଦ୍ୱାରା ପ୍ରଭାବିତ ହୋଇସାରିଲାଣି । ଆମର ସ୍ୱାସ୍ଥ୍ୟସେବା ବ୍ୟବସ୍ଥାକୁ ସଠିକ୍ ଭାବରେ ପରିଚାଳନା କରିବାରେ ଆମେ ସକ୍ଷମ ହୋଇପାରିଛୁ ଏବଂ ସଂକ୍ରମଣର ପ୍ରସାର ଦ୍ୱାରା ଆମର ବ୍ୟବସ୍ଥା ଏପର୍ଯ୍ୟନ୍ତ ଅତ୍ୟଧିକ ଚାପର ସମ୍ମୁଖୀନ ହୋଇନାହିଁ । ପରିସ୍ଥିତିକୁ ନିୟନ୍ତ୍ରଣ କରିବାକୁ ଆମ ସରକାର ସବୁବେଳେ ଆଗୁଆ ପଦକ୍ଷେପ ନେଇଆସିଛନ୍ତି । କୋଭିଡ ପରିଚାଳନାରେ ଆମକୁ ଆଗକୁ ଆହୁରି ପଥ ଅତିକ୍ରାନ୍ତ କରିବାକୁ ଅଛି । ବର୍ତ୍ତମାନ ଟିକାକରଣ ଉପରେ ଫୋକସ କରିଛୁ । ଟିକାକରଣ ନିମନ୍ତେ ଆମର ସମ୍ବଳର ଉପଯୋଗ କରି ଆମର ଲୋକମାନଙ୍କୁ ଯେତେଶୀଘ୍ର ସମ୍ଭବ, ସୁରକ୍ଷିତ ରଖିବା ପାଇଁ ପଦକ୍ଷେପ ନେଇଛୁ । ଓଡିଶାର ଜନସାଧାରଣ ପଂଚମ ଥର ପାଇଁ ଆମକୁ ଆଶୀର୍ବାଦ କରି ସେବାର ସୁଯୋଗ ଦେଇଛନ୍ତି । ଲୋକଙ୍କୁ ଆମେ ଦେଇଥିବା ପ୍ରତିଶ୍ରୁତି ଏବଂ ସେମାନଙ୍କ ଆଶାଆକାଂକ୍ଷାକୁ ପୂରଣ କରିବା ପାଇଁ ଆମେ କଠିନ ପରିଶ୍ରମ କରୁଛୁ । ଏହି ମହାମାରୀ ଏକ ଅନନ୍ୟ ପରିସ୍ଥିତି ସୃଷ୍ଟି କରିଛି, ଯାହାଦ୍ୱାରାକି ଲୋକମାନଙ୍କ ଜୀବନ ଓ ଜୀବିକା ଗଭୀର ଭାବରେ ପ୍ରଭାବିତ ହୋଇଛି । ଏସବୁ ଆହ୍ୱାନ ସତ୍ତ୍ୱେ ଆମର ଦୃଢ ବିଶ୍ୱାସ ଯେ ଓଡିଶାର ଜନସାଧାରଣଙ୍କ ସହଯୋଗରେ ଏହି ସଂକଟର ମୁକାବିଲାରେ ଆମେ ବିଜୟୀ ହେବୁ ତଥା ଓଡିଶାର ରୂପାନ୍ତର ନିମନ୍ତେ ଆମର ଭଲ କାମକୁ ଜାରି ରଖିବୁ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି ।

## ରବି ଧାନକିଣା ବିକାରେ ବ୍ୟାପକ ଅବ୍ୟବସ୍ଥା ମାମଲାରେ ସ୍ପଷ୍ଟୀକରଣ ମାଗିଲା ବିଜେପି

ଭୁବନେଶ୍ୱର, ୨୯।୫(ପି.ଏନ): ଗତ ମେ ୫ ତାରିଖରୁ ରବି ଧାନ କ୍ରୟ ପାଇଁ ରାଜ୍ୟରେ ମଣ୍ଡି ବ୍ୟବସ୍ଥା ଚାଲୁ ହୋଇଥିବାବେଳେ ଧାନ କିଣାବିକା ଆରମ୍ଭରୁ ବ୍ୟାପକ ଅବ୍ୟବସ୍ଥା ଦେଖାଦେଇଛି । ଏହି କାରଣରୁ ଅନ୍ୟ କୌଣସି ଉପାୟ ନପାଇ ବର୍ତ୍ତମାନ ଖୋଲା ବଜାରରେ ମାତ୍ର ୧୦୦୦ ଟଙ୍କା ପ୍ରତି କ୍ୱିଂଟାଲରେ ଧାନ ବିକ୍ରୀ କରିବା ପାଇଁ ଚାଷୀ ବାଧ୍ୟ ହେଉଛି ବୋଲି କୃଷକ ମୋର୍ଚ୍ଚା ରାଜ୍ୟ ସଭାପତି ତଥା ପୂର୍ବତନ ବିଧାୟକ ଶ୍ରୀ ପ୍ରଦୀପ ପୁରୋହିତ ଅଭିଯୋଗ କରିଛନ୍ତି ।ରାଜ୍ୟ ସରକାର ଯେତେ ଚାଷୀଙ୍କୁ ଧାନ ବିକ୍ରି ପାଇଁ ଟୋକନ ଯୋଗାଇ ଦେଇଥିଲେ, ତନ୍ମଧ୍ୟରୁ ପାଖାପାଖି ୧୦ ରୁ ୨୦ ପ୍ରତିଶତ ଭାଗଚାଷୀଙ୍କ ଟୋକନ ଲାପସ୍ ହୋଇ ସାରିଲାଣି । ମିଲର୍ସମାନଙ୍କ ଉପରେ ରାଜ୍ୟସରକାରଙ୍କ ନିୟନ୍ତ୍ରଣ ନଥିବାରୁ ମିଲର୍ସମାନେ ନିଜ ଇଚ୍ଛା ମୁତାବକ ମଣ୍ଡିରୁ ଧାନ ଉଠାଉଛନ୍ତି ଏବଂ ପ୍ରତି କ୍ୱିଂଟାଲରେ ୫ ରୁ ୬ କେଜି ଧାନ କଟନି ଛଟନି କରୁଛନ୍ତି । ଧାନ ସରକାର କିଣୁଛନ୍ତି ନା ମିଲର୍ସ କିଣୁଛନ୍ତି ବୋଲି ଚାଷୀଙ୍କ ମନରେ ଦ୍ୱନ୍ଦ ସୃଷ୍ଟି ହୋଇଛି । ଚାଷୀକୁଳର ବୃହତ ସ୍ୱାର୍ଥ ଦୃଷ୍ଟିରୁ ରାଜ୍ୟ ସରକାର ଏହି ଦ୍ୱନ୍ଦକୁ ଦୂର କରିବା ପାଇଁ ସ୍ପଷ୍ଟୀକରଣ ଦେବାକୁ ଶ୍ରୀ ପୁରୋହିତ ଦାବୀ କରିଛନ୍ତି । ଟୋକନ ବ୍ୟବସ୍ଥାରେ ବ୍ୟାପକ ଅନିୟମିତତା ଦେଖା ଦେଇଛି । ଡିପ୍ ବୋରୱେଲରେ ଚାଷୀ କରୁଥିବା ଚାଷ ଅଢେଇ ଏକର ଜମିର ଧାନ ୬୪ କ୍ୱିଂଟାଲ କିଣିବା ପାଇଁ ରାଜ୍ୟ ସରକାର ନିଷ୍ପତି ନେଇଥିବାବେଳେ ୮୦ ପ୍ରତିଶତ ଡିପ୍ ବୋରୱେଲ ଚାଷୀଙ୍କ ଟୋକନରେ ବ୍ୟାପକ ଅବ୍ୟବସ୍ଥା ହୋଇଛି । ସରକାର ଚାଷୀଙ୍କୁ ଯୋଗାଇ ଦେଇଥିବା ଟୋକନରେ ୧ କ୍ୱିଂଟାଲ, ୨ କ୍ୱିଂଟାଲ, ୫ କ୍ୱିଂଟାଲ ଧାନ ବିକ୍ରି ପାଇଁ ଚିଠି ଆସିଥିବାରୁ ଚାଷୀମାନେ ହତାଶ ହୋଇ ପଡିଛନ୍ତି । ବରଗଡ, ବଲାଙ୍ଗୀର, ସୋନପୁର, କଳାହାଣ୍ଡି, କେନ୍ଦୁଝର, ନୂଆପଡା ଆଦି ବହୁ ଜିଲ୍ଲାରେ ଚାଷୀ ଅସନ୍ତୋଷ ବୃଦ୍ଧି ପାଇବାରେ ଲାଗିଛି । ଚାଷୀଙ୍କୁ କାଳିଆ ଯୋଜନାରେ ୨ ହଜାର ଟଙ୍କା ପ୍ରଦାନ କରି "ଆପଣମାନେ ଖୁସି ତ !" କହି ଚାଷୀଙ୍କୁ ଓଡିଶାର ମୁଖ୍ୟମନ୍ତ୍ରୀ "ଏପ୍ରିଲ ଫୁଲ୍" କରି ଦେଲେ ବୋଲି ଶ୍ରୀ ପୁରୋହିତ କ୍ଷୋଭ ପ୍ରକାଶ କରିଛନ୍ତି । ୟଶ୍ ବାତ୍ୟା ଟଳିଯିବା ପରେ ବର୍ତମାନ ଚାଷୀମାନଙ୍କ ଧାନ ବିକ୍ରି ମୁଖ୍ୟ ସମସ୍ୟା ହୋଇ ରାଜ୍ୟରେ ଠିଆ ହୋଇଛି । ଯଦି ପ୍ରକୃତରେ ଚାଷୀପ୍ରତି ଓଡିଶା ସରକାରଙ୍କ ଦରଦ ଅଛି, ତେବେ ମୁଖ୍ୟମନ୍ତ୍ରୀ ଖାଦ୍ୟ ଯୋଗାଣ ବିଭାଗର ଅଧିକାରୀମାନଙ୍କ ସହ ସମୀକ୍ଷା ବୈଠକ କରନ୍ତୁ ଏବଂ ଧାନ କିଣାବିକାରେ ଶୋଷିତ ଚାଷୀଙ୍କୁ ଏଥିରୁ ସୁରକ୍ଷା ଦେବାର ବ୍ୟବସ୍ଥା କରିବାକୁ ଶ୍ରୀ ପୁରୋହିତ୍ ମୁଖ୍ୟମନ୍ତ୍ରୀଙ୍କ ନିକଟରେ ଦାବୀ କରିଛନ୍ତି ।

## ଶ୍ରୀମନ୍ଦିର ରତ୍ନସିଂହାସନ ଓ ଚତୁର୍ଦ୍ଧାମୂର୍ତ୍ତିଙ୍କ ଫଟୋ ଭାଇରାଲ୍

ପୁରୀ, ୨୯।୫(ପି.ଏନ): ଶ୍ରୀମନ୍ଦିର ଗର୍ଭଗୃହସ୍ଥ ରତ୍ନସିଂହାସନ ଉପରେ ଚତୁର୍ଦ୍ଧାମୂର୍ତ୍ତିଙ୍କ ଫଟୋ ସୋସିଆଲ ମିଡ଼ିଆରେ ଭାଇରାଲ୍ ହୋଇଛି । ପଶ୍ଚିମବଙ୍ଗ ରାଜ୍ୟର ଜଣେ ପର୍ଯ୍ୟଟକ ଏହି ଫଟୋକୁ ନିଜ ଫେସବୁକ୍ ଆକାଉଂଟରେ ପୋଷ୍ଟ କରିଥିବା ଏବଂ ପରବର୍ତି ସମୟରେ ଏହି ଫଟୋ ଭାଇରାଲ୍ ହୋଇଥିବା ଜଣାପଡିଛି । ଅନ୍ୟପକ୍ଷରେ ଏହି ଘଟଣା ଶ୍ରୀମନ୍ଦିର ପ୍ରଶାସନର ଦୃଷ୍ଟିକୁ ଆସିବା ପରେ ଏ ସମ୍ପର୍କରେ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସିଂହଦ୍ୱାର ଥାନାରେ ଅଭିଯୋଗ ହୋଇଛି ।

## ଭଡ଼ାରେ ଲାଗିଛି ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଗୃହ

ଗଞ୍ଜାମ, ୨୯।୫(ପି.ଏନ): ବାସହୀନଙ୍କୁ ଘର ଯୋଗାଇଦେବା ପାଇଁ ସରକାରୀ ସ୍ତରରେ ବିଭିନ୍ନ ଯୋଜନା କରାଯାଇଛି । ଏହାର ସଫଳ ରୂପାୟନ ମଧ୍ୟ ହୋଇଛି, କିନ୍ତୁ, କିଛି ହିତାଧିକାରୀ ଯୋଜନାରେ ଘର ପାଇବା ପରେ ତାହା କେଉଁ କାମରେ ବିନିଯୋଗ ହେଉଛି, ସେ ଦିଗରେ କେହି ତଦନ୍ତ କରୁନାହାଁନ୍ତି । ଏହିଭଳି ଏକ ଯୋଜନାରେ ଘର ପାଇ ତାହାକୁ ଭଡ଼ାରେ ଲଗାଇବା ଘଟଣା ସାମ୍ନାକୁ ଆସିଛି ।

# ଗୋଟିଏ ଦିନରେ ୭୧୮୮ କରୋନା ଆକ୍ରାନ୍ତ ଚିହ୍ନଟ

ଭୁବନେଶ୍ୱର, ୨୯।୫(ପି.ଏନ): ରାଜ୍ୟରେ ଗୋଟିଏ ଦିନରେ ୭୧୮୮ ଜଣ ନୂଆ କରୋନା ଆକ୍ରାନ୍ତ ଚିହ୍ନଟ ହେବା ପରେ ମୋଟ କରୋନା ସଂକ୍ରମିତଙ୍କ ସଂଖ୍ୟା ୭୪୭୧୪୩ କୁ ବୃଦ୍ଧି ପାଇଛି । ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଟ୍ୱିଟ କରି ସୂଚନା ଦିଆ ଯାଇଛି । ରାଜ୍ୟରେ ବର୍ତମାନ ସୁଦ୍ଧା ୬୪୭୧୩୩ ରୋଗୀ ସୁସ୍ଥ ହୋଇ ସାରିଥିବା ବେଳେ ସକ୍ରିୟ ୯୭୨୭୧ ରହିଛି । ଆଜି ଚିହ୍ନଟ ହୋଇଥିବା ୭୧୮୮ ଜଣଙ୍କ ମଧ୍ୟରୁ ୪୦୨୬ ଜଣ ସଂଗରୋଧରୁ ହୋଇଥିବା ବେଳେ ୩୧୬୨ ଜଣ ସ୍ଥାନୀୟ ଲୋକ ବୋଲି ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । କରୋନା ପଜିଟିଭ ମାମଲା ସାମନାକୁ ଆସିବା ପରେ ଏହି ବାବଦରେ କଂଟାକ୍ଟ ଟ୍ରେସିଂ ଓ ଅନ୍ୟ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରା ଯାଉଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ପ୍ରକାଶ କରା ଯାଇଛି । ଆଜି ଚିହ୍ନଟ ହୋଇଥିବା କୋରୋନା ଆକ୍ରାନ୍ତ ମାନେ ମୋଟ ୩୦ ଟି ଜିଲ୍ଲାର ହୋଇଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି ।ସ୍ୱାସ୍ଥ୍ୟ ବିଭାଗ ବିଭାଗ ପକ୍ଷରୁ ଦିଆ ଯାଇଥିବା ସୂଚନା ଅନୁସାରେ ଖୋର୍ଦ୍ଧାରେ ସବୁଠାରୁ ଅଧିକ ୧୧୩୪ ଜଣ କରୋନା ସଂକ୍ରମିତ ହୋଇଥିବା ଜଣା ପଡିଛି ।ଗତ ୨୪ ଘଂଟା ମଧ୍ୟରେ ଅନୁଗୁଳ ଜିଲ୍ଲାରୁ ୫୧୫ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ବାଲେଶ୍ୱରରୁ ୧୦୩ ଜଣ, ବରଗଡ଼ରୁ ୨୭୧ ଜଣ, ଭଦ୍ରକରୁ ୮୯ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ସେହିପରି ବଲାଙ୍ଗୀରରୁ ୯୩ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ବୌଦ୍ଧ ଜିଲ୍ଲାରୁ ୨୫୭ , କଟକରୁ ୬୯୦ ଜଣ, ଦେବଗଡ ଜିଲ୍ଲାରୁ ୬୧ ଜଣ, ଢେଙ୍କାନାଳ ଜିଲ୍ଲାରୁ ୨୫୫ ଜଣ, ଗଜପତି ଜିଲ୍ଲାରୁ ୧୦୬ , ଗଞ୍ଜାମରୁ ୧୬୩ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ଜଗତସିଂହପୁର ଜିଲ୍ଲାରୁ ୧୫୪ ଜଣ, ଯାଜପୁରରୁ ୪୦୬ ଜଣ, ଝାରସୁଗୁଡ଼ାରୁ ୧୧୪ ଜଣ, କଳାହାଣ୍ଡିରୁ ୧୭୭ ଜଣ, କନ୍ଧମାଳ ଜିଲ୍ଲାରୁ ୫୪ ଜଣ. କେନ୍ଦ୍ରାପଡ଼ାରୁ ୭୫ ଜଣ, କେନ୍ଦୁଝରରୁ ୫୭ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ଖୋର୍ଦ୍ଧାରୁ ୧୧୩୪ ଜଣ, କୋରାପୁଟରୁ ୨୦୨ ଜଣ ସଂକ୍ରମିତ ହୋଇଥିବା ବେଳେ ମାଲକାନଗିରି ଜିଲ୍ଲାରୁ ୯୨ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ମୟୂରଭଞ୍ଜରୁ ୩୨୦ ଜଣ, ନବରଙ୍ଗପୁରରୁ ୨୧୬ ଜଣ, ନୟାଗଡ଼ରୁ ୨୪୨ ଜଣ, ନୂଆପଡ଼ାରୁ ୬୨ ଜଣ, ପୁରୀରୁ ୪୫୭ ଜଣ, ରାୟଗଡ଼ାରୁ ୧୬୫ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ସମ୍ବଲପୁରରୁ ୧୨୦ ଜଣ, ସୋନପୁରରୁ ୧୨୯ ଜଣ, ସୁନ୍ଦରଗଡ଼ରୁ ୧୭୨ ଜଣ ଓ ଷ୍ଟେଟ୍ ପୁଲରୁ ୨୩୭ ଜଣ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି ।

## ରେଲୱେ କରୋନା ରୋଗୀଙ୍କ ପାଇଁ ଦେଶରେ ୨୦ ହଜାର ଟନ ଅକ୍ସିଜେନ ଉପଲବ୍ଧ କରାଇଛି : ପୀୟୁଷ ଗୋଏଲ

ନୂଆଦିଲ୍ଲୀ, ୨୯।୫(ପି.ଏନ): ଭାରତୀୟ ରେଲୱେ ୩୦୦ ଅକ୍ସିଜେନ ଏକ୍ସପ୍ରେସ ଟ୍ରେନ ସାହାଯ୍ୟରେ ୧୫ ରାଜ୍ୟରେ ୨୦,୦୦୦ ମେଟ୍ରିକ୍ ଟନ୍‌ରୁ ଅଧିକ ତରଳ ମେଡିକାଲ ଅକ୍ସିଜେନ (ଏଲଏମଓ) ଉପଲବ୍ଧ କରାଇଛି । ରେଳ ମନ୍ତ୍ରୀ ପୀୟୁଷ ଗୋଏଲ ଶନିବାର ଦିନ ଟ୍ୱିଟ୍ କରି କହିଛନ୍ତି ଯେ, ଅକ୍ସିଜେନ ଏକ୍ସପ୍ରେସ୍ ଟ୍ରେନ ଭାରତର କୋଭିଡ଼-୧୯ ରୋଗୀଙ୍କ ପାଇଁ ୨୦,୦୦୦ ମେଟ୍ରିକ୍ ଟନ୍ ଅକ୍ସିଜେନ ଉପଲବ୍ଧ କରାଇ ଏକ ମାଇଲଖୁଂଟ ଅତିକ୍ରମ କରିଛି । ଏବେ ସୁଦ୍ଧା ୩୦୦ ଅକ୍ସିଜେନ ଏକ୍ସପ୍ରେସ ଟ୍ରେନ ଦେଶସେବାରେ ଯାତ୍ରା ଶେଷ କରିଛି ।ଉଲ୍ଲେଖନୀୟ ଯେ, ଅକ୍ସିଜେନ ଏକ୍ସପ୍ରେସର ଆରମ୍ଭ ୩୫ଦିନ ପୂର୍ବରୁ ୨୪ ଏପ୍ରିଲରେ ହୋଇଥିଲା ।

# କଚ୍ଛପ ଗତିରେ ପଲପଲା ନଦୀ ଉପରେ ତାରାଯୋଡ଼ି ପୋଲ

ବାରିପଦା, ୨୯।୫(ପି.ଏନ): ପୂର୍ବ ଭାରତରେ ବିକାଶର ନବ ସୂର୍ଯ୍ୟୋଦୟ ମୟୂରଭଞ୍ଜ ଜିଲ୍ଲାରୁ ଆରମ୍ଭ ହେବ ବୋଲି ବିଜେପି ନାରା ଦେଇଥିବା ବେଳେ ବିଜେଡ଼ି କଥାରେ ନୁହେଁ କାର୍ଯ୍ୟରେ ବିଶ୍ୱାସ ରଖେ ନାରା ମୟୂରଭଞ୍ଜ ଜିଲ୍ଲାରେ ଫିକା ପଡ଼ିଯାଇଛି । ନା ଏଠାରେ ବିଜେପିର ଡ଼ବଲ ଇଞ୍ଜିନର ଗତିରେ ବୃଦ୍ଧି ହୋଇଛି ନା ବିଜେଡ଼ିର ପ୍ରଗତିର ଚକ ଆଗକୁ ଗଡୁଛି । ଜିଲ୍ଲାବାସୀଙ୍କ ଭାଗ୍ୟ ଯେଉଁ ତିମିରକୁ ସେହି ତିମିର ମଧ୍ୟରେ ରହିଯାଇଛି । ଏହାର ଏକ ନଗ୍ନ ଉଦାହରଣ ପାଲଟିଛି ଜିଲ୍ଲାର ବାଙ୍ଗିରିପୋଷି ନିର୍ବାଚନ ମଣ୍ଡଳୀ ଅଧୀନ ଶାମାଖୁଂଟା ବ୍ଲକର ତାରାଯୋଡ଼ି ଓ କୁଚିଲାଘାଟି ଗ୍ରାମର ସୀମାରେଖା ଟାଣିଥିବା ପଲପଲା ନଦୀ ଉପରେ ନିର୍ମାଣାଧୀନ ପୋଲ । ପଲପଲା ନଦୀଟି ଶିମିଳିପାଳ ଅଭୟାରଣ୍ୟରୁ ବାହାରି ବୁଢ଼ାବଳଙ୍ଗ ନଦୀରେ ମିଶିଛି । ନଦୀର ଉପରମୁଣ୍ଡା ଶିମିଳିପାଳ ଅଭୟାରଣ୍ୟରେ ବର୍ଷା ହେଲେ ପଲପଲା ନଦୀରେ ପ୍ରଖର ବେଗରେ ପାଣି ପ୍ରବାହିତ ହୋଇଥାଏ । ଏହି ସମୟରେ କୁଚିଲାଘାଟି ଓ ତାରାଯୋଡ଼ିର ଉଭୟ ପାର୍ଶ୍ୱରେ ଥିବା ରହିଥିବା ଗ୍ରାମଗୁଡ଼ିକ ସହ ଯୋଗାଯୋଗ ବିଚ୍ଛିନ୍ନ ହୋଇଯାଏ । ଜନସାଧାରଣଙ୍କ ଦିର୍ଘ ଦିନର ଦାବି ଓ ସାମୂହିକ ସ୍ୱାର୍ଥକୁ ଦୃଷ୍ଟିରେ ରଖି ସରକାର ପଲପଲା ନଦୀ ଉପରେ ଏକ ପୋଲ ନିର୍ମାଣ କାର୍ଯ୍ୟ ଆରମ୍ଭ କଲେ । ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ୪ କୋଟି ୨୨ଲକ୍ଷ ୨ ହଜାର ୬୭ ଟଙ୍କା ବ୍ୟୟ ବରାଦରେ ନିର୍ମିତ ହେଉଥିବା ଉକ୍ତ ପୋଲକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ୨୦୧୬ ଅକ୍ଟୋବର ୨୬ରେ ଶିଳାନ୍ୟାସ କରିଥିବା ସମୟରେ ତତ୍କାଳୀନ ସମୟରେ ସ୍ଥାନୀୟ ବାଙ୍ଗିରିପୋଷି ନିର୍ବାଚନ ମଣ୍ଡଳୀର ବିଧାୟକ ତଥା ଓଡ଼ିଶା କ୍ରୀଡ଼ା ଓ ଯୁବ ସେବା ବ୍ୟାପାର ମନ୍ତ୍ରୀ ସୁଦାମ ମାର୍ଣ୍ଡି ମଧ୍ୟ ଉପସ୍ଥିତ ରହିଥିଲେ । ୧୫୦.୭୮ ମିଟର ଲମ୍ବର ଏହି ପୋଲ ନିର୍ମାଣ ନିମନ୍ତେ ଓଡ଼ିଶା ସରକାରଙ୍କ ଗ୍ରାମ୍ୟ ଉନ୍ନୟନ ବିଭାଗ(ପ୍ୟାକେଜ ନଂ ଓଆର ୨୧ ଏଲବି ୨୨) ପକ୍ଷରୁ ପୁରୀ ଜିଲ୍ଲା ବାଙ୍କପୁରର ପାଟସୁନ୍ଦରପୁର ଅଂଚଳର ଅକ୍ଷୟ କୁମାର ମହାନ୍ତିଙ୍କୁ କାର୍ଯ୍ୟାଦେଶ ପ୍ରଦାନ କରାଯାଇଥିଲା । ଠିକାଦାର ଓ ବିଭାଗ ମଧ୍ୟରେ ହୋଇଥିବା ଚୁକ୍ତିନାମା ଆଧାରରେ ୨୦୧୬ ଅଗଷ୍ଟ ୨୬ରେ କାର୍ଯ୍ୟ ଆରମ୍ଭ ଓ ୨୦୧୭ ନଭେମ୍ବର ୨୫ ମଧ୍ୟରେ କାର୍ଯ୍ୟ ସମାପ୍ତି ହେବାର ରହିଥିଲା । ଯାହା ନିର୍ମାଣସ୍ଥଳରେ ଲାଗିଥିବା ଫଳକ ସୂଚନା ଦେଉଛି । କିନ୍ତୁ, କାର୍ଯ୍ୟ ସମାପ୍ତି ନିମନ୍ତେ ଧାର୍ଯ୍ୟ ସମୟ ସୀମାଠାରୁ ୩ ବର୍ଷ ୬ ମାସ ଅତିକ୍ରାନ୍ତ ହୋଇସାରିଥିଲେ ମଧ୍ୟ ନିର୍ମାଣ କାର୍ଯ୍ୟ ଅଧାପନ୍ତରିଆ ଅବସ୍ଥାରେ ରହିଛି । ପୋଲର ତଳେ କଂକ୍ରିଟ ଚଟାଣ ଉପରେ ପାଣି ପ୍ରବାହିତ ହେଉଥିବା କାରଣରୁ ଚଟାଣରେ ଶିଉଳି ଜମିଯାଇଛି । ଏହା ଉପରେ ସ୍କୁଲ ପିଲା ଓ ସ୍ଥାନୀୟ ଜନସାଧାରଣ ନଦୀ ପାର ହୋଇଥାନ୍ତି । ନଦୀର ଉପର ମୁଣ୍ଡରେ ବର୍ଷା ହେଲେ ନଦୀରେ ଆସୁଥିବା ପାଣିର ବେଗ ପ୍ରଖର ହୋଇଥାଏ । ଏହି ସମୟରେ ନଦୀ ପାର ହେଉଥିବା ବ୍ୟକ୍ତିମାନଙ୍କ ମଧ୍ୟରୁ କାହାରି ପାଦ ଖସିଗଲେ ମୃତ୍ୟୁ ସୁନିଶ୍ଚିତ । ସ୍ଥାନୀୟ ଜନସାଧାରଣଙ୍କ ଅଭିଯୋଗ ଅନୁସାରେ ଏହା ସେମାନଙ୍କ ନିମନ୍ତେ ମୃତ୍ୟୁ ଦୂତ ସାଜିଛି । ଗତ ୨୦୧୯ ଅଗଷ୍ଟରେ ବାରିପଦା ସଦର ଥାନା ଅଧୀନରେ ଥିବା ଲକ୍ଷ୍ମୀପୋଷି(ରଙ୍ଗାମାଟିଆ) ଗ୍ରାମର ସାଲଖାନ କିସ୍କୁ(୫୦) ଏହି ପଲପଲା ନଦୀ ପାର ହେଉଥିବା ବେଳେ ନଦୀର ପ୍ରଖର ସ୍ରୋତରେ ଭାସିଯାଇଥିଲା ଏବଂ ଦୁଇ ଦିନ ପରେ କୁଚିଲାଘାଟି-ବାଲିଡ଼ିହା ମଧ୍ୟସ୍ଥଳୀରୁ ତାର ଗଳିତ ଶବକୁ ଉଦ୍ଧାର କରାଯାଇଥିଲା ଓ ଖବରପାଇ କୁଳିଅଣା ଥାନା ପୁଲିସ ପହଁଚି ଶବକୁ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ବାରିପଦା ପିଆରଏମ ମେଡ଼ିକାଲ କଲେଜ ଓ ହସପିଟାଲକୁ ପଠାଇ ଦେଇଥିଲେ । ସେହିପରି ଉକ୍ତ ସ୍ଥାନରେ ନଦୀର ସ୍ରୋତରେ ଏହା ପୂର୍ବରୁ ପ୍ରାୟ ୩ ଜଣ ଭାସି ଯିବା ସହ ସେମାନଙ୍କର ମୃତ୍ୟୁ ହୋଇଥିବାର ସ୍ଥାନୀୟ ଜନସାଧାରଣ ପ୍ରକାଶ କରିଛନ୍ତି । ଜନସାଧାରଣଙ୍କ ଯାତାୟତର ସୁବିଧା ନିମନ୍ତେ ତାରାଯୋଡ଼ି ଓ କୁଚିଲାଘାଟିକୁ ସଂଯୋଗ କରିବା ନିମନ୍ତେ ଏହି ପୋଲ ନିର୍ମାଣ କାର୍ଯ୍ୟ ୨୦୧୬ରୁ ଆରମ୍ଭ ହୋଇଥିଲେ ମଧ୍ୟ ଆଜି ପର୍ଯ୍ୟନ୍ତ ପୋଲର ନିର୍ମାଣ କାର୍ଯ୍ୟ ଶେଷ ହେବାର ନାମ ଧରୁ ନଥିବା ବେଳେ ଜନସାଧାରଣଙ୍କ ମୃତ୍ୟୁର କାରଣ ପାଲଟିଛି । ଏହି ସମୟରେ ପୋଲ ନିର୍ମାଣ କଚ୍ଛପ ଗତିରେ ଆଗେଇ ଚାଲିଥିବା ବେଳେ ବିଭାଗୀୟ ପଦାଧିକାରୀ, ଅଧିକାରୀ, ଜିଲ୍ଲାପ୍ରଶାସନ ଓ ନିର୍ବାଚିତ ଲୋକପ୍ରତିନିଧିମାନେ ଏଦିଗରେ ନିଘା ନାହିଁ କି ପଘା ନାହିଁ ନୀତିକୁ ଆପଣେଇ ନେଇଥିବାର କୁହାଯାଇଛି । କେବଳ ଏତିକି ନୁହେଁ ତଦାରଖ ଦାୟିତ୍ୱରେ ରହିଥିବା ବିଭାଗୀୟ ଅଧିକାରୀଙ୍କର ପାଦ ପଡୁ ନ ଥିବାରୁ ଠିକାଦାର ନିମ୍ନମାନର ନିର୍ମାଣ କାର୍ଯ୍ୟ କରୁଥିବାର ଅଭିଯୋଗ ହୋଇଛି । ସ୍ଥାନୀୟ ଜନସାଧାରଣ ଏହି ପ୍ରକାରର ଅସୁବିଧାକୁ ନେଇ ବିଭିନ୍ନ ସମୟରେ ସ୍ୱର ଉଠାଇ ଆସୁଥିଲେ ମଧ୍ୟ ଏହା ବିଭାଗୀୟ ନିର୍ବାହୀ ଯନ୍ତ୍ରୀ ଅଥବା ବିଧାୟକ କିମ୍ବା ସରକାରଙ୍କ ନିକଟରେ ପହଁଞ୍ଚିପାରୁ ନାହିଁ । ଆଉ କେତେ ଜଣଙ୍କର ଜୀବନ ଯିବା ସହ ଅସୁବିଧାର ସମ୍ମୁଖୀନ ହେବା ପରେ ସରକାର ଓ ବିଭାଗର ମନ ଶାନ୍ତ ହେବ ବୋଲି ସ୍ଥାନୀୟ ଗ୍ରାମବାସୀମାନେ ପ୍ରଶ୍ନ କରିଛନ୍ତି । ଏଥି ସହିତ ଆଗକୁ ବର୍ଷା ଋତୁ ଆସୁଛି, ନଦୀ ସ୍ରୋତର ବେଗ ପ୍ରଖର ହେବ । ସେହି ସମୟରେ କୃଷି କାର୍ଯ୍ୟରେ ଜନସାଧାରଣଙ୍କୁ ନଦୀ ପାରି ହେବାକୁ ପଡ଼ିବ । ସେହିପରି ସ୍କୁଲ ଖୋଲିବାକୁ ଯାଉଥିବା ବେଳେ ଛୋଟ ଛୋଟ ପିଲାମାନେ ମଧ୍ୟ ନଦୀ ପାରି ହୋଇ ସ୍କୁଲକୁ ଯିବେ । ତେଣୁ ଅବିଳମ୍ବେ ପୋଲର ନିର୍ମାଣ କାର୍ଯ୍ୟ ଶେଷ କରିବା ସହ ନିର୍ମାଣ କାର୍ଯ୍ୟର ସଠିକ୍ ଭାବେ ତଦାରଖ କରାଯିବା ନିମନ୍ତେ ଜନସାଧାରଣ ଦାବୀ କରିଛନ୍ତି । ତେବେ ଏ ବିଷୟରେ ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ବିଭାଗର ନିର୍ବାହୀ ଯନ୍ତ୍ରୀଙ୍କୁ ୯୪୩୭୨୫୫୩୬୩ରେ ଯୋଗାଯୋଗ କରାଯିବାରୁ ପୋଲକୁ ନେଇ ଅନେକ ଷ୍ଟୋରୀ ରହିଛି । ପୋଲର ନିର୍ମାଣ କାର୍ଯ୍ୟ ବନ୍ଦ ରହିଥିଲା । ତେବେ ଏହି ୧୫ ଦିନ ହେବ କାର୍ଯ୍ୟ ଆରମ୍ଭ ହୋଇଛି । ବର୍ଷା ଦିନ ପୂର୍ବରୁ ରାସ୍ତାଟି ସମ୍ପୂର୍ଣ୍ଣ ହୋଇ ନ ପାରିଲେ ମଧ୍ୟ ଗାଡ଼ି ଯିବା ଆସିବା କରିପାରିବା ଭଳି ରାସ୍ତାଟିଏ ନିର୍ମାଣ କାର୍ଯ୍ୟ ଶେଷ ହେବ ବୋଲି କହିଛନ୍ତି ।

MAHARISHI PUBLIC SCHOOL

2021-2022



ADMISSION OPEN

Maharishi Public School, Baripada

STD-NURSERY TO VIII

ENROLL YOUR CHILD TODAY

(Special discount for new admission before 15.03.2021)

Find the Difference
- Small Classes
- Experienced, trained & loving teachers.
- Individual attention to each child.
- Regular meditation and yoga.
- Unique exam system, evaluation & Principles etc.

25% reservation as per RTE Act (2009)

MAHARISHI PUBLIC SCHOOL
Baghra Road, Baripada
For details
Contact :
Call-9438102188, 06792-255227
Time : 8.00 A.M. to 12.00 noon
E-mail- mps.bpd@gmail.com
Find us on Facebook.com/Mps, Baripada








# ଟି ଟାଇମ୍

## ଭୂତଙ୍କ ମେଳା

ମେଳା ତ ଅନେକ ରହିଥାଏ। ମେଳାକୁ ଆକର୍ଷଣୀୟ କରିବା ପାଇଁ କେତେକ ସ୍ଥାନରେ ଗୋରୁଗାଈ ତ ଆଉ କେଉଁଠି କଣ୍ଢେଇ, ଖେଳନାମାନ ବିକ୍ରି କରାଯାଇଥାଏ। ହେଲେ ଭୂତମାନଙ୍କୁ ନେଇ କେବେ କୌଣସି ମେଳା ହେଉଥିବା ବିଷୟରେ ଶୁଣିଛନ୍ତି। କିନ୍ତୁ ଏପରି ଏକ ମେଳା ମିର୍ଜାପୁରର କୋହରୋରାର ବରହି ଗ୍ରାମରେ ବେଚୁବୀର ବାବାଙ୍କ ସମାଧି ଉପରେ ହୋଇଥାଏ। ଏହି ମେଳାରେ ଭୂତ, ପ୍ରେତ ଏବଂ ଡାହାଣୀମାନଙ୍କର ମେଳା ହୋଇଥାଏ। ଅନ୍ଧବିଶ୍ୱାସ ସହିତ ଜଡ଼ିତ ଏହି ମେଳାରେ ଭୂତ-ପ୍ରେତଙ୍କ ପ୍ରକୋପରୁ ଲୋକମାନଙ୍କୁ ମୁକ୍ତି ଦିଆଯାଇଥାଏ। ଅନ୍ଧବିଶ୍ୱାସର ଏ ସମସ୍ତ ଖେଳ ସ୍ଥାନୀୟ ପୋଲିସ କର୍ମଚାରୀମାନଙ୍କ ସାମ୍ନାରେ ହୋଇଥାଏ। ଏହି ମେଳା ୩୫୦ବର୍ଷରୁ ହୋଇଆସିଲାଣି। ଅନ୍ଧବିଶ୍ୱାସର ଏହି ମେଳାରେ ଅଭିଯୋଗ ନେଇ ମଣିଷମାନେ ଆସିଥାନ୍ତି। ଯଦି କୌଣସି ବ୍ୟକ୍ତିଙ୍କ ଉପରେ ଭୂତ କିମ୍ବା ପ୍ରେତଙ୍କର ପ୍ରଭାବ ରହିଥାଏ ତେବେ ତାଙ୍କୁ ଏହି ସଂକଟରୁ କେବଳ ବେଚୁବିର ବାବା ହିଁ ମୁକ୍ତ କରିପାରିବେ। ଏଠାକୁ ଅନେକ ଦୂର ଦୂରାନ୍ତରୁ ଲୋକମାନେ ଚିକିତ୍ସା କରିବା ପାଇଁ ଆସିଥାନ୍ତି। ବେଚୁ ବାବାଙ୍କ ସମାଧିର ଦେଖାଶୁଣା ତାଙ୍କର ଏହି ଛଅ ବଶଂଜ କରିଥାନ୍ତି। ଏଠାରେ ଭୂତ-ପ୍ରେତଙ୍କ ବ୍ୟତୀତ ନିଃସନ୍ତାନ ଲୋକମାନେ ମଧ୍ୟ ଆସିଥାନ୍ତି।

## ୧୦୬୮ଟଙ୍କାର କିଟ୍‌କାଟ୍

ଯଦି ଆପଣ ଚକୋଲେଟ୍ ଖାଇବାର ସୌଖୀନ୍ ତେବେ ଆପଣଙ୍କ ପାଇଁ ଏକ ବଡ଼ ଖୁସି ଖବର। ପ୍ରସିଦ୍ଧ କମ୍ପାନୀ ନେସ୍‌ଲେ ଜାପାନରେ ଗୋଟିଏ ନୂଆ ପ୍ରଡ଼କ୍ଟ ଲଞ୍ଚ କରିଛନ୍ତି । ଏହି ପ୍ରଡ଼କ୍ଟ ହେଉଛି ଗୋଟିଏ ଚକୋଲେଟ୍। କିନ୍ତୁ ଏହା ଏକ ସାଧାରଣ ଚକୋଲେଟ୍ ନୁହେଁ। ସୁନାରେ ପ୍ରସ୍ତୁତ ଚକୋଲେଟ୍। ନେସ୍‌ଲେ ଏହି ଚକୋଲେଟ୍‌ର ଉତ୍ପାଦନ କମ୍ପାନୀର ଚକଲେଟ୍ରୀ ବୁଟିକ୍ ପାଇଁ କରିଛନ୍ତି । ଏହାକୁ ଖାଇବା ଯୋଗ୍ୟ କରିବା ପାଇଁ ସେଥିରେ ସୁନାରେ ପତଳା କୋର୍ଟ ଦିଆଯାଇଛି । ଏବେ ଚକୋଲେଟ୍‌କୁ ଓ୍ୱାନ୍ ଫିଙ୍ଗର କିଟ୍‌କାଟ୍ ଚକୋଲେଟ୍ ଆକାରରେ ଲଞ୍ଚ କରାଯାଇଛି । ମିଳିଥିବା ସୂଚନା ଅନୁଯାୟୀ କମ୍ପାନୀ ଡିସେମ୍ବରର ଶେଷ ଆଡ଼କୁ ୫୦୦ ଚକୋଲେଟ୍‌କୁ ଜାପାନ୍‌ର ୮ଟି କିଟ୍‌କାଟ୍ ବୁଟିକ୍‌ରେ ବିକ୍ରି କରିବେ



। ସୁନାର ପରସ୍ତ ପଡ଼ିଥିବା ଏହି ଚକୋଲେଟ୍‌ର ଜାପାନ ମୂଲ୍ୟ ୨,୦୧୬ୟେନ୍(୧୬ଡଲାର) ଦାମରେ ବିକ୍ରି କରାଯିବ । ଯାହାର ଭାରତୀୟ ମୂଲ୍ୟ ୧.୦୬୮ଟଙ୍କା ହେବ । ଜାପାନରେ ନେସଲେ ୩୦ପ୍ରକାରର କିଟ୍‌କାଟ୍ ବିକ୍ରି କରିଥାଏ ।

## ଖରିଫ୍ ଧାନ ସଂଗ୍ରହ ପାଇଁ ଚାଷୀ ନାମପଂଜୀକରଣରେ ୧୩ ପ୍ରତିଶତ ବୃଦ୍ଧି

ଭୁବନେଶ୍ୱର,(ପିଏନ)-୨୦୨୦-୨୧ ଖରିଫ୍ ବିପଣନ ଋତୁରେ ମୂଲ୍ୟ ସହାୟକ ଯୋଜନାରେ ଖରିଫ୍ ଧାନ ସଂଗ୍ରହ ନିମନ୍ତେ ଚାଷୀ ନାମ ପଂଜୀକରଣ ଗତବର୍ଷ ତୁଳନାରେ ଉଲ୍ଲେଖନୀୟ ୧୩ ପ୍ରତିଶତ ବୃଦ୍ଧି ପାଇଛି । ୨୦୨୦-୨୧ ଖରିଫ୍ ଧାନ ସଂଗ୍ରହ ପାଇଁ ଅଦ୍ୟାବଧି ମୋଟ ୧୪ ଲକ୍ଷ ୨ ହଜାର ୨୦୫ ଜଣ ଚାଷୀ ଅନ୍ ଲାଇନ୍ ଜରିଆରେ ସେମାନଙ୍କ ନାମ ପଂଜୀକରଣ କରିଛନ୍ତି। ଗତବର୍ଷ ୨୦୧୯-୨୦ ଖରିଫ୍ ଧାନ ନିମନ୍ତେ ୧୨ ଲକ୍ଷ ୩୫ ହଜାର ୯୦୮ ଜଣ ଚାଷୀ ନାମ ପଂଜୀକରଣ କରିଥିଲେ ।
କୋଭିଡ୍-୧୯ ସ୍ଥିତିରେ ସରକାରଙ୍କ ସମସ୍ତ ମାର୍ଗଦର୍ଶିକା ଓ ସାମାଜିକ ଦୂରତ୍ୱ ଅନୁପାଳନ କରି ବିଭାଗ ଦ୍ୱାରା ପ୍ୟାକ୍ସ ଓ ଲ୍ୟାମ୍ପସ୍ ମାଧ୍ୟମରେ ଚାଷୀ ନାମ ପଂଜୀକରଣ କାର୍ଯ୍ୟ ସୁରୁଖୁରୁରେ କରାଯାଇପାରିଛି ଏବଂ ଗତବର୍ଷ ତୁଳନାରେ ୧ ଲକ୍ଷ ୬୬ ହଜାର ୨୯୭ ଜଣ ଅଧିକ ଚାଷୀ ସେମାନଙ୍କ ଖରିଫ୍ ଧାନ ବିକିବା ନିମନ୍ତେ ନାମ ପଂଜୀକରଣ କରିଥିବାରୁ ଖାଦ୍ୟଯୋଗାଣ ଓ ଖାଉଟି କଲ୍ୟାଣ, ସମବାୟ ମନ୍ତ୍ରୀ ଶ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ସମସ୍ତ କୃଷକ ଭାଇ ଏବଂ ବିଭାଗୀୟ ଅଧିକାରୀ ଓ କର୍ମଚାରୀଙ୍କୁ ସାଧୁବାଦ ଜଣାଇଛନ୍ତି। ରାଜ୍ୟର ୩୦ଟି ଜିଲ୍ଲାରେ ଖରିଫ୍ ଧାନ ସଂଗ୍ରହ ନିମନ୍ତେ ୨୮୫୨ଟି ପ୍ୟାକ୍ସ ଜରିଆରେ ନାମ ପଂଜୀକରଣ କାର୍ଯ୍ୟ କରାଯାଉଛି। ୨୦୨୦-୨୧ ଖରିଫ୍ ଧାନ ସଂଗ୍ରହ ନିମନ୍ତେ ରାଜ୍ୟର ପ୍ରାୟ ପ୍ରତିଟି ଜିଲ୍ଲାରେ ଗତବର୍ଷ ତୁଳନାରେ ନାମ ପଂଜୀକରଣ ସଂଖ୍ୟା ବୃଦ୍ଧି ପାଇଥିବାବେଳେ ନୂଆପଡ଼ା ଜିଲ୍ଲାରେ ଉଲ୍ଲେଖନୀୟ ୩୫ ପ୍ରତିଶତ ବୃଦ୍ଧିପାଇଛି । ଏତଦ୍ ବ୍ୟତୀତ ବଲାଙ୍ଗୀର ଓ ଯାଜପୁର ଜିଲ୍ଲାରେ ୨୯ ପ୍ରତିଶତ ବୃଦ୍ଧି ପାଇଥିବାବେଳେ ମୟୂରଭଞ୍ଜ ଜିଲ୍ଲାରେ ୨୮ ପ୍ରତିଶତ, ଝାରସୁଗୁଡ଼ାରେ ୨୩ ପ୍ରତିଶତ, ଦେବଗଡ଼ରେ ୨୨ ପ୍ରତିଶତ, ଭଦ୍ରଖରେ ୨୦ ପ୍ରତିଶତ, ଢେଙ୍କାନାଳରେ ୧୯ ପ୍ରତିଶତ, ଅନୁଗୋଳ, ଜଗତସିଂହପୁର ଓ କୋରାପୁଟରେ ୧୮ ପ୍ରତିଶତ ଲେଖାଏଁ ନାମ ପଂଜୀକରଣ ବୃଦ୍ଧି ପାଇଛି। ସେହିପରି କଟକ ଜିଲ୍ଲାରେ ଚାଷୀ ନାମ ପଂଜୀକରଣ ୧୭ ପ୍ରତିଶତ, ସମ୍ବଲପୁରରେ ୧୬ ପ୍ରତିଶତ, ବାଲେଶ୍ୱର ୧୫ ପ୍ରତିଶତ, ବରଗଡ଼ରେ ୧୫ ପ୍ରତିଶତ ଏବଂ ସୁନ୍ଦରଗଡ଼ରେ ୧୩ ପ୍ରତିଶତ ବୃଦ୍ଧି ପାଇଛି।

# ପୁରାଣ କାହାଣୀ

## ହଜିଯାଇଥିବା ଜିନିଷ ଖୋଜି ଆଣିବ ସୁଦର୍ଶନ ଚକ୍ର



ଜୀବନରେ କୌଣସି ଜିନିଷ ହଜିଯିବା, କେଉଁଠି ରଖି ଭୁଲିଯିବା, ହଜିଯାଇଥିବା ଜିନିଷ ଖୋଜିଲେ ନ ମିଳିବା ଆଦି ସମସ୍ୟା ସ୍ୱାଭାବିକ୍ ଭାବେ ଘଟିଥାଏ । ଯାହା ମନକୁ ଭାରାକ୍ରାନ୍ତ କରିଦିଏ। ଏଭଳି ପରିସ୍ଥିତିରେ କାର୍ତ୍ତବିର୍ଯ୍ୟାର୍ଜୁନ୍ ରାଜା ଯିଏ ହେୟ ବଂଶର ତଥା ଭଗବାନ ବିଷ୍ଣୁଙ୍କ ସୁଦର୍ଶନ ଚକ୍ରର ଅବତାର ବୋଲି କୁହାଯାଇଥାଏ। ତାଙ୍କର ସାଧନା କରିବା ଦ୍ୱାରା ଏହି ସବୁ ସମସ୍ୟାରୁ ତୁରନ୍ତ ମୁକ୍ତି ମିଳିଥାଏ। ପୁରାଣରେ ବର୍ଣ୍ଣିତ ହୋଇଛି ଯେ ସୁଦର୍ଶନ ଚକ୍ର ଯେ କୌଣସି ଦିଗକୁ ଯାଇ ହଜିଥିବା ଜିନିଷ ଖୋଜି ଆଣିବାରେ ସାହାଯ୍ୟ କରିଥାଏ। ଏହାର ସାଧନା ପାଇଁ ଦୀପ ଜଳାଇ ପୂର୍ବ ଅଥବା ଉତ୍ତର ଦିଗ ପଟକୁ ମୁହଁ କରି ବସନ୍ତୁ। ହଜିଯାଇଥିବା ଜିନିଷକୁ ଭାବନାରେ ଆଣି ଭଗବାନ ବିଷ୍ଣୁଙ୍କର ସୁଦର୍ଶନ ରୂପକୁ ସ୍ମରଣ କରି ଧ୍ୟାନ କରନ୍ତୁ ।

## ନ୍ୟୁଡ ସେଲଫି ବଦଳରେ ମିଳୁଛି ଋଣ

ବେଙ୍କିଂ ସାଧାରଣତଃ ଋଣ ପ୍ରଦାନ ସମୟରେ ବ୍ୟାଙ୍କ କର୍ତ୍ତୃପକ୍ଷ ଘର କିମ୍ବା ଜମି ପଟ୍ଟାକୁ ବନ୍ଧକ ରଖିଥାନ୍ତି। ହେଲେ ଚୀନର ଏକ ବ୍ୟାଙ୍କ ଗ୍ୟାରେଣ୍ଟି ବାବଦରେ ଝିଅଙ୍କ ଅଶ୍ଳୀଳ ଫଟୋକୁ ଗ୍ରହଣ କରୁଛି। ସର୍ତ୍ତ ରହିଛି ଯଦି ସଠିକ ସମୟରେ ଋଣ ପରିଶୋଧ କରାନଯାଏ ତେବେ ଏହି ଫଟୋକୁ ସାର୍ବଜନୀନ କରାଯିବ। ଚୀନରେ ଜିଏଦାଇବାଓ ନାମକ ଏକ କମ୍ପାନୀ ଲୋକଙ୍କୁ ବ୍ୟବସାୟ ଏବଂ ଆବଶ୍ୟକୀୟ ସାମଗ୍ରି କ୍ରୟ ପାଇଁ ଅନଲାଇନରେ ଋଣ ପ୍ରଦାନ କରୁଛି। ତେବେ ଋଣ ପାଇଁ ଗ୍ୟାରେଣ୍ଟର ଭାବେ ଝିଅ



ପିଲାଙ୍କୁ ଅନଲାଇନରେ ନ୍ୟୁଡ ଫଟୋ ଦେବାକୁ କୁହାଯାଉଛି। ଏଥିରେ ଝିଅମାନେ ନିଜ ପରିଚୟ ପତ୍ର ସହ ଫଟୋ ଦେଉଛନ୍ତି। କୁହାଯାଇଛି ଯେ ଯଦି ସଠିକ ସମୟରେ ଋଣ ଅର୍ଥ ପୈଠ ନହୁଏ ତେବେ ଏହି ଫଟୋ ପରିବାର ଏବଂ ପରିଚିତ ଲୋକମାନଙ୍କୁ ପଠାଇବା ସହ ସୋସିଆଲ ସାଇଟରେ ମଧ୍ୟ ସେୟାର କରାଯିବ। କମ୍ପାନୀଟି ୩୦% ସାପ୍ତାହିକ ସୁଧରେ ଏହି ଅର୍ଥ ଆବଶ୍ୟକୀୟ ଲୋକଙ୍କୁ ପ୍ରଦାନ କରୁଛି। ମିଳିଥିବା ସୂଚନା ଅନୁସାରେ ଏହି କମ୍ପାନୀଟି ଅଦ୍ୟାବଧି ୧୬୦ଜଣ ଝିଅଙ୍କ ଫଟୋକୁ ସୋସିଆଲ ସାଇଟରେ ଛାଡି ସାରିଲେଣି। ଘଟଣାକୁ ନେଇ ବିଶ୍ୱବ୍ୟାପୀ ତୀବ୍ର ପ୍ରତିକ୍ରିୟା ଆରମ୍ଭ ହୋଇଥିଲା ବେଳେ କମ୍ପାନୀକୁ ବନ୍ଦ କରିବା ପାଇଁ ଦାବି ତେଜିଲାଣି।

## ଖାତାକୁ ଆସିଲା ୩୧କୋଟି, ଗହଣା ଏବଂ କପଡ଼ା ପାଇଁ କରିଦେଲେ ଖର୍ଚ୍ଚ

ସିଡନୀ ଭାରତରେ ନୋଟବନ୍ଦ ନିଷ୍ପତ୍ତି କାରଣରୁ ଅନେକ କଳାଧନକୁ ଧଳା କରିବା ପାଇଁ ଅନ୍ୟମାନଙ୍କ ଆକାଉଣ୍ଟରେ ଅର୍ଥ ଜମା କରୁଥିବା ଘଟଣା ଏବେ ଦେଖିବାକୁ ମିଳୁଛି। ସେହିପରି ଭୁଲରେ ମଧ୍ୟ ବ୍ୟାଙ୍କ



ଅଧିକାରୀମାନେ ଜଣଙ୍କ ସ୍ଥାନରେ ଅନ୍ୟଜଣଙ୍କ ଆକାଉଣ୍ଟରେ ଟଙ୍କା ଜମା କରିଦେଉଛନ୍ତି। ବ୍ୟାଙ୍କର ଏହି ତ୍ରୁଟି ଯୋଗୁ ଜଣେ ଛାତ୍ରଙ୍କୁ କୋର୍ଟର ଚକ୍କର କାଟିବାକୁ ପଡିଛି। ମାମଲାଟି ୨୦୧୨ ମସିହାର। ବ୍ୟାଙ୍କ ପକ୍ଷରୁ ଭୁଲରେ ମାଲେସିଆର ଜଣେ ୨୧ବର୍ଷୀୟ ଛାତ୍ରୀ କ୍ରିଷ୍ଟିନାଙ୍କ ଖାତାକୁ ଆସିଥିଲା ୩୧କୋଟି ଟଙ୍କା। ୨୦୧୪ ଜୁଲାଇ ମାସରେ ଏ ସମ୍ପର୍କରେ କ୍ରିଷ୍ଟିନା ଜାଣିପାରିଥିଲେ। ପରେ ଏହି ଟଙ୍କାରେ ସେ ଗହଣା,ପ୍ରଶାଧନ ସାମଗ୍ରିଓ ଅନ୍ୟାନ୍ୟ ଅତ୍ୟାବଶ୍ୟକ ଜିନିଷ କ୍ରୟ କରିଥିଲେ। ଏପରିକି ଗୋଟିଏ ଦିନ ସେ ଦେଢକୋଟି ଟଙ୍କାର କିଣାବିକା କରିଥିଲେ। ଗତବର୍ଷ ଏହି ତ୍ରୁଟି ସମ୍ପର୍କରେ ବ୍ୟାଙ୍କ କର୍ତ୍ତୃପକ୍ଷ ଅବଗତ ହେବାପରେ କ୍ରିଷ୍ଟିନାଙ୍କୁ ଫୋନ କରି ତୁରନ୍ତ ଟଙ୍କା ଫେରାଇବା ପାଇଁ ଅନୁରୋଧ କରିଥିଲେ। ହେଲେ କ୍ରିଷ୍ଟିନା କହିଥିଲେ ଯେ ମୁଁ ଭାବିଥିଲି ଏହି ଟଙ୍କା ମୋତେ ମୋ ବାପା ପଠାଇଛନ୍ତି। ପରେ ଘଟଣାଟି କୋର୍ଟରେ ପହଞ୍ଚିଥିଲା। ଗତ ମଙ୍ଗଳବାର ଦିନ ଡାଉନିଂ ସେଣ୍ଟର କୋର୍ଟରେ କ୍ରିଷ୍ଟିନା ଉପସ୍ଥିତ ହୋଇ ନିଜ ଯୁକ୍ତି ରଖିଥିଲେ। ପରେ ଏହି ମାମଲାରେ କୋର୍ଟ ତାଙ୍କୁ ସମ୍ମାନର ସହ ମୁକ୍ତି କରିଛି।

## ସନ୍ତାନ ଓ ଚାକିରି ଛାଡ଼ି ଆଇଏସ ବିରୋଧରେ ବନ୍ଧୁକ ଉଠାଇଲେ ମହିଳା

ସିରିୟାର ବେବିଲୋନିଆ ତାଙ୍କର ଦୁଇ ସନ୍ତାନ



ଓ ହେୟାର ଡ୍ରେସର ଚାକିରି ଛାଡି ଦୁର୍ଦ୍ଧର୍ଷ ଆତଙ୍କବାଦୀ ସଂଗଠନ ଆଇଏସଆଇଏସ ବିରୋଧରେ ବନ୍ଧୁକ ଉଠାଇଛନ୍ତି। ସେ ଆଇଏସ ବିରୋଧରେ ଲଢୁଥିବା ଖ୍ରୀଷ୍ଟିଆନ ଫିମେଲ ପ୍ରୋଟେକସନ ଗ୍ରୁପରେ ସାମିଲ ହୋଇଛନ୍ତି। ୩୬ ବର୍ଷୀୟା ବେବିଲୋନିଆ ସିରିୟାର ଉତ୍ତର-ପୂର୍ବରେ ହଶକାହ ପ୍ରଦେଶରେ ଖ୍ରୀଷ୍ଟିଆନ ସଂଖ୍ୟାଲଘୁ ସଂପ୍ରଦାୟର ମହିଳା। ଏହି ଗ୍ରୁପରେ ୫୦ ମହିଳା ଅଛନ୍ତି ଏବଂ ଏମାନଙ୍କ ପ୍ରଶିକ୍ଷଣ ଶିବିର ସିରିୟାର ଅଲ-କହତନିଏ ସହରରେ ରହିଛି। ବେବିଲୋନିଆ କହିଛନ୍ତି ପିଲାଙ୍କ ଭବିଷ୍ୟକୁ ସୁରକ୍ଷିତ କରିବା ପାଇଁ ସେ ଆଇଏସଆଇଏସ ବିରୋଧରେ ଅସ୍ତ୍ର ଉଠାଇଛନ୍ତି। ସିରିୟାରେ ୮୯ହଜାର ଖ୍ରୀଷ୍ଟିଆନ ବସବାସ କରୁଥିଲେ ହେଁ ଆଇଏସ ଆତଙ୍କବାଦୀଙ୍କ ଭୟରେ ଏମାନଙ୍କ ସଂଖ୍ୟା ଦ୍ରୁତ ହ୍ରାସ ପାଉଛି।

# ଆଜିର ଭାଗ୍ୟ

**ମେଷ** — କାର୍ଯ୍ୟ ହାସଲ କ୍ଷେତ୍ରରେ ଜଣେ ପୂର୍ବତନ ବନ୍ଧୁ ସାହାଯ୍ୟ କରିବେ। ଆନୁଷ୍ଠାନିକ କାମରେ ସଫଳତା ପାଇବେ। ବ୍ୟବସାୟରେ ସାମାନ୍ୟ କ୍ଷତି ହୋଇପାରେ। ପରିବହନରେ ଉନ୍ନତି କରିବେ। ମହିଳାଙ୍କ ଭାତୃ ସମ୍ପର୍କ ବୃଦ୍ଧି ପାଇବ।

**ବୃଷ** — ଅନ୍ୟମାନଙ୍କୁ ନିଜ ଆଡକୁ ଆକର୍ଷିତ କରିବା ପାଇଁ ବିଭିନ୍ନ ପ୍ରକାର ଚେଷ୍ଟା କରିବେ। ବନ୍ଧୁଙ୍କର ସହାନୁଭୂତି ଲାଭ କରିପାରନ୍ତି। ସ୍ଥଗିତ କାମକୁ ତ୍ୱରାନିତ କରିବେ। ମହିଳାମାନେ ସାଥିଙ୍କ ବାଟକୁ ଚାହିଁ ବସିବେ। ଦୂର ସ୍ଥାନକୁ ଭ୍ରମଣ ଯୋଗ ରହିଛି।

**ମିଥୁନ** — କର୍ମକ୍ଷେତ୍ରରେ କେତେକ ଦିଗରୁ ଚାପର ସମ୍ମୁଖୀନ ହୋଇପାରନ୍ତି। ଧୈର୍ଯ୍ୟ ହରାନହୋଇ ପରିସ୍ଥିତିର ସାମ୍ନ କରିବେ। ସାମ୍ବାଦିକତା କ୍ଷେତ୍ରରେ ପ୍ରତିବନ୍ଧକର ସମ୍ମୁଖୀନ ହେବେ। ବ୍ୟବସାୟରେ ବନ୍ଧୁ ସମ୍ପର୍କ ପ୍ରେ ଓ ପ୍ରଣୟ କ୍ଷେତ୍ରରୁ ଅନୁକୂଳ ଫଳ ମିଳିବ।

**କର୍କଟ** — ବନ୍ଧୁଙ୍କ ନିକଟୁ ସାହାଯ୍ୟ ପଅତିଶୃତି ପାଇ ଆସ୍ୱସ୍ତି ଅନୁଭବ କରିବେ। ପାରିବାରିକ ଅସ୍ଥିରତା ଓ ଅର୍ଥାଭାବ ପାଇଁ ମାନସିକ ଦ୍ୱନ୍ଦ ଭିତରେ ସମୟ କଟାଇବେ। ଆମ୍ୱିୟମାନଙ୍କ ପରାମର୍ଶ ନେଇ କାର୍ଯ୍ୟ କ୍ଷେତ୍ରରେ ଉପକୃତ ହେବେ।

**ସିଂହ** — ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କ ଉପରେ ନିର୍ଭର କରିବାକୁ ପଡିପାରେ। କର୍ମକ୍ଷେତ୍ରରେ ନୂତନ ଯୋଜନା ଆରମ୍ଭ କରିପାରନ୍ତି। ବକେୟା ଟଙ୍କା ମିଳିବାର ଯୋଗ ରହିଛି। ପ୍ରତିଷ୍ଠିତ ବ୍ୟକ୍ତିଙ୍କ ପରୋକ୍ଷରେ ସାହାଯ୍ୟ ପ୍ରାପ୍ତି ହୋଇପାରେ।

**କନ୍ୟା** — ହଠାତ୍ ଅର୍ଥ ସମ୍ପର୍କକୁ ନେଇ ଭାତୃ ବିବାଦ ଦେଖାଦେଇପାରେ। ପ୍ରେମରେ ପ୍ରତାରଣା ପାଇ କର୍ମକ୍ଷେତ୍ରରେ ପରିସ୍ଥିତିର ଚାପ ବୃଦ୍ଧି ପାଇବ। ସାମାନ୍ୟ ଶାରୀରିକ ଅସୁସ୍ଥତା ଅନୁଭବ କରିବେ। ମହିଳାଙ୍କ କ୍ଷେତ୍ରରେ ବିଭିନ୍ନ ପ୍ରକାରର ଶତ୍ରୁମାନେ କଟୁ କଥା କହିବେ।

**ତୁଳା** — ଇଚ୍ଛା ନଥିଲେ ମଧ୍ୟ ସମୟ ଓ ପରିସ୍ଥିତିକୁ ନେଇ ବନ୍ଧୁଙ୍କ ସହ ବିତର୍କ ସୃଷ୍ଟି ହୋଇପାରେ। ନିଜ ଲୋକମାନେ ଈର୍ଷା ପରାୟଣ ହୋଇ ପରିସ୍ଥିତିକୁ ଜଟିଳ ରୂପ ଦେବାରେ ସମର୍ଥ ହେବେ। ଅର୍ଥ ସଂଗ୍ରହରେ ତତ୍ପରତା ପ୍ରକାଶ କରିବେ।

**ବିଛା** — ପଡୋଶୀଙ୍କ ସହ ସମ୍ପର୍କ ମଧୁର ରଖିବାକୁ ଚେଷ୍ଟା କରିବେ। ବନ୍ଧୁଙ୍କ ସହ ସୌହାର୍ଦ୍ଦ୍ୟପୂର୍ଣ୍ଣ ଆଲୋଚନାରୁ ମନ ଖୁସି ରହିବ। ବିବାଦୀୟ ପରିସ୍ଥିତିର ଦୃଢ଼ ମୁକାବିଲା କରିବେ। ମହିଳାମାନେ ଭାବ ପ୍ରବଣତା ପ୍ରକାଶ କରିବେ।

**ଧନୁ** — ସୁନ୍ଦର ମଧୁର କଥା କହି ଅନ୍ୟମାନଙ୍କୁ ଆକର୍ଷିତ କରି କାର୍ଯ୍ୟ ହାସଲ କରିବେ। ଶାରୀରିକ ଅସୁସ୍ଥତା ଫେରି ପାଇବ। ପାରିବାରିକ କ୍ଷେତ୍ର, ଯାତ୍ରା ଓ ଦାମ୍ପତ୍ୟ ଜୀବନରୁ ସୁଫଳ ପାଇବେ। ଦୂର ସ୍ଥାନକୁ ଯାତ୍ରା କରିପାରନ୍ତି। ମହିଳାଙ୍କ ମନୋବଳ ଦୃଢ଼ ରହିବ।

**ମକର** — କୌଣସି ଅପରିଚିତ ବ୍ୟକ୍ତିଙ୍କ ଦ୍ୱାରା ଗୁରୁତ୍ୱ ପୂର୍ଣ୍ଣ କାର୍ଯ୍ୟ ହସଲ କରିବେ। ଭାବୁଥିବା କାମଟିକୁ ସମ୍ପୂର୍ଣ୍ଣ କରିବା ପାଇଁ ବନ୍ଧୁଙ୍କର ସାହାଯ୍ୟ ଭିକ୍ଷ୍ୟା କରିବେ। ଦାମ୍ପତ୍ୟ ଜୀବନରେ ତିକ୍ତତା ଦେଖାଦେଇପାରେ। ମହିଳାମାନେ ଅଶାନ୍ତି ରହିବେ।

**କୁମ୍ଭ** — ଯେତେ ତ୍ୟାଗ ସ୍ୱିକାର କଲେ ମଧ୍ୟ ବନ୍ଧୁ ସହକର୍ମୀ ଓ ପଡୋଶୀଙ୍କର ଭୁଲ୍ ଧାରଣାକୁ ବଦଳାଇ ପାରିବେ ନାହିଁ। ଆୟ ଅପେକ୍ଷା ବ୍ୟୟ କ୍ରମଶଃ ବୃଦ୍ଧି ପାଇବ। ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ପାଇଁ ଚିନ୍ତିତ ରହିବେ। ଆକସ୍ମିକ ଭାବେ ଉପହାର ଦ୍ରବ୍ୟ ଲାଭ ହୋଇପାରେ।

**ମୀନ** — କର୍ମକ୍ଷେତ୍ରରେ ସହଜ ସୁବିଧରେ କାମ ହାସଲ କରିବେ। ବନ୍ଧୁଙ୍କର ଆଦର ମନକୁ ଖୁସି ରଖିବ। ସଭା, ସମିତି, ରାଜନୀତି କ୍ଷେତ୍ରରେ ପ୍ରଶଂସିତ ହେବେ। ମହିଳାମାନେ ଅନ୍ୟଙ୍କ ସେବାରେ ବ୍ୟସ୍ତ ରହିବେ।

## ସୁନ୍ଦର ଆଖି

ମଣିଷ ଶରୀରରେ ଆଖି ହେଉଛି ସବୁଠାରୁ ସୁନ୍ଦର ଭାଗ । ଯାହା ଆପଣଙ୍କ ସୁନ୍ଦରତାକୁ ଆହୁରି ବଢାଇ ଦେଇଥାଏ । ଯଦି ଆପଣ ଆପଣଙ୍କ ଆଖିକୁ ସୁନ୍ଦର କରିବାକୁ ଚାହାନ୍ତି ତେବେ, ସ୍ମୋକି ଆଇଜ୍ ପାଇଁ ସର୍ବଦା ଗ୍ରେ ଏବଂ କଳା ରଙ୍ଗର ଆଇସ୍ୟାଡୋର ମିଶ୍ରଣକୁ କଳା ସହିତ ଲଗାନ୍ତୁ । ଏଥିପାଇଁ ସର୍ବପ୍ରଥମେ ଆଇବ୍ରୋର ତଳ ଭାଗରେ ରହିଥିବା ହାଡରୁ ଟିକେ ତଳକୁ ଆଖିପତାରେ ଗ୍ରେ ରଙ୍ଗର ଆଇସ୍ୟାଡେ ଲଗାନ୍ତୁ । ଏହାପରେ ଆଖିର ତଳ ଏବଂ ଉପର ଦୁଇ ଭାଗରେ କଳା ଲଗାନ୍ତୁ । ଏହା ଆଖିର ସୁନ୍ଦରତା ବଢେଇ ଦେଇଥାଏ ।

## କ୍ଲୋରାମିନ୍ ଯୁକ୍ତ ଖାଦ୍ୟ ହାନିକାରକ

ଆପଣଙ୍କ ଶରୀର ପାଇଁ କ୍ଷତିକାର୍ ସାବ୍ୟସ୍ତ ହୋଇପାରେ। ନିକଟରେ କରାଯାଇଥିବା ଏକ ଗବେଷଣାରୁ ଜଣାଯାଇଛି କ୍ଲୋରାମିନ୍ ଯୁକ୍ତ ଖାଦ୍ୟ ଓ ଲୁଣ ପ୍ରତିକ୍ରିୟା କରି ଏଭଳି ଏକ ହାନିକାରକ ରସାୟନ ନିର୍ମାଣ କରୁଛନ୍ତି, ଯାହା ଆପଣଙ୍କୁ ଡାକ୍ତରଖାନାରେ ପହଞ୍ଚାଇଦେବ। ଗବେଷକମାନେ ଅନେକ ଅଣୁମାନଙ୍କର ସନ୍ଧାନ କରିଛନ୍ତି, ଯାହା ସମ୍ପୂର୍ଣ୍ଣ ନୂଆ ଓ କ୍ଲୋରାମିନ୍ ଯୁକ୍ତ ପାଣି ଓ ଖାଦ୍ୟରେ ଥିବା ଆୟୋଡ଼ିନ୍ ଯୁକ୍ତ ଲୁଣ ମଧ୍ୟରେ



ପ୍ରତିକ୍ରିୟାରୁ ସୃଷ୍ଟି ହୋଇଛନ୍ତି। ପାଣିକୁ ସ୍ୱଚ୍ଛ କରିବା ପାଇଁ ସେଥିରେ କ୍ଲୋରିନ୍ କିମ୍ବା କ୍ଲୋରୋଏମିନ୍‌ର ଅଣୁ ମିଶାଯାଇଥାଏ। ଗବେଷକଙ୍କ ମତରେ ପାଇପ୍ ପାଣିରେ ଉପସ୍ଥିତ ଥିବା କ୍ଲୋରିନ୍ କିମ୍ବା କ୍ଲୋରୋଏମିନ୍ସ ଆୟୋଡ଼ିନ୍ ଲୁଣ ସହ ପ୍ରତିକ୍ରିୟା କରି ହାଇପୋଆୟୋଡ଼ସ୍ ଏସିଡ଼ ନିର୍ମାଣ କରିଥାଏ। ଯାହା ସାଧାରଣତଃ ହାନିକାରକ ନୁହେଁ। କିନ୍ତୁ ଯେତେବେଳେ ଏସିଡ଼ ଖାଦ୍ୟ ରାନ୍ଧିବା ସମୟରେ ପାଇପ୍ ପାଣିରେ ଉପସ୍ଥିତ ଅଣୁ ଓ ଅନ୍ୟ କାର୍ବନିକ୍ ପଦାର୍ଥ ସହିତ ପ୍ରତିକ୍ରିୟା କରିଥାଏ। ସେତେବେଳେ ସେଥିରେ ହାନିକାରକ ଆୟୋଡ଼ିନ୍ ଯୁକ୍ତ ଜୀବାଣୁ ନାଶକ ତିଆରି ହୋଇଥାଏ।

## ଥକ୍କାପଣ ଦୂର କରିବ ପ୍ରୋଟିନ୍ ଖାଦ୍ୟ

ଅଧିକାଂଶ ସମୟ ଲୋକଙ୍କର ଅଭିଯୋଗ ରହିଆସିଛି ଯେ, ସେମାନେ ଅଳ୍ପ କାମ ରେ ଜଲଦି ଥକିପଡ଼ନ୍ତି । କିଛି ବ୍ୟକ୍ତି ଏଭଳି ବି ଅଛନ୍ତି ଯିଏ କିଛି କାମ ନ କରି ମଧ ଥକ୍କା ଅନୁଭବ କରିଥାନ୍ତି। ଶରୀରରେ ଶକ୍ତିର କମି ଫଳରେ ଜଣେ ବ୍ୟକ୍ତି ଥକ୍କା ଅନୁବବ କରିଥାଏ । ତେଣୁ ଶରୀରକୁ ଶକ୍ତିଶାଳୀ ବନାଇବାପାଇଁ ଆପଣ ଆପଣଙ୍କ ଖାଦ୍ୟରେ ଦିନଚର୍ଯ୍ୟାରେ ପ୍ରୋଟିନ୍ ଯୁକ୍ତ ଖାଦ୍ୟ ସାମିଲ କରନ୍ତୁ । ପୂରା ଦିନ ପାଣି କିମ୍ବା କିଛି ତରଳ ପଦାର୍ଥ ପିଇବା ଉଚିତ୍ ।



ପାଣି ଶରୀରର ହାନୀକାରକ ତତ୍ତ୍ୱକୁ ବାହାରକୁ ବାହାର କରି ଶାରୀରିକ ପ୍ରଣାଳୀରେ ନୂତନ ଶକ୍ତି ସୃଷ୍ଟି କରିଥାଏ । ସର୍ବତ, ଫଳରସ, ନଡ଼ିଆ ପାଣି ଭଳି ପାଣି ଜିନିଷ ପିଇବା ଉଚିତ୍ । ଶାରୀରିକ ସତେଜ ରହିବା ପାଇଁ ପ୍ରୋଟୀନ୍ ଯୁକ୍ତ ଖାଦ୍ୟ ନିଜ ଖାଦ୍ୟରେ ଗ୍ରହଣ କରିବା ଉଚିତ୍ । କାବ୍ରୋହାଇଡ୍ରେଟ୍ରୁ ଶରୀରକୁ ଶକ୍ତି ମିଳିଥାଏ। ଫଳମାନଙ୍କ ମଧ୍ୟରେ କମଳା, ଆତାବି, ଲିଚି ଆଦି ଖାଇବା ଉଚିତ୍ । ଏଥିରେ ପ୍ରଚୁର ମାତ୍ରାରେ ଗ୍ଲୁକୋଜ ରହିଥାଏ । କ୍ଷୀରରେ ମହୁ ମିଶାଇ ଓ କଦଳୀର ସେକ୍ ପିଇଲେ ଶରୀରକୁ ଭଲ ଶକ୍ତି ମିଳିଥାଏ । ସବୁଠାରୁ ମହତ୍ତ୍ୱପୂର୍ଣ୍ଣ କଥା ହେଉଛି ଆପଣ ପୂରା ଦିନ ଯେତେ କାମ କରିଲେ ମଧ୍ୟ ୭ରୁ ୮ ଘଣ୍ଟାର ନୀଦ ପୂରା କରିବା ଉଚିତ୍ । ଏଭଳି କଲେ ପର ଆପଣଙ୍କୁ ସଠିକ୍ ଶକ୍ତି ମିଳିପାରିବ ।




# କରୋନାର କରୁଣ ଚିତ୍ର...



ସାରା ବିଶ୍ୱରେ ଏବେ ଦେଖାଦେଇଛି ମହାମାରୀ କରୋନାର ଦ୍ୱିତୀୟ ଲହର। କରୋନାର ପ୍ରଥମ ଲହରଠାରୁ ଏହା ବେଶୀ ଭୟଙ୍କର। ୨୦୨୦ ମସିହା ଫେବୃୟାରୀରୁ ଦେଖାଦେଇଥିବା ମହାମାରୀ କରୋନା କ୍ରମାଗତ ଭାବେ ଗୋଟିଏ ବର୍ଷ ଭୟର ବାତାବରଣ ସୃଷ୍ଟି କରିଚାଲିଥିଲା। ବହୁ ଲୋକଙ୍କ ଜୀବନ ହାନୀ ଘଟିବା ସହ ଲୋକମାନଙ୍କ ଆର୍ଥିକ ମେରୁଦଣ୍ଡ ଭାଙ୍ଗି ପଡ଼ିଥିଲା। ଭାଙ୍ଗି ପଡ଼ିଥିବା ଆର୍ଥିକ ମେରୁଦଣ୍ଡକୁ ସଜାଡ଼ିବାକୁ ପ୍ରସ୍ତୁତ ହେଉଥିବା ବେଳେ କରୋନାର ଦ୍ୱିତୀୟ ଲହର ପ୍ରବେଶ କରିବା ଯୋଗୁଁ ସାରା ବିଶ୍ୱ ପାଇଁ ଘାତକ ସାଜିଛି। ସଂକ୍ରମିତଙ୍କ ସଂଖ୍ୟା ଭୟଙ୍କର ଭାବରେ ବୃଦ୍ଧି ପାଉଛି। କେବଳ ସଂକ୍ରମିତ ବଢୁନି, ଜୀବନ ମଧ୍ୟ ନେଉଛି ଯାହା ସ୍ୱାସ୍ଥ୍ୟ ବିଶେଷଜ୍ଞମାନଙ୍କ ପାଇଁ ଏକ ଚ୍ୟାଲେଞ୍ଜ ସୃଷ୍ଟି କରିଛି। କରୋନାର କରୁଣ ଚିତ୍ରକୁ ଅନୁଧ୍ୟାନ କଲେ ମହାରାଷ୍ଟ୍ର, ଗୁଜୁରାଟ, ପଞ୍ଜାବ, କର୍ଣ୍ଣାଟକ, ତାମିଲନାଡୁ ଓ କେରଳରେ ସଂକ୍ରମଣ ସ୍ଥିତି ଜଟିଳ ହେବାରେ ଲାଗିଛି। କାରଣ କରୋନାର ପ୍ରଥମ ଲହରରେ ରେକର୍ଡ ସଂଖ୍ୟକ ସଂକ୍ରମିତ ସଂଖ୍ୟା ଛୁଇଁବାକୁ ଦୀର୍ଘ ୮ ମାସ ଲାଗିଥିବା ବେଳେ ଦ୍ୱିତୀୟ ଲହରରେ ଏହି ସଂଖ୍ୟା ଅତିକ୍ରମ କରିବାକୁ ମାତ୍ର ୩ ମାସ ଲାଗିଥିଲା। ୨୦୨୦ ଫେବୃୟାରୀରୁ ଦେଖା ଦେଇଥିବା କରୋନାର ରେକର୍ଡ଼ ସଂଖ୍ୟକ ସଂଖ୍ୟା ସେପ୍ଟେମ୍ବର ୧୫ ତାରିଖ ଦିନ ସର୍ବାଧିକ ୯୭ ହଜାର ୫୭୦ ଜଣ ସଂକ୍ରମିତ ଚିହ୍ନଟ ହେବା ରାଜଧାନୀବାସୀଙ୍କ ପାଇଁ ଚିନ୍ତାର କାରଣ ସାଜିଛି। ଏହାରି ମଧ୍ୟରେ ରାଜ୍ୟରେ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ୪ ଲକ୍ଷ ୭ ହଜାର ୪୫୭କୁ ବୃଦ୍ଧି ପାଇଥିବା ବେଳେ ମୃତ୍ୟୁ ସଂଖ୍ୟା୧୯୮୮କୁ ବୃଦ୍ଧି ପାଇଛି। ୩ ଲକ୍ଷ ୫୯ ହଜାର ୪୬୭ ଜଣ ସୁସ୍ଥ ହୋଇଛନ୍ତି ଏବଂ ୪୫ ହଜାର ୯୪୯ ଜଣ ଚିକିତ୍ସିତ ହେଉଛନ୍ତି।

ରାଜ୍ୟରେ ଦୈନିକ ସଂକ୍ରମଣ ସହିତ ମୃତ୍ୟୁ ସଂଖ୍ୟା ବୃଦ୍ଧି ପାଉଥିବାରୁ ଏହାକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର କଟକଣାକୁ ଆହୁରି କଡ଼ାକଡ଼ି କରିଛନ୍ତି। ବିଶେଷକରି ସୁନ୍ଦରଗଡ଼, ଝାରସୁଗୁଡ଼ା, ବରଗଡ଼, ସମ୍ବଲପୁର, କଳାହାଣ୍ଡି, ନୂଆପଡ଼ା, ବଲାଙ୍ଗୀର, କୋରାପୁଟ, ମାଲକାନଗିରି ଓ ନବରଙ୍ଗପୁର ଆଦି ଜିଲ୍ଲାରେ ପୂର୍ବରୁ ସାନ୍ଧ୍ୟ ଆଇନ ରାତି ୧୦ଟାରୁ ସକାଳ ୬ଟା ପର୍ଯ୍ୟନ୍ତ ଲାଗୁ ହୋଇଥିଲା ବେଳେ ଏହାକୁ ପରିବର୍ତ୍ତନ କରି ସନ୍ଧ୍ୟା ୬ଟାରୁ ସକାଳ ୫ଟା ପର୍ଯ୍ୟନ୍ତ ବଳବତ୍ତର ରଖାଯାଇଛି। କଟକ ଭୁବନେଶ୍ୱରରେ ରାତି ୯ଟାରୁ ସକାଳ ୫ଟା ଯାଏ କର୍ଫ୍ୟୁ ଜାରି ହୋଇଛି। ଏହି ସମୟ ମଧ୍ୟରେ କେବଳ ଅତି ଜରୁରୀ ଆବଶ୍ୟକ ସାମଗ୍ରୀ ଏବଂ ଯୋଗାଣକାରୀଙ୍କ ବ୍ୟତୀତ ମିଡ଼ିଆ, ପେଟ୍ରୋଲ ଏବଂ ମେଡ଼ିକାଲ କର୍ମଚାରୀଙ୍କୁ ଯିବା ଆସିବା ପାଇଁ ଅନୁମତି ଦିଆଯାଇଛି। ଏଥିସହିତ ହୋମ ଡ଼େଲିଭରୀ ଯୋଗାଉଥିବା ସଂସ୍ଥାକୁ ଅନୁମତି ମଧ୍ୟ ମିଳିଛି। ଛାତ୍ର ଛାତ୍ରୀଙ୍କ ସ୍ୱାସ୍ଥ୍ୟ ଓ ସୁରକ୍ଷାକୁ ଦୃଷ୍ଟିରେ ରଖି ମାଟ୍ରିକ ପରୀକ୍ଷାକୁ ବାତିଲ କରିଦିଆଯାଇଥିବା ବେଳେ +୨ ପରୀକ୍ଷାକୁ ସ୍ଥଗିତ ରଖାଯାଇଛି। ଏଥିସହିତ ଏପ୍ରିଲ ୧୯ ତାରିଖରୁ ସମସ୍ତ ଶିକ୍ଷାନୁଷ୍ଠାନ ବନ୍ଦ ରଖିବାକୁ ରାଜ୍ୟ ସରକାର ନିଷ୍ପତ୍ତି ଗ୍ରହଣ କରିଛନ୍ତି। ୫୦ ପ୍ରତିଶତ କର୍ମଚାରୀରେ ସରକାରୀ କାର୍ଯ୍ୟାଳୟ ଚାଲିବା ପାଇଁ ଘୋଷଣା କରିବା ସହିତ ଅନ୍ୟ ରାଜ୍ୟକୁ ବସ୍ ଚଳାଚଳ ବନ୍ଦ କରିଦିଆଯାଇଛି। କରୋନାକୁ ପ୍ରତିହତ କରିବା ପାଇଁ ୨୧ ଜଣ ଆଇଏଏସ୍ ଅଫିସରଙ୍କୁ ଦାୟିତ୍ୱ ଦିଆଯାଇଛି।



ହୋଇଥିଲେ। ମାତ୍ର ବାୟୁରୁ ବ୍ୟାପୁଥିବା କରୋନାର ଦିଦ୍ୱୀୟ ଲହରରେ ମାତ୍ର ୩ ମାସ ମଧ୍ୟରେ ୨୦୨୧ ଏପ୍ରିଲ ୨୪ ତାରିଖ ଦିନ ସର୍ବାଧିକ ୩ ଲକ୍ଷ ୪୯ ହଜାର ୬୯୧ କରୋନା ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ୨୭୬୭ ଜଣଙ୍କ ମୃତ୍ୟୁ ଘଟିବା ଦେଶ ପାଇଁ ଏକ ଆହ୍ୱାନ ସୃଷ୍ଟି କରିଛି। ଦୈନିକ କରୋନା ସଂକ୍ରମଣରେ ଭାରତର ଏହା ଏକ ଅଲୋଡ଼ା କୀର୍ତ୍ତି। ନୂଆ ସଂକ୍ରମଣ ସହିତ ସାରା ବିଶ୍ୱରେ ମୋଟ ଆକ୍ରାନ୍ତଙ୍କ ସଂଖ୍ୟା ୧୪ କୋଟି ୭୦ ଲକ୍ଷ ୪୧ ହଜାର ୫୯୨କୁ ବୃଦ୍ଧି ପାଇଥିବା ବେଳେ ମୃତ୍ୟୁ ସଂଖ୍ୟା ୩୧ ଲକ୍ଷ ୧୨ ହଜାର ୩୧୫ରେ ପହଞ୍ଚିଛି। ସେହିପରି ଦେଶରେ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ୧ କୋଟି ୬୯ ଲକ୍ଷ ୬୦ ହଜାର ୧୭୨କୁ ବୃଦ୍ଧି ପାଇଥିବା ବେଳେ, ମୃତ୍ୟୁ ସଂଖ୍ୟା୧ ଲକ୍ଷ ୯୨ ହଜାର ୩୧୧କୁ ବୃଦ୍ଧି ପାଇଛି ଓ ୧ କୋଟି ୪୦ ଲକ୍ଷ ୮୫ ହଜାର ୧୧୦ଜଣ ସୁସ୍ଥ ହୋଇଛନ୍ତି। ୨୬ ଲକ୍ଷ ୮୨ ହଜାର ୭୫୧ ରୋଗୀ ସକ୍ରିୟ ଅଛନ୍ତି। ଏକ ସର୍ଭେରୁ ଜଣାପଡ଼ିଛି ମହାମାରୀ କରୋନା ମୋଟ ୨୧୯ଟି ଦେଶକୁ ଗ୍ରାସ କରିସାରିଛି।

କାରୋନାର ପ୍ରଥମ ପର୍ଯ୍ୟାୟରେ ଲୋକମାନଙ୍କୁ ମାସ୍କ, ସାନିଟାଇଜର, ସାବୁନ ଏବଂ ରନ୍ଧାଖାଦ୍ୟ ଯୋଗାଇ ଦେଇ ସଚେତନ କରୁଥିବା କରୋନା ଯୋଦ୍ଧାମାନେ ଦ୍ୱିତୀୟ ଲହରରେ ଦୃତ ସଂକ୍ରମଣ ଯୋଗୁ ଘରୁ ଗୋଡ଼ କାଢୁନାହାଁନ୍ତି। କାରଣ ପ୍ରଥମ ପର୍ଯ୍ୟାରେ ଯେଉଁ ହାରରେ କରୋନା ଯୋଦ୍ଧା ଓ ସ୍ୱେଚ୍ଛାସେବୀ ସଂଗଠନ ଲୋକମାନଙ୍କୁ ସଚେତନ କରାଉଥିଲେ, ଦ୍ୱିତୀୟ ଲହରରେ ସେମାନଙ୍କ ସଂଖ୍ୟା ବହୁ ପରିମାଣରେ କମିଯାଇଛି। କରୋନାରୁ ରକ୍ଷା ପାଇବା ପାଇଁ ୪୫ ବର୍ଷରୁ ଉର୍ଦ୍ଧ୍ୱ ବ୍ୟକ୍ତିମାନଙ୍କୁ ପ୍ରଥମ ଓ ଦ୍ୱିତୀୟ ପର୍ଯ୍ୟାୟରେ ଟୀକା ଦିଆଯାଉଛି। ବର୍ତ୍ତମାନ ସୁଦ୍ଧା ୧୨ କୋଟି ୭୧ ଲକ୍ଷ, ୨୯ ହଜାର ୧୧୩ ଜଣରୁ ଉର୍ଦ୍ଧ୍ୱ ଲୋକ ଟୀକା ନେଇସାରିଲେଣି। ସରକାରଙ୍କ ତରଫରୁ ମେ ମାସ ୧ ତାରିଖରୁ ୧୮ ବର୍ଷରୁ ଉର୍ଦ୍ଧ୍ୱ ବ୍ୟକ୍ତିମାନଙ୍କୁ ଟୀକା ଦେବା ପାଇଁ ନିଷ୍ପତ୍ତି ନିଆଯାଇଛି। ତଥାପି ଏହା କରୋନା ଉପରେ କୌଣସି ପ୍ରଭାବ ପକାଇବାର ପରିଲକ୍ଷିତ ହୋଇନାହିଁ। କରୋନା ଏକ ଏଭଳି ରୋଗ ଯାହା ଆଜି ପର୍ଯ୍ୟନ୍ତ ବୈଜ୍ଞାନିକ ଏହି ରୋଗ ବିଷୟରେ ସଠିକ୍ ତଥ୍ୟ ଦେଇପାରି ନାହାଁନ୍ତି କି ଏହାର ନିରାକରଣ ପାଇଁ ଏପର୍ଯ୍ୟନ୍ତ ପ୍ରତିଷେଧକ ଔଷଧ ତିଆରି ହୋଇପାରି ନାହିଁ। ଯେଉଁଥି ପାଇଁ କରୋନା ଯୋଦ୍ଧାମାନେ ଲୋକଙ୍କ ନିକଟରେ ପହଞ୍ଚି ସଚେତନ କରିବାକୁ ଆଉ ସାହସ କରୁନାହାଁନ୍ତି।

ଅନ୍ୟ ରାଜ୍ୟ ତୁଳନାରେ ଯଦିଓ ଓଡ଼ିଶାରେ କରୋନା ସଂକ୍ରମଣ ନିୟନ୍ତ୍ରଣରେ ଥିଲା, ତେବେ ସାମାଜିକ ଦୂରତ୍ୱକୁ ନ ମାନିବା, ମାସ୍କ ନ ପିନ୍ଧିବା ଫଳରେ ଏବେ କରୋନାର ଦ୍ୱିତୀୟ ଲହର ଓଡ଼ିଶାବାସୀଙ୍କ ପାଇଁ ଘାତକ ସାଜିଛି। ମୁଖ୍ୟମନ୍ତ୍ରୀଙ୍କ ବାରମ୍ବାର ଅନୁରୋଧ ସତ୍ତ୍ୱେ ସାଧାରଣ ଜନତା ସଚେତନ ହେଉନାହାଁନ୍ତି। ସରକାରଙ୍କ ସମସ୍ତ କଟକଣା ସତ୍ତ୍ୱେ କୋଭିଡ଼ ଆଇନର ଖୋଲାଖୋଲି ଉଲଂଘନ କରାଯାଉଛି। ମୁଖ୍ୟମନ୍ତ୍ରୀ ମାକ୍ସ ପିନ୍ଧିବା ବାଧ୍ୟତାମୂଳକ ବୋଲି ନିବେଦନ କରୁଥିଲେ ମଧ୍ୟ ସାଧାରଣ ଲୋକେ ବିନା ମାସ୍କରେ ବଜାର, ହାଟ ଓ ଛକମାନଙ୍କରେ ବୁଲିବା, ଯୁବକ ଯୁବତୀମାନେ ମାଳ ମାଳ ହୋଇ ହୋଟେଲ, ରେଷ୍ଟୁରାଣ୍ଟ ଓ ଥଣ୍ଡାପାନୀୟ ଦୋକାନରେ ଭିଡ଼ ଜମାଉଥିବାର ପରିଲକ୍ଷିତ ହେଉଛି। ଅମାନିଆଙ୍କୁ ସାବାଡ଼ କରିବାକୁ ଯାଇ ମାସ୍କ ପିନ୍ଧି ନଥିବା ବ୍ୟକ୍ତିଙ୍କ ଠାରୁ ୨ ହଜାର ଟଙ୍କା ଜୋରିମାନା ଘୋଷଣା କରିଥିଲେ ମଧ୍ୟ ପରିସ୍ଥିତିରେ ସୁଧାର ଆସିପାରିନାହିଁ। ଦିନକୁ ଦିନ ରେକର୍ଡ଼ ସଂଖ୍ୟକ କରୋନା ସଂକ୍ରମିତ ଚିହ୍ନଟ ହେବାରେ ଲାଗିଛି। ଏପ୍ରିଲ ୨୨ ତାରିଖ ଦିନ ରାଜ୍ୟରେ ସର୍ବାଧିକ ୬ ହଜାର ୨୧୫ଜଣ କରୋନା ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ସେଥିମଧ୍ୟରୁ ଖୋର୍ଦ୍ଧା ଜିଲ୍ଲାରୁ ସର୍ବାଧିକ ୯୫୦ଜଣ ଚିହ୍ନଟ

ହରିଦ୍ୱାରରେ ଚାଲିଥିବା କୁମ୍ଭମେଳାରେ ଦେଶବ୍ୟାପୀ ବିଭିନ୍ନ ରାଜ୍ୟରୁ ଶ୍ରଦ୍ଧାଳୁମାନେ ସ୍ନାନଯାତ୍ରାରେ ସାମିଲ୍ ହୋଇଥିବା ବେଳେ ଓଡ଼ିଶାରୁ ମଧ୍ୟ ବହୁ ଶ୍ରଦ୍ଧାଳୁ କୁମ୍ଭମେଳାରେ ଯୋଗ ଦେଇଥିଲେ। ଲକ୍ଷାଧିକ ସଂଖ୍ୟାରେ ସାଧୁ, ସନ୍ଥ ଓ ଶ୍ରଦ୍ଧାଳୁ ଯୋଗଦେବା ଫଳରେ ସେଠାରେ କରୋନା ସ୍ଥିତି ଅଣାୟତ ହୋଇପଡ଼ିଛି। ୫ ଦିନରେ ଦୁଇ ହଜାରରୁ ଅଧିକ କରୋନା ଆକ୍ରାନ୍ତ ଚିହ୍ନଟ ହେବା ମୁଣ୍ଡବ୍ୟଥାର କାରଣ ସାଜିଛି। ଏଥିରେ ଯୋଗ ଦେଇଥିବା ଶ୍ରଦ୍ଧାଳୁମାନେ ଯେତେବେଳେ ନିଜ ରାଜ୍ୟକୁ ଫେରିବେ, ସେତେବେଳେ ପରିସ୍ଥିତି ଅଧିକ ସଙ୍ଗୀନ ହେବ ବୋଲି ଅନୁମାନ କରାଯାଉଛି। ତେବେ କରୋନା ନିୟନ୍ତ୍ରଣକୁ ଦୃଷ୍ଟିରେ ରଖି କୁମ୍ଭମେଳାକୁ ବନ୍ଦ କରିଦିଆଯାଇଛି। କୁମ୍ଭମେଳାରେ ଅଂଶଗ୍ରହଣ କରି ରାଜ୍ୟକୁ ଫେରିବାକୁ ଥିବା ଶ୍ରଦ୍ଧାଳୁମାନଙ୍କ ପାଇଁ ୧୪ ଦିନ ସଙ୍ଗରୋଧ ବାଧ୍ୟତାମୂଳକ କରାଯାଇଛି। କରୋନା ସଂକ୍ରମଣ ବୃଦ୍ଧି ପାଇଁ କ୍ଷୁଦ୍ର ସମାବେଶ ଦାୟୀ ବୋଲି ପ୍ରସିଦ୍ଧ ମେଡ଼ିକାଲ ଜର୍ଣ୍ଣାଲ 'ଦ ଲାନସେଟ' ରିପୋର୍ଟରୁ ପ୍ରକାଶ। ଏହି ରିପୋର୍ଟ ଅନୁସାରେ କରୋନା ମହାମାରୀ ଆଗାମୀ ଜୁନ୍ ମାସରେ ଅତି ଭୟଙ୍କର ହେବ। ଜୁନ୍ ସୁଦ୍ଧା କରୋନା ସଂକ୍ରମଣ ଶିଖର ଛୁଇଁବ ଓ ମୃତ୍ୟୁସଂଖ୍ୟା ମଧ୍ୟ ବୃଦ୍ଧି ପାଇବ। ଦୈନିକ ହାରାହାରି ୨୫୦୦ ଜଣ ମୃତ୍ୟୁବରଣ କରିବେ ବୋଲି ଆଶଙ୍କା ପ୍ରକାଶ ପାଇଛି। କରୋନା ନିୟନ୍ତ୍ରଣ ପାଇଁ ସମସ୍ତ ସଭା, ସମାବେଶରେ ରୋକ ଲାଗିବା ସହିତ ପ୍ରେକ୍ଷାଳୟମାନଙ୍କରେ ଜନସମାବେଶ ଉପରେ ସମ୍ପୂର୍ଣ୍ଣ ନିଷୋଧାଦେଶ ଜାରି ହେବା ଉଚିତ। ତେଣୁ ସମସ୍ତ ଧାର୍ମିକ, ରାଜନୈତିକ ଏବଂ ସାମାଜିକ ସମାବେଶକୁ ବନ୍ଦ କରାନଗଲେ ସଂକ୍ରମଣ ଦ୍ରୁତ ଗତିରେ ବୃଦ୍ଧି ପାଇବ ବୋଲି ଅନୁମାନ କରାଯାଉଛି।

କରୋନାର ଦ୍ୱିତୀୟ ଲହରରେ ସଂକ୍ରମିତଙ୍କ ସଂଖ୍ୟା ଏତେମାତ୍ରାରେ ବୃଦ୍ଧି ପାଉଛି ଯେ, ହସ୍ପିଟାଲରେ ରୋଗୀଙ୍କ ପାଇଁ ଶଯ୍ୟା ଓ ଆଇସିୟୁର ଘୋର ଅଭାବ ଦେଖାଦେଇଛି। କରୋନାର ପ୍ରଥମ ଲହରରେ ହସ୍ପିଟାଲମାନଙ୍କରେ ଚିକିତ୍ସିତ ହେଉଥିବା ରୋଗୀ ଗୁରୁତର ହୋଇପଡ଼ିଲେ ସେମାନଙ୍କୁ ଆଇସିୟୁରେ ଭର୍ତ୍ତି କରାଯାଉଥିଲା, ମାତ୍ର ଦ୍ୱିତୀୟ ହଲରରେ କରୋନା ସଂକ୍ରମିତ ହେବା ମାତ୍ରେ ରୋଗୀ ସଙ୍ଗେ ସଙ୍ଗେ ଗୁରୁତର ହୋଇପଡୁଛି ଫଳରେ ଆଇସିୟୁରେ ଭର୍ତ୍ତି କରିବା ପାଇଁ ସଙ୍କଟ ଦେଖାଦେଇଛି। ହସ୍ପିଟାଲର ଘୋର ଅଭାବ ଦେଖାଦେବାରୁ ବର୍ତ୍ତମାନ ସଂକ୍ରମିତ ରୋଗୀମାନଙ୍କୁ ନିଜ ଘରେ ରହି ଚିକିତ୍ସିତ ହେବାକୁ ପରାମର୍ଶ ଦିଆଯାଉଛି। ସେହିଭଳି ମୃତ୍ୟୁ ସଂଖ୍ୟା ମାତ୍ରାଧିକ ବୃଦ୍ଧି ଫଳରେ ଶବଦାହ କରିବା ପାଇଁ ଶ୍ମଶାନର ଅଭାବ ଦେଖାଦେଇଛି। ଅଧିକାଂଶ ରାଜ୍ୟରେ ଶବ ସଂସ୍କାର କରିବା ପାଇଁ ୮/୧୦ ଘଣ୍ଟା ଅପେକ୍ଷା କରିବାକୁ ପଡୁଛି। କରୋନାର ଦ୍ୱିତୀୟ ଲହର କେତେ ଯେ ଭୟଙ୍କର ତାହା ସଂକ୍ରମିତ ଓ ମୃତ୍ୟୁ ସଂଖ୍ୟାରୁ ସ୍ପଷ୍ଟ ବାରି ହୋଇପଡୁଛି। ତେଣୁ ସାରା ବିଶ୍ୱରେ ଘାତକ ସାଜିଥିବା କରୋନାର ଦ୍ୱିତୀୟ ଲହରକୁ ପ୍ରତିହତ କରିବାକୁ ହେଲେ ମାସ୍କ ନିୟମିତ ପିନ୍ଧିବା, ସାନିଟାଇଜ ବ୍ୟବହାର କରିବା, ସାମାଜିକ ଦୂରତା ବଜାୟ ରଖିବା ସହ ସତର୍କ ଓ ସଚେତନ ନିହାତି ଅପରିହାର୍ଯ୍ୟ ହୋଇପଡ଼ିଛି। ନଚେତ୍ ଖୁବ୍ କମ୍ ଦିନ ମଧ୍ୟରେ ସମଗ୍ର ବିଶ୍ୱକୁ ଗ୍ରାସ କରିଦେବା ଭଳି କରୋନାର କରୁଣ ଚିତ୍ରକୁ ଏଡ଼ାଇ ଦେଇ ହେବନାହିଁ।

**ସୁବାସ କୁମାର ତାରଣିଆଁ, କଣ୍ଟି, ବାହାରଣା, ବାଲିକୁଦା, ଜଗତସିଂହପୁର, ମୋ: ୮୩୨୮୮୪୦୨୧୪**

## ଘଟଗାଁରେ ଗୋଟିଏ ଦିନରେ ୩୬ ପଜିଟିଭ୍, ଚିନ୍ତା ବଢାଉଛି ବାଲିପୋଖରୀ ଓ ବାଟହରିଚନ୍ଦନପୁର

ଗୋଳାବନ୍ଧ (ପିଏନ୍): ଗତ ୨୪ ଘଣ୍ଟା ମଧ୍ୟରେ ଘଟଗାଁ ବ୍ଲକରେ କରୋନା ନିଜର ଭୟାବହ କାୟା ବିସ୍ତାର କରିବାରେ ଲାଗିଛି । ଗୋଟିଏ ଦିନରେ ୩୬ପଜିଟିଭ୍ ଚିହ୍ନଟ ହେବାସହ ବାଲିପୋଖରୀ ଗ୍ରାମପଂଚାୟତ ଏବେ ନୂଆ ହଟସ୍ପଟ ଭାବେ ଆତଙ୍କ ସୃଷ୍ଟି କରିଛି । ଏ ଯାବତ ଗତ ୪ ଦିନରେ ଏହି ପଂଚାୟତରୁ ୩୨ଜଣ ଆକ୍ରାନ୍ତ ଚିହ୍ନଟ ହେବା ବ୍ଲକ ପ୍ରଶାସନର ମୁଣ୍ଡବ୍ୟଥାର କାରଣ ସାଜିଛି । ଗଦାଧରପୁର ପଂଚାୟତର ବାଟହରିଚନ୍ଦନପୁର ଗ୍ରାମରୁ ୧୨ଜଣ ଆକ୍ରାନ୍ତ ହୋଇଥିବାରୁ ଏହା ନିଶ୍ଚିତ ଚିନ୍ତା ବଢାଇ ଦେଇଛି । ବାଲିପୋଖରୀ ପଂଚାୟତରୁ ୧୮ଜଣ ଆକ୍ରାନ୍ତ ଚିହ୍ନଟ ହେବା ପରେ ସେମାନଙ୍କର ସବିଶେଷ କଣ୍ଟାକ୍ଟ ଟ୍ରେସିଂ ହେବାସହ ଆବଶ୍ୟକ ଔଷଧ ଏବଂ ସ୍ୱାସ୍ଥ୍ୟ ପରାମର୍ଶ ପ୍ରଦାନ କରାଯାଇଛି । ସତର୍କତା ମୂଳକ ପଦକ୍ଷେପ ସ୍ୱରୂପ ଘଟଗାଁ ଏବିଡିଓ ଚିତ୍ତରଂଜନ ନାୟକ, ପୋଲିସ୍ ସବ୍ଇନ୍ସପେକ୍ଟର ମାନସ ବେହେରା ଦଳବଳ ନେଇ ଉକ୍ତ ଅଂଚଳ ଗସ୍ତ କରିଥିଲେ ଓ ଅମାନିଆଙ୍କୁ ତାଗିଦ କରିବା ସହ ପରିସ୍ଥିତି ସମୀକ୍ଷା କରିଥିଲେ । ବାଲିପୋଖରୀ ପଂଚାୟତର ସରପଂଚ ମନୋରଂଜନ ନାୟକ, ନିର୍ବାହୀ ଅଧିକାରୀ ପ୍ରଶାନ୍ତ ରାଉତ ଓ ଜିଆରଏସ୍ କେଶବାନନ୍ଦ ବାରିକ ଘଟଣା ସ୍ଥଳରେ ଉପସ୍ଥିତ ରହି ସହଯୋଗ କରିଥିଲେ । ପରେ ପରେ ପ୍ରଶାସନର ନିଷ୍ପତ୍ତି ଅନୁଯାୟୀ ହାତୀନୋଟା ଗାଁର ମୁଣ୍ଡାସାହି, ଶଗଡପଡା ଗାଁର ବାଲିସାହି ଓ ମହାନ୍ତସାହି ଏବଂ ଟାଙ୍ଗରତଳି ଗାଁର ପାତ୍ରସାହି ଅଂଚଳକୁ ଆବଦ୍ଧ ଅଂଚଳ ଭାବେ ଘୋଷଣା କରାଯାଇ ବିଧିବଦ୍ଧ ପ୍ରକ୍ରିୟା ଆରମ୍ଭ କରାଯାଇଛି । ସ୍ୱାସ୍ଥ୍ୟ ବିଭାଗ ତରଫରୁ ଡାକ୍ତର ମୁକ୍ତିକାନ୍ତ ନାୟକ ଆକ୍ରାନ୍ତଙ୍କ ସ୍ୱାସ୍ଥ୍ୟ ଅବସ୍ଥା ତଦାରଖ କରିବା ପାଇଁ ଏକ ସ୍ୱତନ୍ତ୍ର ଟିମ୍ର ବ୍ୟବସ୍ଥା କରିଥିବା ଜଣାପଡିଛି ।

## ସାଇଁକୂଳ ପଂଚାୟତରେ ବିଶୋଧନ ସିଞ୍ଚନ

ଆନନ୍ଦପୁର (ପିଏନ୍): ଘଷିପୁରା ବ୍ଲକ ଅନ୍ତର୍ଗତ ସାଇଁକୁଳ ପଂଚାୟତରେ ଏକାଧିକ କରୋନା ଆକ୍ରାନ୍ତ ଚିହ୍ନଟ ହେବା ପରେ ସଂକ୍ରମଣକୁ ରୋକିବା ପାଇଁ ପଂଚାୟତର ବିଭିନ୍ନ ସ୍ଥାନରେ ବିଶୋଧନ ସିଞ୍ଚନ କରାଯାଇଛି । ସରପଂଚ ବିଭାଷ ଚନ୍ଦ୍ର ନାୟକଙ୍କ ତତ୍ତ୍ୱାବଧାନରେ ଘଷିପୁରା ଦମକଳ ବାହିନୀ ତରଫରୁ ଓମ୍ ପ୍ରକାଶ ସ୍ୱାଇଁଙ୍କ ନେତୃତ୍ୱରେ ଆରଏମସି ପରିସରରେ ଥିବା ମୂର୍ତ୍ତି କାରଖାନା, ସାଇଁକୁଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ପତିତପାବନ ମହାବିଦ୍ୟାଳୟ ଗୃହକୁ ରାସାୟନିକ ବିଶୋଧନ ଜରିଆରେ ମହାବିଦ୍ୟାଳୟର ଅଧ୍ୟକ୍ଷ ରାଜେନ୍ଦ୍ର ରାଉତ, ସାଇକୁଳ ମେଡିକାଲର ସୁପରିଣ୍ଟେଣ୍ଡେଣ୍ଟ ରଂଜିବ ରାଉତ, ଡାକ୍ତର ସୁଚରିତା ପଟ୍ଟନାୟକ, ବିପିଏମ୍ ଶୁଭେନ୍ଦୁ ପୁହାଣ, ଏଲଟି ପ୍ରିତିରଂଜନ ଚକ୍ର, ଫାର୍ମାସିଷ୍ଟ କବିନ୍ଦ୍ର ସାହୁ ଓ ସମସ୍ତ କର୍ମଚାରୀ ଏଥିରେ ସହଯୋଗ କରିଥିଲେ । ସରପଂଚ ବିଭାଷ ଚନ୍ଦ୍ର ନାୟକ ପଂଚାୟତର ବିଭିନ୍ନ ସ୍ଥାନ ବୁଲି ବୁଲି ଲୋକଙ୍କୁ ସଚେତନ କରାଇଛନ୍ତି । ସାମାଜିକ ଦୂରତା ରକ୍ଷା ଓ ମାସ୍କ ଲଗାଇ ବ୍ୟବସାୟ କରିବା ପାଇଁ ବ୍ୟବସାୟୀଙ୍କୁ ଅନୁରୋଧ କରିଛନ୍ତି ।

## ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଡେମୋ ପାଇଖାନାରେ ଥଣ୍ଡାପାନୀୟ ବ୍ୟବସ୍ଥା

କେନ୍ଦ୍ରାପଡା (ପିଏନ୍): କେନ୍ଦ୍ରାପଡା ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଥିବା ଡେମୋ ପାଇଖାନା ଗୃହରେ ସର୍ବସାଧାରଣଙ୍କ ପାଇଁ ଥଣ୍ଡା ପାନୀୟ ଜଳର ବ୍ୟବସ୍ଥା ହୋଇଥିଲା । ଯାହାକୁ ନେଇ ବିଭିନ୍ନ ମହଲରେ ଅସନ୍ତୋଷ ପ୍ରକାଶ ପାଇବା ସହ ସେ ସମ୍ପର୍କରେ ଖବର ପ୍ରକାଶ ପାଇବା ପରେ ସେଠାରୁ ସଂପୃକ୍ତ ପ୍ରକଳ୍ପଟିକୁ ଉଠାଇ ନିଆଯାଇଥିବା ଦେଖାଯାଇଛି । ସବୁଠୁ ଆଶ୍ଚର୍ଯ୍ୟର କଥା ହେଉଛି ସେହି ଥଣ୍ଡା ପାନୀୟ ବ୍ୟବସ୍ଥାକୁ ନିକଟରେ ଥିବା ଏକ ଡ୍ରେନରୁ ପାଣି ପାଇପ ସଂଯୋଗ



କରାଯାଇଥିବା ଯୋଗୁଁ ସେଠାରୁ ପାଣି ପିଇ ଲୋକମାନେ ଭବିଷ୍ୟତରେ ବିଭିନ୍ନ ରୋଗରେ ଆକ୍ରାନ୍ତ ହେବାର ଆଶଙ୍କା ସୃଷ୍ଟି ହୋଇଥିଲା । ତେଣୁ ସେହି ବ୍ୟବସ୍ଥାର ତୁରନ୍ତ ପରିବର୍ତ୍ତନ ସହ ସଂପୃକ୍ତ ପ୍ରକଳ୍ପଟିକୁ ଅନ୍ୟତ୍ର ସ୍ଥାନାନ୍ତର କରାଯିବାକୁ ଦାବି ହୋଇଥିଲା । ତେଣୁ ଜିଲ୍ଲା ପ୍ରଶାସନ ଶେଷରେ ପ୍ରକଳ୍ପଟିକୁ ସେଠାରୁ ଉଠାଇ ନେଇଥିବା ବେଳେ ଖୁବଶୀଘ୍ର ଅନ୍ୟତ୍ର ସ୍ଥାପନା କରାଯିବ ବୋଲି ସୂଚନା ମିଳିଛି ।

## ଉତ୍କଳଗୌରବ ମଧୁବାବୁଙ୍କ ଜୟନ୍ତୀ ପାଳିତ



ଭୁବନେଶ୍ୱର (ପିଏନ୍): ଓଡିଶା ପ୍ରଦେଶ ଗଠନର ମୁଖ୍ୟ କର୍ଣ୍ଣଧାର, ଉତ୍କଳ ସମ୍ମିଳନୀର ପ୍ରାଣପ୍ରତିଷ୍ଠାତା ଉତ୍କଳଗୌରବ ମଧୁସୂଦନ ଦାସଙ୍କ ଜୟନ୍ତୀ ଅବସରରେ ବରପୁତ୍ରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଛି । ଏହି ମାଲ୍ୟାର୍ପଣ କାର୍ଯ୍ୟକ୍ରମରେ ଉତ୍କଳ ସମ୍ମିଳନୀ ମଞ୍ଚେଶ୍ୱର ଶିକ୍ଷାଞ୍ଚଳ ଶାଖା ସଭାପତି ଅଧିବକ୍ତା ଦିଲ୍ଲୀପ ଦାଶଶର୍ମା ସଭାପତିତ୍ୱ କରି ମଧୁବାବୁ କେବଳ ଉତ୍କଳ ଗୌରବ ନୁହଁନ୍ତି ସେ ହେଉଛନ୍ତି ଭାରତଗୌରବ ବୋଲି କହିବା ସହିତ ତାଙ୍କ ପ୍ରତିମୂର୍ତ୍ତି ସଂସଦ ଭବନ ପରିସରରେ ପ୍ରତିଷ୍ଠା ପାଇଁ ଦାବି କରିଥିଲେ । ମାଲ୍ୟାର୍ପଣ କାର୍ଯ୍ୟକ୍ରମରେ ଯୁଗ୍ମ-ସଂପାଦକ ସିଦ୍ଧାର୍ଥ ଶଙ୍କର ଗଡନାୟକ, ବାସନ୍ତୀ ତ୍ରିପାଠୀ, ଗୋପୀମୋହନ ପଟ୍ଟନାୟକ, ଅକ୍ଷୟ କୁମାର ଜେଠୀ, ସମରଂଜନ ମହାନ୍ତି, ନିଳମଣୀ ମିଶ୍ର ଓ ସୁଦର୍ଶନ ପ୍ରଧାନ ପ୍ରମୁଖ କୋଭିଡ କଟକଣା ମାନି ଉପସ୍ଥିତ ରହିବା ସହିତ ବରପୁତ୍ରଙ୍କୁ ଶ୍ରଦ୍ଧାଂଜଳି ଜ୍ଞାପନ କରିଥିଲେ ।

## ମନୋଜ ଦାସଙ୍କ ବିୟୋଗରେ ସିପିଆଇର ଶୋକ ପ୍ରକାଶ

ଭୁବନେଶ୍ୱର (ପିଏନ୍): ଆନ୍ତର୍ଜାତୀୟ ଖ୍ୟାତିସମ୍ପନ୍ନ ଲେଖକ, ପଦ୍ମଭୂଷଣ ଡଃ ମନୋଜ ଦାସଙ୍କ ବିୟୋଗରେ ସିପିଆଇର ଓଡ଼ିଶା ରାଜ୍ୟ ପରିଷଦ ଗଭୀର ଶୋକ ପ୍ରକାଶ କରିଛି । ସେ ଥିଲେ ଛାତ୍ର ଜୀବନରେ ଆନ୍ତର୍ଜାତୀୟ ସ୍ତରରେ ଛାତ୍ରସଂଘକୁ ପ୍ରତିନିଧିତ୍ୱ କରିଥିବା ଛାତ୍ରନେତା ଏବଂ ପରବର୍ତ୍ତୀ ସମୟରେ ଓଡ଼ିଆ ଭାଷା ଓ ସାହିତ୍ୟର ସ୍ୱର୍ଦ୍ଧିତ ସ୍ୱର । ତାଙ୍କ ବିୟୋଗରେ ଓଡ଼ିଆ ସାହିତ୍ୟ ଆକାଶରୁ ଏକ ଉଜ୍ଜ୍ୱଳ ନକ୍ଷତ୍ର ଅସ୍ତମିତ ହୋଇଗଲା ଏବଂ ଉତ୍କଳ ଜନନୀ ଜଣେ ବିଶିଷ୍ଟ ଚିନ୍ତାନାୟକ ଓ ମହାନ୍ ସାରସ୍ୱତ ସାଧକଙ୍କୁ ହରାଇଲା । ଓଡ଼ିଶା ପାଇଁ ଏହା ଏକ ଅପୂରଣୀୟ କ୍ଷତି ।

## ତ୍ୟାଗ ଓ ସେବାର ପ୍ରତୀକ ଥିଲେ ଗୋପବନ୍ଧୁ ଚୌଧୁରୀ



ଜଗତସିଂହପୁର (ପିଏନ୍): ଜଗତସିଂହପୁର ସାରସ୍ୱତ ପରିଷଦ ପକ୍ଷରୁ ଆଜି ସଂଗ୍ରାମୀ ଗୋପବନ୍ଧୁ ଚୌଧୁରୀଙ୍କ ୬୩ତମ ଶ୍ରାଦ୍ଧୋତ୍ସବ ପାଳିତ ହୋଇଯାଇଛି । ଏହି ଅବସରରେ ସ୍ଥାନୀୟ ଡାକବଙ୍ଗଳା ଛକସ୍ଥିତ ଗୋପବନ୍ଧୁ ଚୌଧୁରୀଙ୍କ ପ୍ରତିମୂର୍ତ୍ତିରେ ପରିଷଦ ପକ୍ଷରୁ ମାଲ୍ୟାର୍ପଣ କରାଯାଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା। ପରେ ପରିଷଦ ପକ୍ଷରୁ ଏକ ଶ୍ରଦ୍ଧାଞ୍ଜଳି ସଭା ଆୟୋଜିତ ହୋଇଥିଲା। ପରିଷଦର ସଭାପତି ଅଧ୍ୟାପକ ହିମାଂଶୁ ଆଚାର୍ଯ୍ୟ ଏଥିରେ ଅଧ୍ୟକ୍ଷତା କରି ସ୍ୱର୍ଗତଃ ଗୋପବନ୍ଧୁ ଚୌଧୁରୀ ତ୍ୟାଗ ଓ ସେବାର ପ୍ରତୀକ ଥିଲେ ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅବସରପ୍ରାପ୍ତ ବ୍ୟାଙ୍କ ଅଧିକାରୀ ଧରଣୀଧର ପ୍ରଧାନ ଆଲୋଚନାରେ ଅଂଶଗ୍ରହଣ କରି ଗୋପବନ୍ଧୁ ଚୌଧୁରୀଙ୍କ ଜୀବନାଦର୍ଶରେ ଉତ୍ତର ପିଢିର ଦାୟାଦମାନେ ଅନୁପ୍ରାଣିତ ହେବାକୁ ମତ ଦେଇଥିଲେ। ଏହି ଶ୍ରଦ୍ଧାଞ୍ଜଳି କାର୍ଯ୍ୟକ୍ରମରେ ବିଜୟ କୁମାର ଲେଙ୍କା, ଯୋଗଜନ୍ମା ଚାନ୍ଦ, ଛାତ୍ରୀ ସୋନାଲି ବେହେରା, ନିରୁପମା ରାଉତ, ସରୋଜିନୀ ସାମଲ, ଉପସ୍ଥିତ ଥିଲେ। ଶେଷରେ ଧନେଶ୍ୱର ବେହେରା ଧନ୍ୟବାଦ ଦେଇଥିଲେ।

## ଧର୍ମପରାୟଣା ମହିଳାଙ୍କ ହୃଦ୍ଘାତରେ ପରଲୋକ



ଆନନ୍ଦପୁର (ପିଏନ୍): ଆନନ୍ଦପୁର ପୌରପରିଷଦର ୪ନଂ ୱାର୍ଡ ନନ୍ଦିସାହିର ଜନୈକ ଧର୍ମପରାୟଣ ମହିଳାଙ୍କ ଗତ ୨୩ତାରିଖ ସନ୍ଧ୍ୟା ସମୟରେ ହୃଦଘାତରେ ପରଲୋକ ଘଟିଥିବା ଜଣାପଡିଛି । ନନ୍ଦିସାହିର ୪ଇଂ ସାରଙ୍ଗଧର ଲକ୍ଷ୍ମଣଙ୍କ ଧର୍ମପତ୍ନୀ ପ୍ରେମଲତା ଲକ୍ଷବଚ୍ଚ (୭୭)ନିଜ ବାସଭବନରେ ସ୍ୱଭାବିକ ଭାବେ ପରିବାର ସଦସ୍ୟଙ୍କ ସହିତ ଜୀବନଯାପନ କରି ଆସୁଥିବା ବେଳେ ୨୩ତାରିଖ ସନ୍ଧ୍ୟା ସମୟରେ ହଠାତ୍ ଛାତିରେ ଯନ୍ତ୍ରଣା ଅନୁଭବ କରିଥିଲେ । ଘଟଣାସ୍ଥଳରେ ତାଙ୍କର ହୃଦ୍ଘାତରେ ପରୋଲକ ହୋଇଯାଇଥିଲା । ସେ ଜଣେ ପରୋପକାରୀ, ମିଷ୍ଟଭାଷୀ ଓ ଧର୍ମପରାୟଣ ମହିଳା ଭାବେ ସାହିରେ ବେଶ୍ ପରିଚିତ ଥିବାବେଳେ ଠାକୁର ଅନୁକୂଳ ଚନ୍ଦ୍ରଙ୍କ ପରମ ଭକ୍ତ ଥିଲେ । ତାଙ୍କର ପରଲୋକ ଖବର ଶୁଣି ବହୁ ମାନ୍ୟଗଣ୍ୟ ବ୍ୟକ୍ତି ନନ୍ଦିସାହିର ଗୁରୁ ନିବାସ ବାସଭବନକୁ ଯାଇ ଶେଷ ଦର୍ଶନ କରିବା ସହ ଶୋକସନ୍ତପ୍ତ ପରିବାରକୁ ସମବେଦନା ଜଣାଇଥିଲେ । ତାଙ୍କର ମୃତ୍ୟୁଶଯ୍ୟା ନିକଟରେ ଦୁଇ ପୁତ୍ର ବାପୁ, ବବି, ପୁତ୍ରବଧୂ , ଦୁଇଝିଅ ସୁପ୍ରିୟା ଓ ସୁପ୍ରିତ, ନାତିନାତୁଣୀ ଉପସ୍ଥିତ ରହିଥିବା ବେଳେ ଶନିବାର ଦିନ ତାଙ୍କ ମରଶରୀରକୁ ଶୋଭାଯାତ୍ରାରେ ନିଆଯାଇ ପୂର୍ଣ୍ୟତୋୟା ବୈତରଣୀ ନଦୀକୂଳରେ ସତ୍କାର କରାଯାଇଥିଲା । ତାଙ୍କର ସାନପୁଅ ବବି ମୁଖାଗ୍ନି ଦେଇଥିଲେ ।

## କୋଳିମାଟିରେ ମନରେଗା ଯୋଜନା ବାଟବଣା



ଆନନ୍ଦପୁର (ପିଏନ୍): କେନ୍ଦୁଝର ଜିଲ୍ଲା ଆନନ୍ଦପୁର ବ୍ଲକର ଆଦିବାସୀ ଅଂଚଳରେ ସରକାରଙ୍କ ବିଭିନ୍ନ ଯୋଜନା ହରିଲୁଟ୍ ହେଉଥିବାର ଜ୍ୱଳନ୍ତ ଉଦାହରଣ କୋଳିମାଟି ପଂଚାୟତରେ ଦେଖିବାକୁ ମିଳିଛି । ପଂଚାୟତର କନ୍ତୋ ଗାଁରେ ଏକ ଖେଳ ପଡିଆର ବିକାଶ ଲାଗି ଆସିଥିବା ପ୍ରାୟ ୫ଲକ୍ଷ ଟଙ୍କାର ସରକାରୀ ଅନୁଦାନ ମାତ୍ର ଗୋଟିଏ ଦିନ ମେସିନ୍ ଲଗାଇ ନଦୀପଠା ସମତୁଲ କରାଯାଇ ଏହି ଅର୍ଥକୁ ଉଠାଇ ନିଆଯାଇଥିବା ଗୁରୁତର ଅଭିଯୋଗ ହୋଇଛି । କେନ୍ଦ୍ର ସରକାରଙ୍କ ଆର୍ଥିକ ଅନୁଦାନରେ ମହାତ୍ମାଗାନ୍ଧୀ ନିଶ୍ଚିତ କର୍ମନିଯୁକ୍ତି ଯୋଜନାରେ ସ୍ଥାନୀୟ ଶ୍ରମଜୀବୀ ଓ ଦିନମଜୁରିଆମାନଙ୍କୁ ନିୟୋଜିତ କରି ଶ୍ରମ ଦିବସ ସୃଷ୍ଟି କରିବା ଲାଗି ଲକ୍ଷ ଧାର୍ଯ୍ୟ କରାଯାଇଛି । ମାତ୍ର ଗୋଟିଏ ଦିନ ମେସିନ୍ ଲଗାଇ ଏହି କାର୍ଯ୍ୟକୁ ଶେଷ କରାଯାଇଛି । ମୂଷଳ ନଦୀପଠାକୁ ସମତୁଲ କରାଯାଇ ଯେଉଁ ଖେଳ ପଡିଆର ରୂପ ଦିଆଯାଇଛି ତାହା ମୂଷଳ ନଦୀର ସାମାନ୍ୟ ବନ୍ୟାରେ ଜଳାର୍ଣ୍ଣବ ହେବା ଆଶଙ୍କା ସୃଷ୍ଟି ହୋଇଛି । ୨୦୨୦-୨୧ ଆର୍ଥିକ ବର୍ଷ ଲାଗି ଆସିଥିବା ଏହି ସରକାରୀ ଅନୁଦାନ ପାଇଁ ଯେଉଁ ମୋଷ୍ଟର ରୋଲ ପ୍ରସ୍ତୁତ କରାଯାଇଛି ସେଥିରେ ସ୍ଥାନୀୟ ଶ୍ରମଜୀବୀମାନଙ୍କ ନାମ ଥିଲେ ମଧ୍ୟ ସେମାନେ ଉକ୍ତ କାର୍ଯ୍ୟ ସମ୍ପର୍କରେ ଜାଣିନଥିବା ପ୍ରକାଶ କରିଛନ୍ତି । ଅନ୍ୟ ପକ୍ଷରେ କନ୍ତୋ ଗାଁରେ ପଡିଆ ଲାଗି ଉଦ୍ଦିଷ୍ଟ ଅନେକ ସ୍ଥାନ ଥିବାବେଳେ ନଦୀପଠାରେ ଖେଳ ପଡିଆ କରାଯିବାରୁ ସଚେତନ ଯୁବକମାନେ ବିରୋଧ କରିଥିଲେ ମଧ୍ୟ ବଳପୂର୍ବକ ଉକ୍ତ କାର୍ଯ୍ୟ ଶେଷ କରିଦିଆଯାଇଥିବା ଅଭିଯୋଗ ହୋଇଛି । ଏ ନେଇ ଆନନ୍ଦପୁର ବିଡିଓ ପଞ୍ଚାନନ ମଲ୍ଲିକଙ୍କୁ ଯୋଗାଯୋଗ କରିବାରୁ ଅଂଚଳବାସୀଙ୍କ ବିରୋଧ ସତ୍ତ୍ୱେ ଯଦି ଉକ୍ତ କାର୍ଯ୍ୟ ହୋଇଥାଏ ତେବେ ଏହାର ତଦନ୍ତ କରାଯାଇ ଆବଶ୍ୟକୀୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପ୍ରକାଶ କରିଛନ୍ତି ।

## ହରିଣ ଛୁଆ ଉଦ୍ଧାର ପରେ ବନ ବିଭାଗକୁ ହସ୍ତାନ୍ତର



ଆନନ୍ଦପୁର (ପିଏନ୍): ଆନନ୍ଦପୁର ବନଖଣ୍ଡ ଅଧିନରେ ଥିବା ଅଟେଇ ସଂରକ୍ଷିତ ଜଙ୍ଗଲ ମଧ୍ୟରେ ଅବାଧରେ ଶିକାରୀ କୁକୁର ପ୍ରବେଶ କରି ସଂଘବଦ୍ଧ ହୋଇ ଏକ ହରିଣକୁ ଆକ୍ରମଣ କରି ଖଣ୍ଡିଆ ଖାବରା କରିଥିବା ବେଳେ କିଛିଦିନ ହେଲା ଅନେକ ହରିଣ ଆକ୍ରମଣରେ ପ୍ରାଣ ହରାଇଥିବା ସହ ଆହତ ମଧ୍ୟ ହୋଇଛନ୍ତି । ସେହିପରି ଅନେକ ଭୟଭୀତ ହରିଣ ଗ୍ରାମାଭିମୁଖୀ ହେଉଥିବା ଦେଖିବାକୁ ମିଳିଛି । ଗତ ଶୁକ୍ରବାର ସକାଳ ସମୟରେ କୁକୁର ହାବୁଡରେ ପଡି ଏକ ହରିଣ ଛୁଆ ପଣଡିହା ପଂଚାୟତର ଜାଳି ଗାଁକୁ ପଶି ଆସିଥିଲା । ଗ୍ରାମବାସୀ ହରିଣକୁ ଉଦ୍ଧାର କରିବା ସହିତ ବନବିଭାଗକୁ ଖବର ଦେଇଥିଲେ । ବନବିଭାଗ କର୍ମଚାରୀ ସେଠାରେ ପହଂଚିବା ପରେ ଗ୍ରାମବାସୀ ହରିଣକୁ ହସ୍ତାନ୍ତର କରିବା ପରେ ବନବିଭାଗ ହରିଣର ସ୍ୱାସ୍ଥ୍ୟ ପରୀକ୍ଷା କରି ସ୍ଥାନୀୟ ଜଙ୍ଗଲରେ ଛାଡି ଦେଇଥିବା ଜଣାପଡିଛି । ଗ୍ରୀଷ୍ମ ଋତୁ ଆରମ୍ଭରୁ ଜଙ୍ଗଲ ମଧ୍ୟରେ ଶିକାରୀଙ୍କ ଦୌରାତ୍ମ୍ୟ ବୃଦ୍ଧି ପାଇଥିବାରୁ ହରିଣ ବଂଶ ଅସୁରକ୍ଷିତ ହେବା ସହିତ କୁକୁରଙ୍କ ଗତିବିଧି ଉପରେ ନଜର ରଖିବାକୁ ଅଧିକ ସଂଖ୍ୟକ ସୁରକ୍ଷା କର୍ମୀ ନିଯୁକ୍ତି କରିବାକୁ ଗ୍ରାମବାସୀ ଆନନ୍ଦପୁର ଡିଏଫ୍ଓଙ୍କ ନିକଟରେ ଦାବି କରିଛନ୍ତି ।

ସଂ ଗଚ୍ଛଦ୍ଧ୍ବଂ ସଂ ବଦଦ୍ଧ୍ବଂ ସଂ ବୋ ମନାଂସି ଜାନତାମ୍ ।
ଦେବା ଭାଗଂ ଯଥା ପୂର୍ବେ ସଂଜାନାନା ଉପାସତେ ।।
ସମାନୋ ମନ୍ତ୍ରଃ ସମିତିଃ ସମାନୀ ସମାନମ୍ ମନଃ ସହ ଚିତ୍ତମେଷାମ୍ ।
ସମାନଂ ମନ୍ତ୍ରମଭି ମନ୍ତ୍ରୟେ ବଃ ସମାନେନ ବୋ ହବିଷା ଜୁହୋମି ।।
ସମାନୀ ବ ଆକୂତିଃ ସମାନା ହୃଦୟାନି ବଃ ।
ସମାନମସ୍ତୁ ବୋ ମନୋ ଯଥା ବଃ ସୁସହାସତି ...
ଋଗ୍ ବେଦ ୧୦/୧୯୧-୨-୪

ପର୍ଯ୍ୟବେକ୍ଷକ

## ସମ୍ପାଦକୀୟ

ଭୁବନେଶ୍ୱର, ୨୦୨୧, ମଇ ୩୦

# ପାର୍ଲିଆମେଂଟ ଅଧିବେଶନ ଡକାଯାଉ

ଦେଶରେ ମହାମାରୀ କରୋନାର ଦ୍ୱିତୀୟ ଲହର ସଂକ୍ରମଣ ଘାତକ ସାଜିଥିବା ବେଳେ ଏବଂ ଚଳିତ ମାସରେ ଦୁଇଟି ପ୍ରାକୃତିକ ବିପର୍ଯ୍ୟାୟ ସାମୁଦ୍ରିକ ବାତ୍ୟାରେ ପୂର୍ବ ଓ ପଶ୍ଚିମ ଉପକୂଳରେ ବହୁ ରାଜ୍ୟ କ୍ଷତିଗ୍ରସ୍ତ ହୋଇଥିବା ସମୟରେ ଉତ୍ପନ୍ନ ପରିସ୍ଥିତି ସମ୍ପର୍କରେ ଆଲୋଚନା ଓ ମୁକାବିଲା ପନ୍ଥା ନିର୍ଦ୍ଧାରଣ ପାଇଁ ପାର୍ଲିଆମେଂଟରେ ଅଧିବେଶନ ଡକାଇବା ପାଇଁ ମୁଖ୍ୟ ବିରୋଧ ଦଳ କଂଗ୍ରେସର ଦାବି ଯଥାର୍ଥ ମନେହୁଏ । କହିବା ବାହୁଲ୍ୟ ଯେ, ମହାମାରୀ କରୋନା କଟକଣା ମଧ୍ୟରେ ପାର୍ଲିଆମେଂଟର ବଜେଟ ଅଧିବେଶନ ଅନୁଷ୍ଠିତ ହୋଇଥିଲା । ଏଥିରେ ପାର୍ଲିଆମେଂଟର ବଜେଟ ଅଧିବେଶନ ଅନୁଷ୍ଠିତ ହୋଇଥିଲା । ଏଥିରେ କେବଳ ୨୦୨୧-୨୨ ଆର୍ଥୀକ ବର୍ଷ ପାଇଁ ବଜେଟ ଗୃହୀତ ହେବା ପରେ ଚାରୋଟି ରାଜ୍ୟ ଓ ଗୋଟିଏ କେନ୍ଦ୍ରଶାସିତ ଅଂଚଳ ବିଧାନସଭା ନିର୍ବାଚନ ଲାଗି ନିର୍ଦ୍ଧାରିତ ସମୟ ପୂର୍ବରୁ ଅଧିବେଶନ ଶେଷ ହୋଇଥିଲା । ଇତିମଧ୍ୟରେ ଦେଶର ୨୪ଟି ରାଜ୍ୟରେ ୩୭୦ଟି ଜିଲ୍ଲାରେ ମହାମାରୀ କରୋନା ସଂକ୍ରମଣ ହାର ଏବେ ୧୬ ପ୍ରତିଶତରୁ ଅଧିକ ରହିଥିବାବେଳେ ଗତ ଦୁଇମାସରେ ୨ଲକ୍ଷରୁ ଉର୍ଦ୍ଧ୍ୱ ଲୋକ ପ୍ରାଣ ହରାଇଲେଣି । ତେବେ ସଂକ୍ରମଣର ହାର ହ୍ରାସ ପାଇଁ ଆଶ୍ୱସ୍ତି ଆଣିଦେଇଥିବା ସତ୍ତ୍ୱେ ଏବେ ବି ଦୈନିକ ସଂକ୍ରମଣ ୨ଲକ୍ଷ ଉପରେ ଏବଂ ମୃତ୍ୟୁ ସଂଖ୍ୟା ୩ ହଜାର ଉପରେ ରହିଛି । ଏପରି ସମୟରେ ଦେଶର କାର୍ଯ୍ୟପାଳିକା ଏବଂ ନ୍ୟାୟପାଳିକା ଜନସାଧାରଣଙ୍କ ଦୁଃଖ ଦୁର୍ଦ୍ଦଶା ଦେଖୁଛନ୍ତି, ଶୁଣୁଛନ୍ତି । କାର୍ଯ୍ୟପାଳିକା କେବଳ କୋଭିଡ-୧୯ ର ନିୟମକାନୁନ୍ ଜାରି କରୁଥିବା ବେଳେ ରାଜ୍ୟମାନଙ୍କ ଉପରେ ସବୁ କିଛି ଦାୟିତ୍ୱ ନ୍ୟସ୍ତ କରିଦେଇଛି । ଅନ୍ୟପକ୍ଷରେ ନ୍ୟାୟପାଳିକା ମହାମାରୀର ମୁକାବିଲାରେ ଅବ୍ୟବସ୍ଥା ସଂକ୍ରାନ୍ତୀୟ ପିଟିସନର ଶୁଣାଣୀ କରି କାର୍ଯ୍ୟପାଳିକା



ସୌଭାଗ୍ୟ ରଞ୍ଜନ ମହାନ୍ତି(ରାଜା)

ସକ୍ରୀୟ କରାଉଛନ୍ତି । ମୋଟାମୋଟି ଭାବେ କହିବାକୁ ଗଲେ, ଦେଶବାସୀ ତିନି ମୁଖ୍ୟ ଗଣତାନ୍ତ୍ରିକ ସ୍ତମ୍ଭ ମଧ୍ୟରୁ କାର୍ଯ୍ୟପାଳିକା ଏବଂ ନ୍ୟାୟପାଳିକାର ଉପସ୍ଥିତି ଅନୁଭବ କରୁଥିବା ବେଳେ ଦେଶର ବିଧାନପାଳିକା(ପାର୍ଲିଆମେଂଟ) ଯେପରି ନିରୁଦ୍ଦିଷ୍ଟ ହୋଇଯାଇଛି । ଦେଶ ଯେତେବେଳେ ଶତାବ୍ଦୀର ସବୁଠୁ ବଡ ବିଭୀଷିକାର ସମ୍ମୁଖୀନ ହୋଇଛି ଏବଂ ମହାମାରୀର ବିଭୀଷିକା ସମୟରେ ଗୋଟିଏ ମାସରେ ଦୁଇଟି ପ୍ରାକୃତିକ ବିପର୍ଯ୍ୟାୟ ସାମୁଦ୍ରିକ ବାତ୍ୟାର ସମ୍ମୁଖୀନ ହୋଇଛି, ସେତେବେଳେ ପାର୍ଲିଆମେଂଟର ନିଷ୍କ୍ରିୟତା ଲୋକଙ୍କ ପାଇଁ ବିଡମ୍ବନା ବ୍ୟତୀତ ଅନ୍ୟ କିଛି ନୁହେଁ ବୋଲି କହିଲେ ଭୁଲ ହୋଇନପାରେ । ଉଲ୍ଲେଖଯୋଗ୍ୟ ଯେ, ମହାମାରୀର ମୁକାବିଲା ତଥା ଲଢେଇର ଶେଷ ଅସ୍ତ୍ର ଭାବେ ପରିଚିତ ଟିକାକରଣ' ଅଭିଯାନ ଗତ ଜାନୁୟାରୀ ମାସ ୧୬ ତାରିଖରେ ଆରମ୍ଭ ହୋଇଥିଲେ ମଧ୍ୟ ଟିକା ଅଭାବ ଏଥିରେ ବାଧକ ସାଜିଛି । ଯେଉଁଭଳି ଟିକାଦାନ ଚାଲିଛି, ଦେଶର ସମସ୍ତ ଜନତାଙ୍କୁ ଟିକା ଦେବାରେ ଅତିକମରେ ଆଉ ୫ବର୍ଷରୁ କମ୍ ସମୟ ଲାଗିବା ଆଶା କ୍ଷୀଣ ବୋଲି କହିଲେ ହୁଏତ ଅତିରଂଜିତ ହେବ ନାହିଁ । ଆଉ ୬ମାସ ପରେ ମହାମାରୀର ତୃତୀୟ ଲହର ଆସିବ ଏବଂ ପରିସ୍ଥିତି ଆହୁରି ଭୟଙ୍କର ହୋଇପାରେ ବୋଲି ସ୍ୱାସ୍ଥ୍ୟ ବିଶାରଦମାନେ ସତର୍କ କରାଇ ସାରିଲେଣି । ଏଭଳି ଏକ ଦୁର୍ଦ୍ଦିନ ସମୟରେ ପାର୍ଲିଆମେଂଟର ସ୍ୱତନ୍ତ୍ର ଅଧିବେଶନର ଡାକିବାକୁ ଲୋକସଭାରେ କଂଗ୍ରେସ ସଂସଦୀୟ ଦଳର ନେତା ଅଧିର ରଂଜନ ଚୌଧୁରୀ ଏବଂ ରାଜ୍ୟସଭାରେ ବିରୋଧ୍ ଦଳ ନେତା ମଲିକାର୍ଜ୍ଜୁନ ଖଡଗେ ରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀ ଏବଂ ଲୋକସଭାର ବାଚସ୍ପତି ଓ ରାଜ୍ୟସଭାର ଅଧ୍ୟକ୍ଷଙ୍କୁ ପତ୍ର ଲେଖି ଅନୁରୋଧ କରିବା ଆଦୌ ଅନୁଚିତ୍ ନୁହେଁ ଏବଂ ଯଥାର୍ଥ ବୋଲି କୁହାଯାଇପାରିବ । ଲୋକପ୍ରତିନିଧିମାନେ ନିଜ ନିଜ ଅଂଚଳର ପରିସ୍ଥିତି ଗୃହକୁ ଅବଗତ କରାଇବା ସହ ବାସ୍ତବ ସ୍ଥିତି ସଂପର୍କରେ ସରକାର ଅବଗତ ହୋଇପାରିଥାନ୍ତେ । କେବଳ ଏତିକି ନୁହେଁ, ଅଧିବେଶନ ମଧ୍ୟ ଭବିଷ୍ୟତ ଯୋଜନା ପ୍ରସ୍ତୁତି ନିମନ୍ତେ ସରକାରଙ୍କୁ ଅନ୍ତର୍ଦୃଷ୍ଟି ପ୍ରଦାନ କରିଥାନ୍ତା । କୋଭିଡ ମୁକାବିଲାରେ ସରକାର ନିଜର ଦୋଷତ୍ରୁଟି ସୁଧାରିବାରେ ସହାୟକ ହୋଇଥାନ୍ତା । ଏହା ନିଶ୍ଚିତ ଯେ, ସରକାର ଯଦି ପୂର୍ବରୁ ପାର୍ଲିଆମେଂଟ ଅଧିବେଶନ ଡାକିଥାନ୍ତେ, ତେବେ ହୁଏତ ଟିକାକରଣରେ ଅବ୍ୟବସ୍ଥା, ଅମ୍ଳଜାନ ଅଭାବ, ସ୍ୱାସ୍ଥ୍ୟସେବା ସମସ୍ୟା ସମାଧାନର ଆଗୁଆ ପନ୍ଥା, ମାର୍ଗଦର୍ଶନ ମିଳିଯାଇଥାନ୍ତା । ଦୂରଦୃଷ୍ଟି ଅଭାବରୁ ହସପିଟାଲରେ ଅମ୍ଳଜାନ ଅଭାବରୁ ରୋଗୀର ମୃତ୍ୟୁ, ହସପିଟାଲରେଶଯ୍ୟା ଅଭାବରୁ ଚିକିତ୍ସା ନପାଇ ରୋଗୀ ଜୀବନ ହାରିବା ଘଟଣା ସାଂପ୍ରତିକ ସମୟରେ ଘଟି ନଥାନ୍ତା । ଏବେ ବି ସରକାରଙ୍କ ନିକଟରେ ସମୟ ଅବିଳମ୍ବେ ପାର୍ଲିଆମେଂଟର ଅଧିବେଶନ ଡକାଇ କାର୍ଯ୍ୟପାଳିକାର ଉତର ଦାୟିତ୍ୱକୁ ସୁନିଶ୍ଚିତ କରାଇବେ ବୋଲି ଆମର ଆଶା । କେବଳ ପାର୍ଲିଆମେଂଟ ନୁହେଁ, ନିକଟ ଅତୀତ ତଥା ବଜେଟ ଅଧିବେଶନ ପରେ କୌଣସି ରାଜ୍ୟର ବିଧାନସଭା ଅଧିବେଶନ ମଧ୍ୟ ବସିନାହିଁ । ଏହା ସତ୍ୟ ସାଂପ୍ରତିକ ବିଜ୍ଞାନ ଓ ବୈଷୟିକ ଯୁଗରେ ଜନପ୍ରତିନିଧିମାନେ ପ୍ରତ୍ୟକ୍ଷ ଭାବେ ଗୃହରେ ନବସି ଭିଡିଓ କନଫରେନ୍ସ ଜରିଆରେ ଅଧିବେଶନ ବସିବାର ପନ୍ଥା ରହିଛି । ଅନ୍ୟ ଗଣତାନ୍ତ୍ରୀକ ରାଷ୍ଟ୍ରରେ ଏଭଳି ବ୍ୟବସ୍ଥାରେ ଅଧିଶେନ ଅନୁଷ୍ଠିତ ହେଉଥିବା ବେଳେ ଆମ ଦେଶରେ ନହୋଇପାରିବାର କାରଣ କିଛି ନାହିଁ । କହିବା ବାହୁଲ୍ୟ ଯେ, ଦେଶର ସ୍ୱାସ୍ଥ୍ୟସେବା, ଟିକାକରଣରେ ଅବ୍ୟବସ୍ଥା, ଅମ୍ଳଜାନ ଅଭାବ ଏବଂ ସଂକ୍ରମଣ ବୃଦ୍ଧି ମୁକାବିଲା ନେଇ ପୂର୍ବତନ ପ୍ରଧାନମନ୍ତ୍ରୀ ଡଃ ମନମୋହନ ସିଂହ, କଂଗ୍ରେସ ଅଧ୍ୟକ୍ଷା ସୋନିଆ ଗାନ୍ଧୀ ଦେଇଥିବା ପରାମର୍ଶ ଓ ପ୍ରସ୍ତାବକୁ କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ଡ. ହର୍ଷ ବର୍ଦ୍ଧନ ଓ ବିଜେପି ଅଧ୍ୟକ୍ଷ ଜେଡ଼ି ନଡ୍ଡା ଯେପରି ସମାଲୋଚନା କରିଛନ୍ତି ସରକାର ବିରୋଧ ଦଳର ପରାମର୍ଶକୁ ଗ୍ରହଣ କରିବା ପାଇଁ ନାରାଜ ଏହା ସ୍ପଷ୍ଟ ସଂକେତ ପ୍ରଦାନ କରୁଛି । ତେବେ ସରକାରଙ୍କ ଏପରି ଆଭିମୁଖ୍ୟ ଗଣତନ୍ତ୍ର ଏବଂ ଜନସାଧାରଣଙ୍କ ପାଇଁ ଆଦୌ ମଙ୍ଗଳକର ନୁହେଁ ଏହା ନିଶ୍ଚିତ ।

ସମ୍ମାନ ଭବନ,
ପ୍ଲଟ ନଂ-୫୮/୩୫୮୧, ଗାଙ୍ଗୋତ୍ରୀ ନଗର,
ରୋଡ ନଂ-୩, ଶିଶୁପାଳଗଡ,-୭୫୧୦୦୨
ମୋବାଇଲ ନଂ-୯୪୩୭୯୯୪୩୭୯

ପାଠକୀୟ ମତାମତ ଓ ପରାମର୍ଶ ସ୍ୱପର୍ଯ୍ୟବେକ୍ଷକ' ସମ୍ପାଦକଙ୍କ ପାଇଁ ବେଶ୍ ମହତ୍ତ୍ୱପୂର୍ଣ୍ଣ । ତା' ବ୍ୟତୀତ ଆପଣଙ୍କ ଅଞ୍ଚଳର ବିକାଶ କ୍ଷେତ୍ରରେ ଥିବା ସମସ୍ୟା, ଆପଣମାନଙ୍କ ଅଭିଯୋଗ, ଆଶଙ୍କା ଓ ଉଦ୍‌ବେଗ ଆଦି ବିଷୟରେ ଜାଣିବାକୁ ଆମେ ଉଦ୍‌ଗ୍ରୀବ । ଇ-ମେଲ୍ କିମ୍ବା ଫାକ୍ସ ଜରିଆରେ ଆପଣମାନେ ସିଧାସଳଖ ସମ୍ପାଦକଙ୍କ ସହ ଯୋଗାଯୋଗ କରିପାରିବେ ।

E-mail: editorpbkc@gmail.com
9853400829 (M), Fax: 0674-2550504

# ସଂସ୍କୃତି ଓ ସଂସ୍କାର ଅତୀତ ଏବଂ ବର୍ତ୍ତମାନର



ସୁବାଷ କୁମାର ତାରଣିଆଁ

ଅତୀତରେ ଆମ ଦେଶ ଭାରତ ମୁନିଋଷିଙ୍କ ଦେଶ ଭାବେ ବେଶ ପ୍ରସିଦ୍ଧି ଲାଭ କରିଥିଲା । ଆମେ ମୁନିଋଷିଙ୍କ ଉପଦେଶକୁ ଅକ୍ଷରେ ଅକ୍ଷରେ ପାଳନ କରୁଥିଲୁ । ତାଙ୍କୁ ଅନୁସରଣ କରି ମଣିଷ ଅନେକ ଆୟୁର୍ବେଦ ଔଷଧ ତିଆରି କରୁଥିଲା । ତାଙ୍କର ପରାମର୍ଶ ଅନୁଯାୟୀ ଆମକୁ ବିଭିନ୍ନ ରୋଗରୁ ଉପଶମ ମିଳୁଥିଲା । ଆମ ରାଜ୍ୟ ଓଡ଼ିଶା ଥିଲା ସଂସ୍କୃତି ଓ ପରମ୍ପରାର ରାଜ୍ୟ, ଯେଉଁଠି ବାରମାସରେ ତେର ପର୍ବ ଧୁମ୍‌ଧାମ୍‌ରେ ପାଳନ କରାଯାଉଥିଲା । ଭାଇ ସହିତ ଭାଇ କାନ୍ଧମିଳାଇ ପରିବାର ସହିତ ପରିବାର ମିଶି ପୂଜା, ପାର୍ବଣ ଓ ବିଭିନ୍ନ ପର୍ବ ପାଳନ କରୁଥିଲେ । ବିପଦ ଆପଦରେ ଜଣେ ଆଉ ଜଣଙ୍କ ପାଇଁ ଆଗକୁ ବାହାରୁଥିଲା । ଭାଇଚାରା ରାଜ୍ୟ ଭାବେ ଓଡ଼ିଶା ପ୍ରସିଦ୍ଧି ଲାଭ କରିଥିଲା । କିନ୍ତୁ ସମୟ ସହିତ ତାଳ ଦେଇ ମନୁଷ୍ୟ ଆଜି ଚନ୍ଦ୍ରପୃଷ୍ଠରେ ପାଦ ଦେଇଛି ସତ, ହେଲେ ଭୁଲିଯାଇଛି ତାର ସଂସ୍କୃତି ଓ ପରମ୍ପରାକୁ, ଭୁଲି ଗଲାଣି ମଣିଷ ପଣିଆକୁ, ପାଶୋରି ସାରିଲାଣି ପରିବାରର ସଂସ୍କାରକୁ । ଜୀବନର ଲକ୍ଷ୍ୟ ମଣିଷ କିପରି ବିନା ପରିଶ୍ରମରେ ରାତାରାତି ଧନୀ ହୋଇ ଭୋଗବିଳାସ, ପ୍ରାଚୁର୍ଯ୍ୟ ଓ ଅରାମଦାୟକ ଭାବେ ଜୀବନ ଯାପନ କରିବ । ସେଇ ଚିନ୍ତାଧାରା ଆମ ସଂସ୍କୃତି ଓ ପରମ୍ପରାକୁ ସମାଜରୁ ଲୀନ କରିଦେବାକୁ ବସିଲାଣି । ଫଳରେ ଭାଇଚାରା ଓ ସଂସ୍କାର ଧୀରେ ଧୀରେ ଲୋପ ପାଇଗଲାଣି । ଏବେ ନବଜାତ ଶିଶୁର ଏକୋଇଶାରେ ଷଠି ମା'ଙ୍କ ପୂଜା ଆଉ ଦେଖିବାକୁ ମିଳୁନାହିଁ । ଜନ୍ମଦିନରେ ଘରେ ତିଆରି ହେଉଥିବା ପିଠା, କାକରା ବଦଳରେ, ଘରର ଚାରିକାନ୍ଥରୁ ବାହାରି ବଡ଼ବଡ଼ ହୋଟେଲରେ କେକ୍ କାଟି, ମହମ ଜାଳି ଡ଼ିସ୍କୋ ନାଚ ନାଚିବା ଏବେ ଫେଶନରେ ପରିଣତ ହୋଇଗଲାଣି । ଜନ୍ମଦିନରେ ବାପାମାଆଙ୍କ ଆଶୀର୍ବାଦ ନେବା ବଦଳରେ ସାମାଜିକ ଗଣମାଧ୍ୟମରେ ଏହାର ପଚାର ଓ ପ୍ରସାର କରାଗଲାଣି । ବିଭାଘର ସ୍ଥିର ପରେ ଗ୍ରାମଦେବତୀଙ୍କ ପାଖରେ ନିର୍ବନ୍ଧ ନହୋଇ ଆଜି ବଡ଼ ବଡ଼ ହୋଟେଲ ଓ ମଣ୍ଡପରେ ଡ଼ିଜେ ଗୀତର ତାଳେ ତାଳେ ବନ୍ଧୁବାନ୍ଧବ, ଆତ୍ମୀୟସ୍ୱଜନ ଓ ସାଙ୍ଗସାଥୀଙ୍କ ଗହଣରେ ଫରିଙ୍ଗ୍ ସେରିମନି' ପାଳନ କରାଗଲାଣି । ଗୁରୁବାର ମାଣବସାରେ ଆଉ ଚିତା ବା ଝୋଟି ଦେଖିବାକୁ ମିଳୁନି । ଝୋଟି ବଦଳରେ ବଜାରରେ ମିଳୁଥିବା ପ୍ଲାଷ୍ଟିକ ଷ୍ଟିକରରେ କାମ ଚଳିଯାଉଛି । ପିଠାପଣାର ମହକ ଆସ୍ତେ ଆସ୍ତେ ଉଭେଇ ଗଲାଣି । ଲୋପ ପାଇବାକୁ ବସିଲାଣି ସଂସ୍କୃତି, ପରମ୍ପରା, ଲୀନ ହେବାକୁ ବସିଲାଣି ମାନବିକତା ଓ ସଂସ୍କାର ପଣିଆ । ମଣିଷ ପାଠଶାଢ ପଢି ଶିକ୍ଷିତ ହେଲା ପରେ ସେ ଶିକ୍ଷା ମଣିଷକୁ ଜୀବନ ନିର୍ବାହର ବାଟ ଦେଖାଇଥାଏ । ଯଦି ଆମ ଭିତରେ ମାନବିକତା ଅଛି, ସଂସ୍କାରପଣିଆ ଅଛି, ସେ ସଂସ୍କାର ଆମକୁ ଜୀବନ ନିର୍ମାଣର ବାଟ ଦେଖାଇଥାଏ । ଜୀବନ ନିର୍ବାହ ଓ ଜୀବନ ନିର୍ମାଣ ମଧ୍ୟରେ ତଫାତ ଅନେକ । ଜୀବନ ନିର୍ବାହ ପାଇଁ ଶିକ୍ଷାର ଆବଶ୍ୟକତା ରହିଛି, ଜୀବନ ନିର୍ମାଣ ପାଇଁ ସଂସ୍କାରର ଆବଶ୍ୟକତା ରହିଛି । ଆଜି ଲୋକଙ୍କ ପାଖରେ ଟଙ୍କା ଅଛି, ବଙ୍ଗଳା ଅଛି, ବ୍ୟାଙ୍କ ବାଲାନ୍ସ ଅଛି, ଦାମୀ ଗାଡ଼ି ଅଛି ସତ କିନ୍ତୁ ମାନବିକତା ଓ ସଂସ୍କାର ନାହିଁ । ମଣିଷ ପାଖରେ ଯେତେ ଧନ ଥିଲେ ଜୀବନର ଅନ୍ତିମ ସମୟରେ ଖାଲି ହାତରେ ହିଁ ଧରାପୃଷ୍ଠରୁ ବିଦାୟ ନେଇଥାଏ । ଦିନ ଥିଲା ଯୌଥ ପରିବାରରେ ଜନ୍ମଗ୍ରହଣ କଲେ ନିଜକୁ ଭାଗ୍ୟବାନ ମଣୁଥିଲେ । ପରିବାରରେ ବାପା, ବୋଉ, ଭାଇ, ଭଉଣୀ, ଦାଦା, ଖୁଡ଼ି, ଅଜା, ଆଈ, ପୁତୁରା, ଝିଆରୀଙ୍କ ସାଙ୍ଗରେ ଦିନଟି ହସଖୁସିରେ କଟିଯାଉଥିଲା । ଆଜି ଯୌଥ ପରିବାର ଭାଙ୍ଗିଯାଉଛି, ସ୍ନେହ ସମ୍ପର୍କ ମଳିନ ପଡ଼ିଯାଉଛି । ପରିବାର ଭିତରେ ଲକ୍ଷ୍ମଣରେଖା ଟଣାଯାଉଛି । ସାହି ପଡ଼ିଶା ଘର ସହିତ ସମ୍ପର୍କ ଭଲ ନାହିଁ । ଗୋଟେ ବାପ ତାର ଶତ୍ରୁ ପାଇଁ ଯେତିକି ଦୁଃଖ ପାଉନି ତା ପୁଅ ପାଇଁ ତା ଠାରୁ ଅଧିକ ଦୁଃଖ ପାଉଛି । ଭାଇଟିଏ ତାର ଶଳାକୁ ଯେତିକି ନିଜର ଭାବୁଛି ମାଆ ପେଟର ଭାଇକୁ ସେତିକି ନିଜର ଭାବୁନି । ଆଜି ମାଆର ଚାହିଦା କମିଯାଉଛି, ପତ୍ନୀର ଚାହିଦା ବଢିଯାଇଛି । ବାପଟିଏ ଆଜି କୋଉଠି ନିଜକୁ ଅସହାୟ ମଣୁଛି ତ ମାଆଟିଏ ରାତି ଅଧରେ ଗୁମୁରି ଗୁମୁରି କାନ୍ଦୁଛି, ଭାଇଟିଏ ନିଜ ଭାଇ ପାଇଁ ଦୁଃଖ କଷ୍ଟରେ ଜୀବନ ଅତିବାହିତ କରୁଛି । ଆଜିର ବିଜ୍ଞାନ ଯୁଗରେ ବିକାଶର ଧାରାରେ ଦେଶ ଆଗଉଛି । ଅର୍ଥବଳ, ବାହୁବଳ, ପ୍ରତିପତ୍ତି ମଣିଷ ସବୁକ୍ଷେତ୍ରରେ ଆଗଉଛି କିନ୍ତୁ ମଣିଷ ପଣିଆ ଓ ମାନବିକତା କ୍ଷେତ୍ରରେ ପଛାଇ ଯାଇଛି । ଭାଇ ବଞ୍ଚିଛି କିନ୍ତୁ ଭାଇଚାରା ମରିଯାଇଛି, ମଣିଷ ପଣିଆ କମିଯାଉଛି, ଜୀବନଚର୍ଯ୍ୟା ଓ ଜୀବନଧାରା ବଦଳିଯାଇଛି । ଦିନ ଥିଲା ମଣିଷ ଆଧ୍ୟାତ୍ମିକ ଚିନ୍ତା ଚେତନା ଭିତରେ ଦିନଚର୍ଯ୍ୟା କଟୁଥିଲା, ସଞ୍ଜ ହେଲେ ଭାଗବତ ପାଠ ହେଉଥିଲା, ରାମାୟଣ ଚର୍ଚ୍ଚା ହେଉଥିଲା, କିନ୍ତୁ ସେ ସମୟ ବଦଳିଗଲାଣି । ଏବେ ଭାଗବତ ଚର୍ଚ୍ଚା ବଦଳରେ ଫେସ୍‌ବୁକ୍ ଓ ହ୍ୱାଟସ୍‌ଆପରେ ସମୟ ଅତିବାହିତ ହେଉଛି । ଜଣେ ଗୁରୁଜନ ବ୍ୟକ୍ତି ପରାମର୍ଶ ଦେଲେ ଆଜିର ଯୁବପିଢି ତାକୁ ଥଟ୍ଟା ପରିହାସରେ ଉଡ଼ାଇ ଦେଉଛନ୍ତି । ମଣିଷ ଭୁଲିଯାଉଛି ମା'ର ସ୍ନେହ ଓ ମମତାକୁ । ଏକଦା ଜଣେ ମହିଳା ବାଟରେ ଯିବା ସମୟରେ ଗୋଟିଏ ଅନାଥ ଆଶ୍ରମ ନିକଟରୁ ଜଣେ ଶିଶୁପୁତ୍ରକୁ ପାଇ, ତାକୁ ଘରକୁ ଆଣି, ନିଜର ପୁଅ ଭଳି ପାଳିପୋଷି ମଣିଷ କଲେ । ପିଲାଟି ମଧ୍ୟ ଉକ୍ତ ମହିଳାଙ୍କୁ ମାଆ ହିସାବରେ ବହୁତ ଭଲ ପାଉଥିଲା । କହିବାକୁ ଗଲେ ଉଭୟ ମାଆ ପୁଅଙ୍କ ପାରିବାରିକ ଜୀବନ ହସଖୁସିରେ କଟୁଥିଲା । କିଛିଦିନ ପରେ ପିଲାଟି ବଡ଼ ହେଲା, ଦୁନିଆର ଭଲମନ୍ଦ ବିଷୟରେ ଜାଣିଲା । ପିଲାଟି ମାଆଙ୍କ ଅଜାଣତରେ ଜଣେ ଜଣେ ଝିଅକୁ ଭଲପାଇ ବସିଲା । ଝିଅଟି ସୁନ୍ଦରୀ ଥିଲା ସତ କିନ୍ତୁ ମାନବିକତା ଓ ସଂସ୍କାର କଣ ସେ ଜାଣିନଥିଲା । କହିବାକୁ ଗଲେ ସେ ଝିଅ ଏକ ସଂସ୍କାରବିହୀନ ପରିବାରରେ ଜନ୍ମଗ୍ରହଣ କରିଥିଲା । କିଛିଦିନର ପ୍ରେମ ପରେ ଝିଅଟି ପିଲାଟିକୁ ବିବାହ କରିବାକୁ ଜିଦ୍ ଧରିବାରୁ, ପିଲାଟି ଅନ୍ୟ ଉପାୟ ନପାଇ ନିଜ ମାଆଙ୍କୁ ନଜଣାଇ, ଝଅଟିକୁ ସାଙ୍ଗରେ ଧରି ଘରେ ପହଞ୍ଚିଗଲା । ଭାବିଥିଲା ମାଆଙ୍କୁ ନଜଣାଇ ବୋହୁକୁ ସାଙ୍ଗରେ ଆଣିଥିବାରୁ, ମାଆ ନିଶ୍ଚିତ ରାଗିବେ, ଗାଳିମନ୍ଦ କରିବେ । କିନ୍ତୁ ମାଆ ଯେତେବେଳେ ଦେଖିଲେ ପୁଅ ବୋହୁକୁ ଘରକୁ ଆଣି ଆସିଛି, ସେତେବେଳେ ତାଙ୍କ ମାଆ ଅତି ଆନନ୍ଦରେ ପୁଅବୋହୁଙ୍କୁ ବନ୍ଦାପନା କରି ଘରକୁ ପାଛୋଟି ନେଲେ ଏବଂ ବୋହୁକୁ ମଧ୍ୟ ନିଜ ଝିଅ ଭଳି ଦେଖୁଥିଲେ । ମାଆଙ୍କର ସରଳତାର ସୁଯୋଗ ନେଇ ସଂସ୍କାରବିହୀନ ସୁନ୍ଦରୀ ଝିଅଜଣକ ତାର ସ୍ୱାମୀ ଆଗରେ ମାଆ ବିରୁଦ୍ଧରେ ଅଭିଯୋଗ କଲେ ଯେ, ତୁମ ମାଆ ମୋତେ ସବୁବେଳେ ଖଟାଉଛନ୍ତି, ମୁଁ ବିଶ୍ରାମ ନେବାକୁ ସମୟ ପାଉନାହିଁ । ବାସ୍ତବରେ ମାଆ ଜଣକ ତାଙ୍କ ବୋହୁକୁ କୁଟା ଖଣ୍ଡେକୁ ଦି'ଖଣ୍ଡ କରିବାକୁ ବି ଦେଉନଥିଲେ । ପତ୍ନୀର ବାରମ୍ବାର ଅଭିଯୋଗ ଶୁଣି ପସନ୍ଦରେ ମିଳିଥିବା ପତ୍ନୀକୁ ଖୁସିରେ ରଖିବା ପାଇଁ ପୂଣ୍ୟରେ ମିଳିଥିବା ମାଆକୁ ସବୁଦିନ ପାଇଁ ଅନାଥ ଆଶ୍ରମରେ ରଖିବାକୁ ମାଆକୁ ପ୍ରସ୍ତାବ ଦେବାରୁ ମାଆ ତତ୍‌କ୍ଷଣା ରାଜି ହୋଇଯାଇଥିଲେ । କାରଣ ସେ ଚାହୁଁନଥିଲେ ତାଙ୍କ ପାଇ ପୁଅ ବୋହୁ ଭିତରେ ଅଶାନ୍ତି ସୃଷ୍ଟି ନହେଉ । ପରଦିନ ପୁଅ ମାଆକୁ ନିଜ ଚାରିଚକିଆ ଯାନରେ ନେଇ ଏକ ଅନାଥ ଆଶ୍ରମରେ ଛାଡ଼ିଦେଇ ଫେରିବା ସମୟରେ ସେଠାରେ ଉପସ୍ଥିତ ଥିବା ଜଣେ ଭଦ୍ରବ୍ୟକ୍ତି ପିଲାଟିକୁ ଚିହ୍ନିପାରି ତାର ପୂର୍ବ ଘଟଣା ବର୍ଣ୍ଣନା କରିଥିଲେ । ଯେଉଁ ମହିଳାଜଣକ ଏହି ଅନାଥ ଆଶ୍ରମରୁ ପାଇ, ତୁମକୁ ପାଳିପୋଷି ମଣିଷ କରିଥିଲେ, ଆଜି ସେହି ମହିଳାଙ୍କୁ ତୁମେ ସେହି ଅନାଥ ଆଶ୍ରମରେ ଛାଡ଼ିବାକୁ ଆଣିଛ ? ମାନବିକତା ଓ ସଂସ୍କାର ପଣିଆକୁ ଭୁଲି, ମଣିଷ ଯେ ଏଭଳି ଜଘନ୍ୟ ଅପରାଧ କରିବସେ, ଏହା ଏକ ଜ୍ୱଳନ୍ତ ଉଦାହରଣ । ଏହିଭଳି ଘଟଣା ଆମ ସମାଜରେ ନିତିଦିନ ଘଟୁଛି କେବଳ ସଂସ୍କାରର ଅଭାବ ଯୋଗୁଁ । ସାରା ଦେଶରେ ମହାମାରୀ କରୋନା ତାଣ୍ଡବ ରଚିବା ସହିତ ସଂସ୍କାର ପଣିଆକୁ ମଧ୍ୟ ଗ୍ରାସ କରିଦେଇଛି । କରୋନା ଯୋଗୁ ମଣିଷ ମଣିଷଙ୍କ ମଧ୍ୟରେ ସମ୍ପର୍କରେ ଫାଟ ସୃଷ୍ଟି ହୋଇଛି । ଆଗଭଳି ଦେଖାହେଲେ ଯେପରି ଲୋକମାନେ କୋଳାକୋଳି ହେଉଥିଲେ, ପରସ୍ପର ମଧ୍ୟରେ ହାତ ମିଳାଇ ଭାବ ବିନିମୟ ହେଉଥିଲେ, ମାତ୍ର କରୋନା ଯୋଗୁ ଏଥିରେ ବ୍ୟତିକ୍ରମ ଘଟିଛି । ଜଣେ କରୋନା ସଂକ୍ରମିତ ରୋଗୀଙ୍କୁ ତାର ସାଙ୍ଗ, ସାଥୀ, ସାହି ପଡ଼ିଶା ଦେଖି ନଦେଖିଲା ଭଳି ଅଭିନୟ କରୁଛନ୍ତି, ଘୃଣା କରୁଛନ୍ତି, ମୃତ ବ୍ୟକ୍ତିଙ୍କ ଶବ ସଂସ୍କାର କରିବାକୁ ପାଇଁ ଲୋକେ ଭୟ କରୁଛନ୍ତି । ପ୍ରତିଦିନ ଶହ ଶହ ସଂଖ୍ୟାରେ ଆତ୍ମୀୟ ସ୍ୱଜନ ପ୍ରାଣ ହରାଉଥିଲେ ମଧ୍ୟ ସାନ୍ତ୍ୱନା ଟିକେ ଦେବା ପାଇଁ ମଣିଷ ଆଜି ପଛଘୁଞ୍ଚା ଦେଉଛି । ବାପ ପୁଅ, ସ୍ୱାମୀସ୍ତ୍ରୀ ଭିତରେ ସମ୍ପର୍କ ଛିନ୍ନ ହେଉଛି । ପ୍ରତିଦିନ ଅବିଶ୍ୱାସନୀୟ ଖବର ପଢି ପଢି ଜୀବନ ପ୍ରତି ବୈରାଗ୍ୟଭାବ ସୃଷ୍ଟି ହେଲାଣି । ଦିନ ଥିଲା ଦୁଇଜଣଙ୍କ ଭିତରେ ଝଗଡ଼ା ଲାଗିଲେ ତୃତୀୟ ବ୍ୟକ୍ତି ସମାଧାନ କରୁଥିଲା, ଆଜି ଦୁଇଜଣଙ୍କ ଭିତରେ ଝଗଡ଼ା ଲାଗିଲେ ତୃତୀୟ ଜଣକ ମୋବାଇଲରେ ଫଟୋ ଉଠାଇ ସୋସିଆଲ ମିଡ଼ିଆରେ ଛାଡୁଛି । ଅତୀତର ସମୟ ସଂସ୍କାରପୂର୍ଣ୍ଣ ଥିଲା, ବର୍ତ୍ତମାନର ସମୟ ଶିକ୍ଷାପୂର୍ଣ୍ଣ । ବର୍ତ୍ତମାନ ମଣିଷ ଶିକ୍ଷା କ୍ଷେତ୍ରରେ ଆଗୁଆ । ପାଠ ପଢି ମଣିଷ ଯେତେ ଶିକ୍ଷିତ ହେଉଛି, ଦିନକୁ ଦିନ ମାନବିକତାକୁ ହରାଇ ବସୁଛି, ସଂସ୍କାର ପଣିଆକୁ ଭୁଲିଯାଉଛି । ଏସବୁ ପରିବେଶ ଓ ପରିସ୍ଥିତି ମଧ୍ୟରେ ବଞ୍ଚିବାକୁ ହେବ, ନିଜର ପାରିବାରିକ ଜୀବନକୁ ସୁନ୍ଦର କରିବାକୁ ହେବ, ସଂସ୍କାରକୁ ମଜବୁଭ କରିବାକୁ ପଡ଼ିବ । ଭଲ ମନ ପାଇଁ ଭଲ ଚିନ୍ତାଧାରା ଓ ଭଲ ବିଚାର ଦରକାର, ଭଲ ବିଚାର ପାଇଁ ଭଲ ଆହାର ଦରକାର, ଭଲ ଆହାର ପାଇଁ ଭଲ ସଂସ୍କାର ଦରକାର, ଭଲ ସଂସ୍କାର ପାଇଁ ଭଲ ପରିବାର ଦରକାର । ପାରିବାରିକ ଜୀବନକୁ ସୁନ୍ଦର କରିବାକୁ ହେଲେ ସଂସ୍କାରକୁ ମଜଭୁତ କରିବାକୁ ପଡ଼ିବ ତେବେ ଯାଇ ପାରିବାରିକ ଜୀବନରେ, ସାମାଜିକ ଜୀବନରେ ଆମେ ଶାନ୍ତି ଅନୁଭବ କରିପାରିବା ।

କଣ୍ଟି, ବାହାରଣା, ବାଲିକୁଦା,
ଜଗତସିଂହପୁର

# ରାଜିନାମାର ରାଜନୀତି



ମାୟାଧର ନାୟକ

ମୁକ୍ତିସଂଗ୍ରାମର ପ୍ରଶ୍ନୋତର ପର୍ଯ୍ୟାୟ ପରବର୍ତ୍ତୀ ଏକ ମହାସଂଗ୍ରାମ – ଯାହାର ଅସଲ ମଇଦାନ ମାଟିରୁ ଘାଟି ପର୍ଯ୍ୟନ୍ତ ପରିବ୍ୟାପ୍ତ । ଜୀବନସଂଗ୍ରାମର ସ୍ୱାଧୀନତା ହେଉଛି କେବଳ ଅର୍ଥନୈତିକ ପରାଧୀନତାରୁ ମୁକ୍ତି ନୁହେଁ, ଆମ ସାଂସ୍କୃତିକ ଦାସତ୍ୱରୁ ନିଷ୍କୃତି ମ୍ଭ । ବଂଚିବାର ସର୍ବନିମ୍ନ ଅଧିକାର ଛଡାଇନେଉଥିବା ଶୋଷକ ଶାସନତନ୍ତ୍ର ବିରୋଧରେ ବଂଚିତ ଓ ପ୍ରବଚିଂତ ଜନସାଧାରଣଙ୍କର ଏହା ହେବ ମରଣପଣ ମହାଯୁଦ୍ଧ । ଶିକାରୀ ଶାସକମାନଙ୍କ କଲମୀ କୁଂଜ ବାହାରେ ଆମ ଜନତା ଓ ଜନଜାତି ଦଳଦଳ ଘୃଣିତ ଭିକାରି ନୁହନ୍ତି ଯେ ଶେଷଯାଏଁ କେବଳ ମୁଣ୍ଡରେ ହାତଦେଇ କାନ୍ଦୁଥିବେ । ଦେଶବାସୀଙ୍କ ଦୁଃଖଦୁର୍ଗତ ପ୍ରତି ବ୍ୟଙ୍ଗ କରି ରାଜନୈତିକ ବ୍ୟବସାୟ ବିସ୍ତାର ପାଇଁ ଏଭଳି ଅମାନୁଷିକ ଅଧିକାର ଏ ରାଜନେତାମାନଙ୍କର ଆସିଲା କେଉଁଠୁ ? ଗତକାଲି ମୁକ୍ତିସଂଗ୍ରାମ ଆରମ୍ଭ ହୋଇଥିଲା ବିଦେଶୀ ଶାସକବାହିନୀ ବିରୋଧରେ, ଆସନ୍ତାକାଲି କିନ୍ତୁ ଜୀବନସଂଗ୍ରାମର ସ୍ୱାଧୀନତା ପାଇଁ ଘାଟିରେ ମାଟିରେ ନିଆଁ ଜଳିବ ଦେଶୀ ଶାସନତନ୍ତ୍ରର ଅବିଚାରିତ ଅଭ୍ୟସ୍ତତାକୁ ମୂଳପୋଛ କରିବାକୁ । ଜୀବନସଂଗ୍ରାମର ସ୍ୱାଧୀନତା ପାଇଁ ଘାଟି କାନ୍ଦୁଚି, ମାଟି ବାହୁନୁଚି । ମାଳମାଳ ମଫସଲ, ଗରିବଗୁରୁବାର ଗାଆଁଗଣ୍ଡା, ଅଭେକା ଆଦିବାସୀ ଅନ୍ଧାରିମୂଳକରେ ମଣିଷ ପୋକମାଛି ପରି ଜୀବନ ବଂଚୁଥିଲାବେଳେ ଆଜି ନେତାମାନଙ୍କ ଭାରତବର୍ଷ ଶିଳ୍ପପତି ଶ୍ରେଣୀ ଦ୍ୱାରା ନ୍ୟସ୍ତ ଓ ନିର୍ମିତ ମାର୍କାମରା ମହାନଗରମାନଙ୍କରେ ବିଳାସବ୍ୟସନରେ ଉବୁଟୁବୁ । ଏବେ ସବୁଠୁ ଭୟଙ୍କର ଷଡଯନ୍ତ୍ର ସୃଷ୍ଟି ହୋଇସାରିଛି ଜନସାଧାରଣଙ୍କ ଜୀବନସଂଗ୍ରାମକୁ ମୃତ୍ୟୁମୁହଁକୁ ପଠାଇଦେବା ପାଇଁ । ଆମେ ଏ ଷଡଯନ୍ତ୍ରର ନାଆଁ ଦେବା – ମେସିନ୍ ମାଫିଆ ! ମେସିନ୍ ମାଫିଆ ? ହଁ, ଆଜି ଆଉ ପ୍ରତ୍ୟକ୍ଷ ଭାବରେ ଦେଶୀ ଶାସନର ସେନାପତିମାନେ ଆମ ଭୋଟ୍ ବୁଥ୍ ଦଖଲଠୁ ଆରମ୍ଭ କରି ଆମକୁ ଆମ ଭିଟାମାଟିରୁ ବେଦଖଲ କରିବାର ଷଡଯନ୍ତ୍ରରେ ଯେଉଁ ମାଫିଆ ବାହିନୀକୁ ଜାଗତିଆର କରି ରଖିଥିଲେ, ସେ ଧାରା ଏବେ ଦ୍ରୁତ ବଦଳିବାକୁ ଯାଉଛି । ଆଜି ମେସିନ୍ ହିଁ ନେବାକୁ ଯାଉଛି ନକାରାତ୍ମକ ଅପଶକ୍ତି ମାଫିଆର ଭୂମିକା । ବିଦେଶରୁ ବହୁକିସମର ମେସିନ୍ ପଶିଆସୁଚି ଦେଶ ଭିତରକୁ । ଯେଉଁଠି ମେସିନ୍ ମଣିଷର ବଂଚିବାର ଯୁଦ୍ଧରେ ସୈନ୍ୟର ଭୂମିକା ନେଇଥାଏ, ସେଠି ଏ ମେସିନ୍ ଆମର ଫମେସିହା' (messiah) ବା ଦେବଦୂତ, ମାତ୍ର ଯେଉଁଠି ଲକ୍ଷଲକ୍ଷ ମଣିଷଙ୍କୁ ନିକିମା କରିଦେଇ ମେସିନ୍ ମୁନାଫାଖୋର୍ ମାଲିକର ହାତବାରିସି ସାଜିବାର ଭୂମିକା ନିର୍ବାହ କରେ, ସେଠି ତାହା ମାଫିଆ । ଆଜି ମେସିନ୍‌ମାଫିଆ ପଶିଆସିଲାଣି ଆଦିବାସୀ ଇଲାକାକୁ ମ୍ଭ । ହାତକୁ ହରାଇଦେଇ ହତିଆରକୁ ଜିତାଇବାର ଜିଦ୍ ହେଉଛି ଏ ମେସିନ୍‌ମାଫିଆର ମତଲବ । ଜୀବନସଂଗ୍ରାମର ସ୍ୱାଧୀନତା-ଯୋଦ୍ଧାମାନେ ଏ ମେସିନ୍‌ମାଫିଆର ମତଲବକୁ ମୂଳପୋଛ ନକଲେ ନିଜେ ନିଶ୍ଚିହ୍ନ ହେବାକୁ ମ୍ଭ । ବର୍ତ୍ତମାନ କୃଷିକ୍ଷେତ୍ରକୁ କବରଖାନାରେ ପରିଣତ କରି ଶିଳ୍ପକ୍ଷେତ୍ରର ଯେଉଁ ନବ୍ୟସାମ୍ରାଜ୍ୟବାଦ ବିସ୍ତାରିତ ହେବାରେ ଲାଗିଛି, ତାହା ଆମ ସମସ୍ତଙ୍କୁ ଦିନେ ଏକ ବିସ୍ଥାପିତ ବର୍ଗରେ ପରିଣତ କରିଦେବ – ଏଥିରେ ତିଳାର୍ଦ୍ଧ ସନ୍ଦେହ ନାହିଁ । ଶାସନ, ପ୍ରଶାସନ ଓ ଶିଳ୍ପାୟତ ବ୍ୟବସ୍ଥାର ତ୍ରିଶକ୍ତିମେଂଟରେ ଜନତା ଆଜି ତ୍ରିଶଙ୍କୁ । ତାର ନା ସ୍ୱର୍ଗ ଅଛି ନା ମର୍ତ୍ତ୍ୟ ? କେବଳ ପାତାଳ । ଏବଂ ଏଇ ପାତାଳର ପ୍ରାଚୁର୍ଯ୍ୟ ପ୍ରତି ମ୍ଭ ନଜର ପଡିଛି ପରାଙ୍ଗପୁଷ୍ଟ ମାଲିକଶ୍ରେଣୀର । ଯଦି କୃଷିକ୍ଷେତ୍ରର ପୁନରୁଦ୍ଧାର ପାଇଁ ପ୍ରସ୍ତୁତିପର୍ବ ପୁଣି ଆରମ୍ଭ ନହୁଏ, ତା'ହେଲେ ଶିଳ୍ପକ୍ଷେତ୍ରର ଏ ବିସ୍ତାର ଦିନେ ଶେଷ କରିଦେବ ମାମୁଲି ମଣିଷମାନଙ୍କର ଅସ୍ତିତ୍ୱ । ଜୀବନସଂଗ୍ରାମର ସ୍ୱାଧୀନତା – ଏହି ଦୃଷ୍ଟିରୁ ଆଜିର ସର୍ବାଧିକ ଗୁରୁତ୍ୱପୂର୍ଣ୍ଣ ଆହ୍ୱାନ । ଏ ଜୀବନସଂଗ୍ରାମର ସ୍ୱାଧୀନତା ପ୍ରତି ବିପଦ ଭିଆଇବାର ଅଭିସନ୍ଧି ଏବେ ସବୁଠି ଆମେ ଅଙ୍ଗେ ନିଭାଇଛୁ । ୪୦ ବର୍ଷ ତଳୁ ବିଦେଶରୁ ଆମଦାନି ହୋଇଥିବା ଗହମବସ୍ତା ଭିତରେ ଆମ ଦେଶକୁ ଚାଲିଆସିଥିଲା ବିଷାକ୍ତ ଘାସମଂଜି ! ଏହା ଅଜାଣତରେ ଆସିନଥିଲା, ଆସିଥିଲା ଏ ଦେଶର ଉର୍ବର ଫସଲକ୍ଷେତଗୁଡାକୁ ବାଂଝ ବଂଜରଭୂଇଁରେ ପରିଣତ କରିବାର ଦୁରଭିସନ୍ଧି ଯୋଗୁଁ । ତା'ଛଡା ଏ ଦେଶର ଅର୍ଥନୀତିକୁ କୃଷକବିରୋଧୀ ଅର୍ଥନୀତିରେ ବଦଳାଇଦେବାର ବିଦେଶୀ ପ୍ରଭାବକୁ ସେତେବେଳେ କେହି ଚିହ୍ନଟ କରିପାରିନଥିବା ହେତୁ କୃଷକମାନଙ୍କୁ ଚକ୍ରବୃଦ୍ଧି ସୁଧ ସହ ଯେଉଁ କୃଷିଋଣ ପ୍ରବର୍ତନ କରାଯାଇଥିଲା, ତାହା ଯେ ଦେଶର ମେରୁଦଣ୍ଡ କୃଷକଶ୍ରେଣୀକୁ ଭାଙ୍ଗିବାର ଭୂମିକା ନିର୍ବାହ କରିଥିଲା – ଏ ଉକ୍ଟ ସତ୍ୟ ଆଜି ଉଣାଅଧିକେ ସମସ୍ତଙ୍କୁ ଗୋଚର । ବର୍ତ୍ତମାନ ଗାଆଁଗାଆଁରେ ଶୂନ୍‌ଶାନ୍ ସମୟ । ଚାଷଜମିସବୁ ଚାକୁଣ୍ଡାଭୂଇଁ । ଯେଉଁ ଚଷା ସାରା ପୃଥିବୀର ଅନ୍ନଦାତା, ତା' ପ୍ରତି ବିଶ୍ୱାସଘାତକତାର ଅନ୍ତହୀନ ବର୍ବରତା ବଜାୟ ରହିଛି ପୂର୍ବପରି । ଶାସନ, ପ୍ରଶାସନ ଓ ଶିଳ୍ପୀୟତ ବ୍ୟବସ୍ଥା ପାରସ୍ପରିକ ରାଜିନାମାର ରାଜନୀତି ଚାଲୁରଖି ଏ କୃଷକଶ୍ରେଣୀକୁ ଉଚ୍ଛେଦ କରିବା ପାଇଁ କାହିଁକି ରପ୍ତର ? କାରଣ କୃଷକ କେବଳ ତା' ଫସଲକ୍ଷେତର ଜଗୁଆଳ ନୁହେଁ, ସେ ମ୍ଭ ଗ୍ରାମସଂସ୍କୃତିର ଗୃହରକ୍ଷୀ । କୃଷକଶ୍ରେଣୀ ମଜବୁତ ଥିବାଯାଏଁ ଗାଆଁକୁ ବଣିକବାହିନୀର ଭଡାଟିଆ ଗୁଣ୍ଡା କି ଶାସକ ବର୍ଗର ପାଳିତ ଶ୍ୱାନଦଳ ପଶିପାରିବା ଅସମ୍ଭବ । କୃଷକକୁ ଦୁର୍ବଳ କରିଦେଇ ତା' ଜମି ଉପରେ କଳାକନାର ପତାକା ଉଡାଇବା ପାଇଁ ବଣିକ ଓ ଶାସକମାନଙ୍କ ମେଂଟ ଆଜି ପୂରାମାତ୍ରାରେ ସକ୍ରିୟ । ଏବେ ପୁଣି ଆଦିବାସୀଙ୍କୁ ଆଇନକାନୁନ୍‌ଠାରୁ ଦୂରେଇରଖି ସେମାନଙ୍କ ଜଙ୍ଗଲକୁ ଲୁଟ୍ କରିବାର ଚକ୍ରାନ୍ତ ଚାଲିଛି । ଖଣିଗୁଡାକୁ ବିକିଦେବାର ମସୁଧା ଚାଲିଛି । ରାଜିନାମାର ରାଜନୀତିରେ କେବଳ କୃଷକ ଓ ଆଦିବାସୀବର୍ଗ ନୁହନ୍ତି, ମେହନତି ମଜଦୁର ତଥା ଶ୍ରମିକଶ୍ରେଣୀ ମ୍ଭ ବଳି ପଡିବାକୁ ଯାଉଛନ୍ତି । ମେସିନ୍‌ମାନ୍ତିଆ ଶ୍ରମିକ ମଜଦୁର ଭାଇଭଉଣୀମାନଙ୍କ ଜୀବନନାଟିକାକୁ ହରଣଚାଲ କରିନେବାକୁ ବାହା ପିଟୁଚି । ସମସ୍ତେ ପ୍ରଚାର କରୁଛନ୍ତି ପ୍ରଗତି – ପ୍ରଗତି ! ଶିଳ୍ପ ଆସିଲେ କୁଆଡେ ପ୍ରଗତି ଆସିବ । କିନ୍ତୁ ଯେଉଁ ପ୍ରଗତି ଆସିଲେ ମଣିଷର ଜମି, ଜଙ୍ଗଲ, ଜୀବନର ପତା ସୁଦ୍ଧା ମିଳିବନି ଏବଂ ବିସ୍ଥାପିତ ବର୍ଗର ବିକଳ ଆର୍ତନାଦରେ ସ୍ୱର୍ଗମର୍ତ୍ତ୍ୟପାତାଳ ଥରିଉଠିବ, ସେ ପ୍ରଗତି କାହାର ? ସେ ପ୍ରଗତି ବଣିକର, ଶାସକର, ପ୍ରଶାସକର ପ୍ରଗତି – ସାଧାରଣ ମଣିଷର ମର୍ଯ୍ୟାଦା ସେ ପ୍ରକାର ପ୍ରଗତିରେ ଦିବାସ୍ୱପ୍ନ । ବେ ସବୁଆଡେ ଶସ୍ତା ସ୍ଲୋଗାନ୍ । ବସ୍ତାବସ୍ତା ଭାଷଣବାଜିର ରିହାତି-ରାଜନୀତି । ଏ ଦଳ କହୁଚି ସେ ଦଳ ଚୋର, ସେ ଦଳ କହୁଚି ଏ ଦଳ ତସ୍କର । ଲୋକେ କହୁଛନ୍ତି ସବୁ ଦଳ – ପଙ୍ଗପାଳ । ଶାସନତନ୍ତ୍ରର ଶସ୍ୟକ୍ଷେତ୍ରରେ ପ୍ରବେଶ କରିବା ପାଇଁ ସମସ୍ତେ ପାଗଳ । ଆଗେ ଆମର ରାଷ୍ଟ୍ରନୀତିଜ୍ଞ ଥିଲେ – ଯେଉଁମାନଙ୍କ ସଂଖ୍ୟାହ୍ରାସ ଘଟିଛି ଶୋଚନୀୟ ଭାବରେ । ଏବେ ଅବଶ୍ୟ ରାଜନୀତିଜ୍ଞ ଅଛନ୍ତି କେତେକ – ମାତ୍ର ଚଳନ୍ତି ରାଜନୀତିର ଚକ୍ରବ୍ୟୂହରେ ସେମାନେ ନିଷ୍ପ୍ରଭ ଚରିତ୍ର ଜଣେଜଣେ । ବର୍ତମାନର ରାଜନୀତି ଏକପ୍ରକାର ପ୍ରଜାଶୋଷଣଧର୍ମୀ ପ୍ରବୃତି ନହେଲେ ରାଜକୋଷଲୁଣ୍ଠନମୁଖୀ ବାଜନୀତି । ରାଜନୀତିକୁ ବାଜନୀତିରେ ବଦଳାଇ ଦେଇଥିବା ଅପଶକ୍ତିର ଆଜ୍ଞାବହ ବର୍ଗ ଗୋଟିଏ ଗୋଟିଏ ଦଳ ଗଢି ସାରା ଦେଶକୁ ଦଖଲ କରିବାକୁ ବ୍ୟଗ୍ର । ଏମାନେ କେବଳ ମିଥ୍ୟାଚାରୀ, ଭ୍ରଷ୍ଟାଚାରୀ, ବ୍ୟଭିଚାରୀ, ଅବିଚାରୀ ବା ମୁଖାଧାରୀ ନୁହନ୍ତି, ଦରକାର ପଡିଲେ ଏମାନେ ବି ଭାରତୀୟ ଗଣତନ୍ତ୍ରର ହତ୍ୟାକାରୀ ହେବାକୁ ହାତ ମିଳାନ୍ତି ପରସ୍ପର ସହିତ । ଆଜି ସମସ୍ତଙ୍କ ମୁଣ୍ଡ ବିଗିଡିଯାଇଛି । ସେଥିପାଇଁ ଶାସକ ଓ ସୌଦାଗରମାନଙ୍କ ସୌଖିନ୍ ସଂସ୍କୃତିକୁ ସମସ୍ତେ ପ୍ରଗତିର ପ୍ରକୃତି ଭାବରେ ବୁଝୁଛନ୍ତି । କିନ୍ତୁ ମୁଣ୍ଡ କାମ କରିଥିଲେ ଏ ମୋହ ଆଉ ଆମେ କାହାକୁ ପାଗଳ କରୁନଥାନ୍ତା । ଏବେ ମୁଣ୍ଡ ମରାମତି କାରଖାନା ଆଗେ ଦରକାର । ଏ ମୁଣ୍ଡ ମରାମତି କାରଖାନା କିଏ କରିବ ? ନା, କୌଣସି ମାଲିକ ନୁହେଁ, ମହାଜନ ନୁହେଁ, ଶାସକ ନୁହେଁ, ସୌଦାଗର ନୁହେଁ – ଏ କାରଖାନା ଚଳାଇବେ ଆଦିବାସୀମାନେ, ଅଧିବାସୀମାନେ, କୃଷକଶ୍ରମିକମାନେ ଏବଂ ପ୍ରବଂଚିତ ଦଳିତ ଜନସମୂହ । ମୁଣ୍ଡ ମରାମତି କାରଖାନା ଚାଲିଲେ ଜୀବନସଂଗ୍ରାମର ସ୍ୱାଧୀନତା ପାଇଁ ଆନ୍ଦୋଳନ ସାରା ପୃଥିବୀ ପାଇଁ ସୃଷ୍ଟି କରିପାରିବ ସଂଶୟମୁକ୍ତ ଶୁଭେଚ୍ଛା – ବଂଚିବାର ବାର୍ତା । ପ୍ରଚାରରେ ପ୍ରଗତିର କୀର୍ତନ ଚାଲିଛି, ବିଚାରରେ ନାହି – ପ୍ରଗତି ନାଆଁରେ ଏ ଦୁର୍ଗତିକୁ ଚିହ୍ନଟ କର ଓ ପ୍ରତିବାଦ କର । ତୁମ ଜୀବନସଂଗ୍ରାମର ସ୍ୱାଧୀନତାକୁ ବିପନ୍ନ କରି ଯେଉଁ ରାଜନୈତିକ ଧାରା ବର୍ତମାନ ନାନାଦି ଅର୍ଥନୈତିକ ଯୋଜନା ପ୍ରସ୍ତୁତ କରୁଛି, ସେ ଯୋଜନାରେ ଭୁଲି ନଯାଇ ନୂତନ ରାଜନୈତିକ ଦର୍ଶନ ପ୍ରସ୍ତୁତ କର । ଦେଶଦ୍ରୋହୀ, ଜନଦ୍ରୋହୀ ରାଜକୋଷ ଲୁଟେରାଙ୍କୁ ଚରମ ଶାସ୍ତି ଦିଅ । ଗାଆଁଗଣ୍ଡା, ଖଣିଖାଦାନ, ପାହାଡପଡିଆ, ସହରବଜାର – ସବୁ ତୁମ ଜୀବନସଂଗ୍ରାମର କୁରୁକ୍ଷେତ୍ର । କୃଷିଜୀବୀ, ଶ୍ରମଜୀବୀ ଜନସାଧାରଣ ଏକ୍ ହୁଅ – ମେଳି କର – ହକ୍ ଅଧିକାର ଛଡାଇଆଣ । କଷ୍ଟ ଓ ମୃତ୍ୟୁକୁ ଭୟ କରନା – ନିଜ ବିପର୍ଯ୍ୟୟକୁ ଜୟ କରି ତୁମେ ହୁଅ ଜଗତଜିତା ।

ଯାଜପୁର ରୋଡ, ଯାଜପୁର
ମୋ : ୯୮୬୧୦୩୪୧୬୩

# ଭୋକ ଓ ଭୂତାଣୁ ଏକ ମାରାତ୍ମକ ଘାତକ



ଡ. କିଶୋର ମହାନ୍ତି

ଭୋକ ଓ ଭୂତାଣୁ ସମାନ୍ତରାଳ ଭାବେର ସଂପ୍ରତି ଗତି କରି ଚାଲିଛନ୍ତି । ଯଦିଓ ଭୋକ ସର୍ବକାଳୀନ କିନ୍ତୁ ଭୂତାଣୁର ସ୍ଥିତି ସାମୟିକ । ଏହା ସତ୍ୟ ଯେ ଭୂତାଣୁ ଅପେକ୍ଷା ଭୋକ ଆହୁରି ଭୟଙ୍କର । ବିଶ୍ୱରେ ଭୋକ ଆଉ ଭୂତାଣୁ ମଣିଷ ଜୀବନ କୁ ଛିନ୍‌ଭିନ୍ କରିବାରେ ଲାଗିଛନ୍ତି । ଭୋକ ଦୀର୍ଘକାଳୀନ ଥିଲାବେଳେ ଭୂତାଣୁର ଭୟଙ୍କାରି ଓ ତାର ପ୍ରଭାବ ଜନଜୀବନ ଓ ଜୀବନ ଜୀବିକା ଉପରେ ଏତେ ବେଶୀ ଯେ ଜନ ଜୀବନ ଅସ୍ତବ୍ୟସ୍ତ ତଥା ନିଜର ଭାରସାମ୍ୟ ରକ୍ଷା କରିବା ସମ୍ଭବପର ନୁହେଁ – ଯାହା ସାଂପ୍ରତିକ ମଣିଷ ସମାଜରେ କରୋନା ମହାମାରୀର ତାଣ୍ଡବଲୀଳାରେ କେତେ ଜୀବନ ମୃତ୍ୟୁର ଦ୍ୱାର ଦେଶରେ ଉପନୀତ ତାହା ଆଜି ବେଶ ସୁସ୍ପଷ୍ଟ । ଏଣୁ ଏକଥା ସତ୍ୟ ଯେ ଭୋକ ଓ ଭୂତାଣୁ ମଣିଷ ଜୀବନର ଗତି ପ୍ରବାହକୁ ବାଧା ଦେବା ସଙ୍ଗେ ସଙ୍ଗେ ଯେଭଳି ଭତାଣୁର ପ୍ରକ୍ରିୟା ଓ ପ୍ରତିକ୍ରିୟା ମଣିଷର କଣ୍ଠରୋଧ କରୁଛି ତାହା ସ୍ପଷ୍ଟ ଅନୁମେୟ ଏବଂ ଖୁବ୍ ଦୁଃଖ ଦାୟକ । ଏହା ମଣିଷ ସମାଜ ପ୍ରତି ଏକ ବିପ୍ଲାତ କହିଲେ ଅତ୍ୟୁକ୍ତି ହେବନାହିଁ । କହିବାକୁ ଗଲେ ଭୋକ ଠାରୁ ବଡ଼ ଭୂତାଣୁଜଗତରେ ଆଉ କିଛି ନାହିଁ ବୋଲି କହିଲେ ଚଳେ । ସମାଜର ଉନ୍ନତି କ୍ଷେତ୍ରରେ ଭୋକ ହିଁ ପ୍ରଧାନ ଅନ୍ତରାୟ ଓ ବଡ଼ ଶତ୍ରୁ । ଭାରତରେ ଭୋକର ସ୍ଥିତି ଅତି ଶୋଚନୀୟ । ଏଠିକୁ ପୋଷଣର ବିକଟାଳ ରୂପ ଗରୀବ ଆଫ୍ରିକା ଦେଶଠାରୁ ଖୁବ୍ ଅଧିକ । ଏଠାକାର ୫୦ ଶତାଂଶ ମହିଳାଙ୍କର ରକ୍ତହୀନତା ଅନ୍ୟତମ କାରଣ । ବିଶେଷ କରି ୭୦ଶତାଂଶ ଭାରତର ଗ୍ରାମଞ୍ଚଳ ଲୋକମାନଙ୍କର କୁପୋଷଣ ଓ ଖାଦ୍ୟାଭାବ ଖୁବ୍ ବେଶୀ । ବିଶେଷତଃ ଦେଶର ଆଦିବାସୀ ଜନଜାତି, ବସ୍ତିବସୀ ମହିଳା ଓ ପାଞ୍ଚବର୍ଷରୁ ଉର୍ଦ୍ଧ୍ୱ ପିଲାମାନେ କୁପୋଷଣର ଅଧିକ ଭାବରେ ଶୀକାର ହେଉଛନ୍ତି । ଏଣୁକରି ପିଲାର ବୟସ ବଢ଼ିବା ସଙ୍ଗେ ସଙ୍ଗେ ଏମାନଙ୍କର ତଦନୁରୂପେ ଉଚ୍ଚତା ବୃଦ୍ଧି ପାଉନାହିଁ । ଶକ୍ତି ଓ ସାମର୍ଥ୍ୟ ହରାଇ ବସି ବିକଳାଙ୍ଗ ହୋଇଯାଉଛନ୍ତି । ପ୍ରାୟତଃ ୩୦କୋଟି ଭାରତୀୟ ଭୋକ ଓ କୁପୋଷଣ ଦ୍ୱାରା ପ୍ରଭାବିତ ହେଉଛନ୍ତି । ଭାରତରେ ଖାଦ୍ୟ ବ୍ୟବସ୍ଥା ବ୍ରିଟିଶ ଶାସନ କାଳରୁ ବଡ଼ ସଙ୍କଟମୟ ପରିସ୍ଥିତି ଦେଇ ଗତି କରି ଆସୁଛି । ଓଡ଼ିଶାରେ ୧୮୮୬ ମସିହାରେ ହେଇଥିବା ନ'ଅଙ୍କ ଦୁର୍ଭିକ୍ଷ ଓଡ଼ିଶାର ଅସ୍ତିତ୍ୱ କୁ ଦୋହଲାଇ ଦେଇଥିଲା; କ୍ଷୁଧା ଅନାହାରରେ ଲୋକ ପୋକ ମାଛି ପରି ମରିଶୋଇଲେ । ସେହି ଶୋଚନୀୟ ଅବସ୍ଥାରେ ଚିତ୍ର ଏତେ ଭୟଙ୍କର ଥିଲା ଯେ ଇତିହାସ ଓ ଆମ ଲେଖକ ମାନେ ସେମାନଙ୍କର ଉପନ୍ୟାସରେ ଏହାର ଭୟାବହତା ଚିତ୍ରଣ କରିଯାଇଛନ୍ତି । ଅର୍ଥନୀତି ଓ ସାମାଜିକ ପ୍ରଗତିର ଅନ୍ତରାୟ ଘଟିଲା । ୧୯୪୩ ମସିହାରେ ବଙ୍ଗରେ ଘଟିଥିବା ଶୋଚନୀୟ ଓ ହୃଦୟ ବିଦାରକ ଦୁର୍ଭିକ୍ଷ । ୧୯୩୭ ମସିହାରେ ଭାରତକୁ ବର୍ମାଠାରୁ ଅଲଗା କରିଦିଆଗଲା । ସେତେବେଳେ ଭାରତକୁ ପ୍ରତିବର୍ଷ ଲକ୍ଷେଟନ୍‌ରୁ ଉର୍ଦ୍ଧ୍ୱ ଚାଉଳ ମିଳୁଥିଲା । ୧୯୪୭ ମସିହାରେ ଭାରତ ସ୍ୱାଧୀନତା ପାଇଲା ସତ କିନ୍ତୁ ଭୋକ ମଲାନି । ସେତେବେଳେ ବି ଭାରତକୁ ବିଭାଜିତ କରିଦିଆଗଲା । ଯାହାଫଳରେ କି ଧାନ ଓ ଗହମ ଉତ୍ପାଦନ କ୍ଷେତ୍ରରେ ଅଗ୍ରଣୀ ରାଜ୍ୟ ବଙ୍ଗଳା ଓ ପଞ୍ଜାବର କେତେକ ସ୍ଥାନ ପାକିସ୍ଥାନ୍ ଅଧୀନକୁ ଚାଲିଗଲା ଏବଂ ଲକ୍ଷ ଲକ୍ଷ ଶରଣାର୍ଥୀ ଭାରତକୁ ଅନୁପ୍ରବେଶ କଲେ । ସ୍ୱାଧୀନତା ପରେ ପରେ ଭାରତ ଭୀଷଣ ଖାଦ୍ୟ ସଙ୍କଟର ସମ୍ମୁଖୀନ ହେଲା । ଯଦିଓ ଭାରତ କୃଷିପ୍ରଧାନ ଦେଶ, ହୁ ହୁ ହୋଇ ବଢୁଥିବା ଜନସଂଖ୍ୟା ଯୋଗୁ ସମସ୍ତଙ୍କୁ ଖାଦ୍ୟ ଯୋଗାଇବାରେ ଅକ୍ଷମତା ପ୍ରକାଶ ପାଇଲା । ଭୋକକୁ ରୋକିବାରେ ଆମେ ଏବେ ବି ସମ୍ପୂର୍ଣ୍ଣ ଭାବରେ ଅକ୍ଷମ । ସଂପ୍ରତି କ୍ଷୁଧା ହେଉଛି ଭାରତ ପାଇଁ ବଡ଼ ସମସ୍ୟା । ଯେଉଁଠି ପେଟ ପାଇଁ ମୁଠାଏ ଦାନା ନାହିଁ ସେଠି ବିକାଶର ସ୍ୱପ୍ନ ଦେଖିବା ନିରର୍ଥକ । ଏବେ ଭାରତ ଏଥିପାଇଁ ବିଶ୍ୱରେ ବିଶେଷ ଭାବେ ଚର୍ଚ୍ଚିତ । ନେପାଳ, ଶ୍ରୀଲଙ୍କା, ମିଆମାର, ପାକିସ୍ଥାନ, ବାଂଲାଦେଶ ଓ ଇଣ୍ଡୋନେସିଆ ଠାରୁ ପଛରେ ୯୪ତମ ସ୍ଥାନରେ ରହିଛି ଭାରତ । ଏକ ପରିସଂଖ୍ୟାନରୁ ଜଣା ପଡ଼ିଛି ଯେ ପୃଥିବୀରେ ୧୮୯.୨ କୋଟି ଲୋକ ଖାଦ୍ୟ ସଙ୍କଟର ସମ୍ମୁଖୀନ ହେଉଛନ୍ତି । ସେଥିରୁ ୧୪ ପ୍ରତିଶତ ଲୋକ ଭାରତର । ୫୧.୪ ପ୍ରତିଶତ ମହିଳା ଆନିମିଆ ବା ରକ୍ତହୀନତା ରୋଗ ଦ୍ୱାରା ଆକ୍ରାନ୍ତ । ୩୪.୫ ଶତାଂଶ ପାଞ୍ଚବର୍ଷରୁ କମ ପିଲାଙ୍କ ଅଭିବୃଦ୍ଧି ଘଟେନା । କୁପୋଷଣ କାରଣରୁ ପିଲାଙ୍କର ମୃତ୍ୟୁ ସଂଖ୍ୟାର ହାର ବୃଦ୍ଧି ପାଇବାରେ ଲାଗିଛି । କିଛି ପିଲା ନିମୋନିଆ, ଡ଼ାଏରିଆ ଓ ମ୍ୟାଲେରିଆ ଦ୍ୱାରା ପୀଡ଼ିତ । ଗ୍ଲୋବାଲ ଇଣ୍ଡେକ୍ସର ୨୦୧୯ ରିପୋର୍ଟ ଅନୁସରେ ୧୧୭ଟି ଦେଶ ଭିତରୁ ଭାରତର ସ୍ଥାନ ୧୦୨ ସ୍ଥାନରେ ରହିଛି ।

ଆଜିର କରୋନା ଭୂତାଣୁ ଦ୍ୱାରା ସଂକ୍ରମିତ ଦେଶର ଖାଦ୍ୟ ବ୍ୟବସ୍ଥାରେ ମଧ୍ୟ ଭିନ୍ନତା ପରିଲକ୍ଷିତ ହେଉଛି । ସମସ୍ତଙ୍କୁ ଏ ମହାମାରୀରେ ଖାଦ୍ୟ ଯୋଗାଇ ଦେବା ଏତେ ଉତ୍ସାହ ଜନକ ନୁହେଁ – ଏହା ଅନ୍ତରାୟ ସୃଷ୍ଟି କରୁଛି । ଆବଶ୍ୟକ ପରିମାଣରେ ସୁବିଧାରେ ଓ ଶସ୍ତାରେ ବହୁ ପରିମାଣର ଫଳ ଓ ପନିପରିବା ମିଳୁନାହିଁ । ଏ ଅସମୟରେ ଖାଦ୍ୟବିନା ଖାଇବାକୁ ନପାଇ କିଛି କିଛି ବି ପ୍ରାଣ ହରାଉଛନ୍ତି । ଏ ବେଳେ ଗରିବ ଶ୍ରେଣୀର ତଥା ଦିନ ମଜୁରିଆ ବେଶୀ ହଇରାଣ ହେଉଛନ୍ତି । ହାତରେ ପଇସା ନାହିଁ, ତେଣୁ ଉପବାସ ବି ରହିଯାଉଛନ୍ତି । ଦେଖାଯାଇଛି ଅଧିକାଂଶ ଗାଁ ଗଣ୍ଡା ଲୋକମାନେ ଓଳିଏ ଖାଇଲେ ଓଳିଏ ଉପାସ ରହନ୍ତି । କେହି କେହି ପରିବାରରେ ଚୂଲି ଜଳେନା । ଭିକାରୀ ତଥା ବାରବୁଲାଙ୍କର ଅବସ୍ଥା ଅତି ଶୋଚନୀୟ । ତଥାପି ସରକାର ଓ ସ୍ୱେଚ୍ଛାସେବୀ ଅନୁଷ୍ଠାନ ସେମାନଙ୍କର ଖାଦ୍ୟର ବ୍ୟବସ୍ଥା କରିଥିଲେ ମଧ୍ୟ ଏହା ସମୁଦ୍ରକୁ ଶଙ୍ଖେ ପରି । ଲକ୍ ଡ଼ାଉନ୍ ଓ ସଟ୍ ଡ଼ାଉନ୍ ବେଳେ ଲୋକମାନେ ପେଟରେ ଓଦାକନା ପକାଇ ଶୋଇ ଯିବାର ନଜିର ମଧ୍ୟ ରହିଛି । କାମଧନ୍ଦା ବନ୍ଦ, ମୂଲ ଲାଗିବା ବନ୍ଦ, ଏ ଅବସ୍ଥାରେ ପାଞ୍ଚ ପ୍ରାଣୀ କୁଟୁମ୍ବ ପୋଷିବା ସହଜ ମଧ୍ୟ ନୁହେଁ – ଭୋକ ସାଙ୍ଗକୁ ଏବେ କରୋନା ଭୂତାଣୁ ଦାଉ ସାଧୁଛି । ଜୀବନ ଓ ଜୀବିକା କ୍ଷେତ୍ରରେ ମଧ୍ୟ କରୋନା ପାଖରେ ହାର ମାନିଛି ମଣିଷ । ଭୂତାଣୁ ଯିବାର ନା ଧରୁନି । ସେଥିପାଇଁ ମଧ୍ୟ ଟୀକା ଏଯାବତ୍ ବାହାରି ପାରିଲା ନାହିଁ – କିଛି କିଛି ଲୋକ ନିଜ ନିଜର ବୃତ୍ତିରେ ଯୋଗ ଦେଲେଣି । ମଜୁରିଆ ମାନଙ୍କୁ କାମଧନ୍ଦା ଯୋଗାଇ ଦିଆଯାଉଛି ତଥାପି ଗୋଟାଏ ଭୟ ଓ ଆଶଙ୍କା କାବୁ କରି ଦେଇଛି । ପଦାକୁ ଗୋଡ଼ କାଢ଼ି ହେଉନାହିଁ ଏପରି ସ୍ଥଳେ, ଜୀବନ ଗତିଶୀଳ ହୋଇ ପାରୁନାହିଁ – ଏଣୁ ଭୋକ ଓ ଭୂତାଣୁର ସରଳାର୍ଥ ଆମ ପାଖରେ ଏବେ ଅସ୍ପଷ୍ଟ ନାହିଁ ।

ମୋବାଇଲ ନଂ-୯୪୩୭୭୨୮୪୭୫
kishoremohanty@gmail.com




# ସାଉଦିଆରବରୁ ଭାରତକୁ ଆସିବ ୧୦୦ରୁ ଅଧିକ ଆଇଏସଓ କଂଟେନର: ଧର୍ମେନ୍ଦ୍ର ପ୍ରଧାନ

ନୂଆଦିଲ୍ଲୀ /ଭୁବନେଶ୍ୱର: ଭାରତକୁ ସାଉଦିଆରବ ୬୦ ଟନ୍ ଲିକୁଇଡ୍ ମେଡ଼ିକାଲ ଅକ୍ସିଜେନ ସହ ୩ଟି ଆଇଏସଓ କଂଟେନର ପଠାଇଥିବା ବେଳେ ଆଗାମୀ ଦିନରେ ଅଧିକ ୧୦୦ଟି ଆଇଏସଓ କଂଟେନର ପଠାଇବାର ବ୍ୟବସ୍ଥା କରିଥିବାରୁ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ସାଉଦିଆରବର ଉର୍ଜା ମନ୍ତ୍ରୀ ପ୍ରିନ୍ସ ଅବଦୁଲାଜିଜଙ୍କୁ ଧନ୍ୟବାଦ ଜଣାଇଛନ୍ତି। ଶ୍ରୀ ପ୍ରଧାନ ଟ୍ୱିଟ୍ କରିଛନ୍ତି ଯେ କରୋନା ବିରୋଧୀ ମୁକାବିଲାରେ ଭାରତକୁ ସହଯୋଗ କରିବା ପାଇଁ ସାଉଦିଆରବରୁ ୬୦ ଟନ୍ ଲିକୁଇଡ୍ ମେଡ଼ିକାଲ ଅକ୍ସିଜେନ ଓ ୩ଟି ଆଇଏସଓ କଂଟେନର ଆସୁଅଛି । ଏହି କଂଟେନର ଜୁନ ୬ରେ ମୁମ୍ବାଇରେ ପହଁଚିବ । ଏହାସହ ଆଗାମୀ ଦିନରେ ଅତିରିକ୍ତ ୧୦୦ଟି ଆଇଏସଓ କଂଟେନର ସାଉଦିଆରବରୁ ଆସିବା ନେଇ ସେ ସୂଚନା ଦେଇଛନ୍ତି। ସାଉଦିଆରବର ଏହି ପଦକ୍ଷେପ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ ସାଉଦିଆରବର ନେତୃତ୍ୱ ମଧ୍ୟରେ ଥିବା ଘନିଷ୍ଠ ସମ୍ପର୍କର ପ୍ରତିଫଳନ । ଏହି ୩ କଂଟେନର ଏବଂ ଆଗାମୀ ଦିନରେ ଆସିବାକୁ ଥିବା କଂଟେନର ଗୁଡ଼ିକ ୬ ମାସ ପର୍ଯ୍ୟନ୍ତ ଇଣ୍ଡିଆନ ଅଏଲ ପାଖରେ ରହିବ। ସାଉଦି ଆରବର କମ୍ପାନୀ ଲିନ୍ଦେ ଦାମନମ୍ ଠାରୁ ଇଣ୍ଡିଆନ ଅଏଲ ଲିକୁଇଡ୍ ମେଡ଼ିକାଲ ଅକ୍ସିଜେନ୍ ଦେଶ ପାଇଁ ଆମଦାନୀ କରିବ । ସୂଚନାଯୋଗ୍ୟ, ଚଳିତ ମାସରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଭାରତକୁ କୋଭିଡ୍ ବିରୋଧୀ ଲଢ଼େଇରେ ନିରନ୍ତର ସହଯୋଗ କରିବା ଉପରେ ପ୍ରିନ୍ସ ଅବୁଦୁଲାଜିଜ୍ ସହ ଆଲୋଚନା କରିଥିଲେ ।




## କମିଲା ବୈତରଣୀର ଜଳସ୍ତର, ଲୋକେ ଆଶ୍ୱସ୍ତ

ଭଦ୍ରକ: ବାତ୍ୟା ଜନିତ ବୈତରଣୀ ଉପରମୁଣ୍ଡରେ ପ୍ରବଳ ବର୍ଷା ଯୋଗୁ ବୈତରଣୀ ନଦୀରେ ଆସିଥିବା ବନ୍ୟା ନିୟନ୍ତ୍ରଣାଧୀନ ରହିଛି । ନଦୀର ଜଳସ୍ତରରେ ଲଗାତର ହ୍ରାସ ଘଟୁଥିବାର ବନ୍ୟା ଆଶଙ୍କା ଟଳିଯାଇଛି। ଯାହା ନେଇ ଲୋକେ ଆଶ୍ୱସ୍ତି ଲାଭ କରିଛନ୍ତି। ତେବେ ନଦୀର ଜଳ ପତନ ବିଳମ୍ବିତ ରାତିରେ ଆଖୁଆପଦା ଠାରେ ବିପଦ ସଂକେତର ବହୁ ଉର୍ଦ୍ଧ୍ୱରେ ପ୍ରବାହିତ ହୋଇଥିବାରୁ ବିଭିନ୍ନ ମାହାରା, ଘାଇ ଦ୍ୱାରା ନଦୀର ଜଳ ବାହାରି ଯାଇ ଶହଶହ ହେକ୍ଟର ଚାଷ ଜମି ବୁଡି ରହିଛି। କିଛି ଖାଲୁଆ ଅ ଳର ଘର ମଧ ପାଣି ଘେରରେ ରହିଛି। ସେହିଭଳି ଭଣ୍ଡାରିପୋଖରୀ ବ୍ଲକ ଅ ଳରେ ୭ଜଣ ଲୋକ ପାଣି ଘେରରେ ରହିଥିବା ଖବର ପାଇ ଅଗ୍ନିଶମ ବିଭାଗ ସେମାନଙ୍କୁ ଉଦ୍ଧାର କରିଛି। ବୈତରଣୀ ନଦୀର ଆଖୁଆପଦା ଠାରେ ବିପଦ ସଂକେତ ୧୭.୮୩ ମିଟର ଥିବା ବେଳେ ଆଜି ସନ୍ଧ୍ୟା ୫ଟା ବେଳେ ଜଳପ ନ ୧୮.୦୮ ମିଟର ରହିଛି। ଉପଜିଲ୍ଲାପାଳ ପୀତାମ୍ବର ସାମଲଙ୍କ ପ୍ରତ୍ୟକ୍ଷ ତ ବଧାନରେ ଧାମନଗର ବ୍ଲକ ଓ ଭଦ୍ରକ ତହସିଲଦାରଙ୍କ ନେତୃତ୍ୱରେ ଭଣ୍ଡାରିପୋଖରୀ ବ୍ଲକ ଅ ଳରେ ଉଦ୍ଧାର କାର୍ଯ୍ୟ ପରିଚାଳନା କରାଯାଉଛି।

# ୭ ଜଣ କର୍ମଜୀବୀ ସାମ୍ବାଦିକଙ୍କୁ ୫୫ ଲକ୍ଷ ୫୦ ହଜାର ଟଙ୍କାର ସହାୟତା ପ୍ରଦାନ

ଭୁବନେଶ୍ୱର : ମୁଖ୍ୟମନ୍ତ୍ରୀଙ୍କ ଅନୁମୋଦନ କ୍ରମେ ରାଜ୍ୟ ସୂଚନା ଓ ଲୋକସଂପର୍କ ବିଭାଗ ୭ ଜଣ କର୍ମଜୀବୀ ସାମ୍ବାଦିକଙ୍କୁ ସାମ୍ବାଦିକ କଲ୍ୟାଣ ପାଣ୍ଠିରୁ ଭିନ୍ନ ଭିନ୍ନ କାରଣ ପାଇଁ ଅନୁକମ୍ପା ରାଶି ଓ ଆର୍ଥିକ ସହାୟତା ବାବଦକୁ ୫୫ ଲକ୍ଷ ୫୦ ହଜାର ଟଙ୍କା ପ୍ରଦାନ କରିଛନ୍ତି । ସେଥି ମଧ୍ୟରୁ କରୋନାରେ ମୃତ୍ୟୁ ପାଇଁ ଯାଜପୁର ଜିଲ୍ଲା 'ମନ୍ଥନ' ସମ୍ବାଦପତ୍ରର ପ୍ରତିନିଧି ସ୍ୱର୍ଗତ ଅଶୋକ କୁମାର ସାହୁ, କେନ୍ଦୁଝର ଜିଲ୍ଲାରେ 'ଓଡ଼ିଶା ଭାସ୍କର' ସମ୍ବାଦପତ୍ରର ବରିଷ୍ଠ ସାମ୍ବାଦିକ ସ୍ୱର୍ଗତ ଧୀରେନ୍ଦ୍ର ରାଉତ ଓ ବାଲେଶ୍ୱର ଜିଲ୍ଲାରେ 'ଇ.ପି.ଏ. ୱିକ୍‌ଲି'ର ପ୍ରତିନିଧି ସ୍ୱର୍ଗତ ସୋଲୋମାନ୍ ସାହୁଙ୍କ ପରିବାରକୁ ୧୫ ଲକ୍ଷ ଟଙ୍କା ଲେଖାଏଁ ଅନୁକମ୍ପା ରାଶି ପ୍ରଦାନ କରାଯାଇଛି । ସୂଚନାଯୋଗ୍ୟ ଯେ ପୂର୍ବରୁ ମଧ୍ୟ ରାଜ୍ୟ ସରକାର କୋଭିଡ୍‌ରେ ମୃତ୍ୟୁବରଣ କରିଥିବା ୬ ଜଣ ସାମ୍ବାଦିକ କୋଭିଡ୍ ଯୋଦ୍ଧାଙ୍କ ପରିବାରଙ୍କୁ ୧୫ ଲକ୍ଷ ଟଙ୍କା ଲେଖାଏଁ ଅନୁକମ୍ପା ରାଶି ପ୍ରଦାନ କରିଛନ୍ତି । ଅନୁକମ୍ପା ରାଶି ପ୍ରାପ୍ତ ଦିବଙ୍ଗତ ସାମ୍ବାଦିକମାନେ ହେଉଛନ୍ତି 'ଇ-ନ୍ୟୁଜ୍'ର ଗଜପତି ପ୍ରତିନିଧି କେ. ସି. ରନିମ୍, 'ସମାଜ'ର ଗଞ୍ଜାମ ପ୍ରତିନିଧି ପ୍ରିୟଦର୍ଶୀ ପଟ୍ଟନାୟକ, 'ପ୍ରମେୟ'ର ଖୋର୍ଦ୍ଧା ପ୍ରତିନିଧି ତାରିଣୀ ଚରଣ ପାଢ଼ୀ, 'ନ୍ୟୁଜ୍-୧୮'ର ଭୁବନେଶ୍ୱର ପ୍ରତିନିଧି ପ୍ରବୀର କୁମାର ପ୍ରଧାନ, 'ମନ୍ଥନ'ର ଖୋର୍ଦ୍ଧା ପ୍ରତିନିଧି ପ୍ରତାପ କୁମାର ଦାସ ଏବଂ 'ହିନ୍ଦୁସ୍ତାନ ସମାଚାର'ର ଗଜପତି ପ୍ରତିନିଧି ନବୀନ ନନ୍ଦ ଗନ୍ତାୟତ । ଭୁବନେଶ୍ୱରଠାରେ 'ନିତିଦିନ' ସମ୍ବାଦପତ୍ରର ପ୍ରତିନିଧି ସ୍ୱର୍ଗତ ରାଧାନାଥ ମହାପାତ୍ର ଓ 'ପ୍ରତିଦିନ' ଖବରକାଗଜର ପ୍ରତିନିଧି ସ୍ୱର୍ଗତ ପ୍ରଭାତ କୁମାର ଦାସଙ୍କୁ ମଧ୍ୟ ମୃତ୍ୟୁ ପରେ ସେମାନଙ୍କ ପରିବାରକୁ ୪ ଲକ୍ଷ ଟଙ୍କାର ଅନୁକମ୍ପାମୂଳକ ଅର୍ଥରାଶି ପ୍ରଦାନ କରାଯାଇଛି । ଏହାବାଦ ଭୁବନେଶ୍ୱରଠାରେ ମୁକ୍ତବୃତ୍ତ ସାମ୍ବାଦିକ ଭାବେ କାର୍ଯ୍ୟରତ ବରିଷ୍ଠ ସାମ୍ବାଦିକ ଅମ୍ବିକା ପ୍ରସାଦ କାନୁନ୍‌ଗୋଙ୍କ ଚିକିତ୍ସା ଖର୍ଚ୍ଚ ବାବଦକୁ ୨ ଲକ୍ଷ ଟଙ୍କା ଓ ଝାରସୁଗୁଡ଼ା ଜିଲ୍ଲାର ସମାଜ ପ୍ରତିନିଧି ଗଜେନ୍ଦ୍ର ମହାନ୍ତିଙ୍କୁ ତାଙ୍କ ପତ୍ନୀଙ୍କ ଚିକିତ୍ସା ପାଇଁ ୫୦ ହଜାର ଟଙ୍କାର ଆର୍ଥିକ ସହାୟତା ରାଜ୍ୟ ସରକାର ପ୍ରଦାନ କରିଛନ୍ତି । ସୂଚନାଯୋଗ୍ୟ ଯେ, ରାଜ୍ୟ ସରକାର ବିଭିନ୍ନ ସମୟରେ କର୍ମଜୀବୀ ସାମ୍ବାଦିକଙ୍କ କେତେକ ଜଟିଳ ବ୍ୟାଧିର ଚିକିତ୍ସା ତଥା ଅକାଳ ମୃତ୍ୟୁ ପାଇଁ ଆର୍ଥିକ ସହାୟତା ଓ ଅନୁକମ୍ପା ରାଶି ପ୍ରଦାନ କରିଆସୁଛନ୍ତି। ସାଧାରଣ କାରଣରୁ ମୃତ୍ୟୁ ପାଇଁ ୪ ଲକ୍ଷ ଟଙ୍କାର ଅନୁକମ୍ପା ରାଶି ଥିବାବେଳେ କରୋନାରେ ମୃତ୍ୟୁ ପାଇଁ କୋଭିଡ୍ ଯୋଦ୍ଧା ଭାବେ ସେମାନଙ୍କୁ ୧୫ ଲକ୍ଷ ଟଙ୍କାର ଅନୁକମ୍ପା ରାଶି ପ୍ରଦାନ ପାଇଁ ମୁଖ୍ୟମନ୍ତ୍ରୀ ଘୋଷଣା କରିଛନ୍ତି । ଏତଦ୍‌ଭିନ୍ନ କର୍ମଜୀବୀ ସାମ୍ବାଦିକଙ୍କ ପାଇଁ ରାଜ୍ୟ ସରକାର 'ଗୋପବନ୍ଧୁ ସାମ୍ବାଦିକ ସ୍ୱାସ୍ଥ୍ୟ ବୀମା ଯୋଜନା' ଅନ୍ତର୍ଗତ ସ୍ୱାସ୍ଥ୍ୟବୀମା ଯୋଜନାରେ ୨ ଲକ୍ଷ ଟଙ୍କାର ଅର୍ଥରାଶି ପ୍ରଦାନ କରାଯାଉଛି। ଏହି ଯୋଜନାରେ ଏଯାବତ୍ ରାଜ୍ୟର ୬୯୪୪ ଜଣ ସାମ୍ବାଦିକଙ୍କୁ ଅନ୍ତର୍ଭୁକ୍ତ କରାଯାଇ ସହାୟତା ପ୍ରଦାନ କରାଯାଉଛି।

## ଚିହ୍ନଟ ହେଲେ ଆଉ ୨୪୬ ନୂଆ କରୋନା ଆକ୍ରାନ୍ତ, ଜଣେ ମୃତ

ଭଦ୍ରକ: ଜିଲ୍ଲାରୁ ଆଉ ୨୪୬ ନୂଆ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ସେହି ସମୟ ମଧ୍ୟରେ ୩୪୯ଜଣ ସୁସ୍ଥ ହେବା ଯୋଗୁ ଏବେ ସକ୍ରିୟ ଆକ୍ରାନ୍ତଙ୍କ ସଂଖ୍ୟା ୩ହଜାରରୁ ତଳକୁ ଖସିଛି। ଏ ପର୍ଯ୍ୟନ୍ତ ଜିଲ୍ଲାରୁ ମୋଟ ୩ଲକ୍ଷ ୯୦ ହଜାର ୯୪୭ଜଣଙ୍କ ନମୁନା ପରୀକ୍ଷା ହେବା ପରେ ମୋଟ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି ୧୫ ହଜାର ୮୨୦ଜଣ । ମୋଟ ସୁସ୍ଥ ହୋଇଛନ୍ତି ୧୨ ହଜାର ୯୫୧ ଜଣ ଏବଂ ସକ୍ରିୟ ଆକ୍ରାନ୍ତ ଅଛନ୍ତି ୨୮୩୬। ମୃତକଙ୍କ ସଂଖ୍ୟା ହୋଇଛି ୩୩। ଚିହ୍ନଟ ନୂତନ ଆକ୍ରାନ୍ତମାନେ ହେଲେ ଭଦ୍ରକ ପୌରପାଳିକାର କୁଆଁସ, ଡଗରାସାହି, ଅର୍ପବିନ୍ଧା, ସରାଳିପୁର, ଜଗନ୍ନାଥପୁର, ମୁଲ୍ଲାସାହି, ନୂଆପୋଖରୀ, କଦମବେଢ଼ା, ଜାନୁଗଞ୍ଜ, ଚରମ୍ପା, ବାଇପାସ୍, ଗବସାହି ଏବଂ ସନ୍ତିଆରୁ ମୋଟ ୨୬ଜଣ, ବନ୍ତ ବ୍ଲକର ମଙ୍ଗୁଳି, ଗଣିଜାଙ୍ଗ, ପୁରୁଷଣ୍ଡ, ଓଡଙ୍ଗ, ତୋଡଙ୍ଗା ଗ୍ରାମରୁ ୭ଜଣ, ବାସୁଦେବପୁର ପୌରପାଳିକାର ୨୦ ନଂ ୱାର୍ଡ, ୨୫ ନଂ ୱାର୍ଡରୁ ମୋଟ ୩ଜଣ ଚିହ୍ନଟ ହୋଇଛନ୍ତି। ସେହିପରି ଚାନ୍ଦବାଲି ବ୍ଲକର ଓସ୍ତିଆ, ବାଂଶଡା, ବେଗୁନିଆ, ଜାଗୁଳା, ଧାମରା, ଖେରଙ୍ଗ, ବାଲିକୁରାଡି, କରଞ୍ଜମାଳ, ତେନ୍ତୁଳିଡିହି, ନାଲଗୁଣ୍ଡା, ଉତୁକୁଡା, ବେଗୁନିଆ, ନଳଗୋହିରା, ମତୋ ଗ୍ରାମରୁ ୨୭ଜଣ, ତିହିଡ଼ି ବ୍ଲକର ମଙ୍ଗରାଜପୁର, ନନ୍ଦୋର, କୋହ୍ଲ, ବୁଧୁପୁର, ତାଳପଦା, ସିନ୍ଦୋଳ, ସାହାପୁର, ପାଳିଆବିନ୍ଧା, ମହରମପୁର, କୁବେରା, ଗୁଆମାଳ, ବିଲଣା, ଗୋବିନ୍ଦପୁର, ଦୌଲତପୁର, ବାରୋ ଗ୍ରାମରୁ ୨୯ଜଣ, ବାସୁଦେବପୁର ବ୍ଲକର କାନ୍ତିସାହି, ବାରାପୁର, ଗୋବିନ୍ଦପୁର, ବରଣ୍ଡୁଆ, ବେତଡା, କମାରଗାଁ, ବଚ୍ଛଦା, ଶ୍ରୀବସ୍ତପୁର, ମାଖଲପୁର, ନୂଆଗାଁ, ପଦୁଆଁ, ରାଜଘରପୋଖରୀ, ଜଗନ୍ନାଥପ୍ରସାଦ ଆଦି ଗ୍ରାମରୁ ମୋଟ ୨୧ଜଣ, ଭଦ୍ରକ ବ୍ଲକର ସାମରାଇପୁର, ନଳାଙ୍ଗ, କଲେଇ, କୋଡବରୁଆଁ, ଚରମ୍ପା, ପାପଡା, ବଣିଆ, ବାଣିତିଆ, ଭବାନିପୁରବିନ୍ଧା, ବେତଡା, ଏରେଇଁ, ଜଳଙ୍ଗା, ଜଗଦଳପୁର, କୋରକୋରା, ପରିସିଂଗା, ରମ୍ଭିଳା, ରାହାଞ୍ଜ, ସାବରଙ୍ଗ ଗ୍ରାମରୁ ମୋଟ ୩୬ଜଣ ଚିହ୍ନଟ ହୋଇଛନ୍ତି। ସେମିତି ଧାମନଗର ବ୍ଲକର ଅର୍ଜୁନପୁର, ଦଳାଙ୍ଗ, ଧୁଷୁରୀ, ଫତେପୁର, ଗଡିଆଲି, ଗୋବର୍ଦ୍ଧନପୁର, କୋଠାର, ନଦୀଗାଁ, ରଇପୁର ଗ୍ରାମରୁ ୪୧ଜଣ, ଭଣ୍ଡାରିପୋଖରୀ ବ୍ଲକର କୁରିଗାଁ, କୋଟଶିରା, ସାନଶାସନ ଗ୍ରାମରୁ ୨୪ଜଣ ଚିହ୍ନଟ ହୋଇଛନ୍ତି।

## ଆଶିଆନା ହସ୍ତକ୍ଷେପରେ ପ୍ରେମୀ ଯୁଗଳ ବିବାହ ବନ୍ଧନରେ ବାନ୍ଧି ହେଲେ

ଭଦ୍ରକ : ମହିଳା ଶିଶୁ ବିକାଶ ବିଭାଗ ଓ ମିଶନ ଶକ୍ତି ଦ୍ୱାରା ପ୍ରଯୋଜିତ ସୋସାଇଟି ଫର ଉଇକର କମ୍ୟୁନିଟି ଦ୍ୱାରା ପରିଳାଳିତ ଆଶିଆନା ସ୍ୱଧାର ଗୃହର ଅନ୍ତେବାସିନୀ ସୁଭଦ୍ରା ପୁହାଣ ତାଙ୍କ ପ୍ରେମିକ ସୁକାନ୍ତ ଲାହାଙ୍କୁ କୁଆଁସ ଜଗନ୍ନାଥ ମନ୍ଦିରରେ ବିବାହ କରିଛନ୍ତି। ସୁଭଦ୍ର ଓ ସୁକାନ୍ତ ଦୀର୍ଘ ୬ ବର୍ଷ ଧରି ଉଭୟେ ପ୍ରେମ କରି ଆସୁଥିଲେ। ମାତ୍ର ସୁକାନ୍ତ ବିବାହ କରିବାକୁ ଦିନ ଗଡ଼ାଇ ଚାଲିଥିଲେ। ଯାହା ସୁଭଦ୍ରାଙ୍କ ମନରେ ସନ୍ଦେହ ସୃଷ୍ଟି କରିଥିଲା। ଉପାୟଶୂନ୍ୟ ହୋଇ ସୁଭଦ୍ରା ଗତ ୧୭ ତାରିଖରେ ଘରୁ ପଳେଇ ଆସି ସୁକାନ୍ତଙ୍କ ଘରେ ପହଁଚିବା ସହିତ ତାଙ୍କୁ ବିବାହ କରିବାକୁ ଜିଦ୍ କରିଥିଲେ। ନଚେତ ସେ ସୁକାନ୍ତଙ୍କ ଘରେ ଜବରଦସ୍ତ ରହିବେ ବୋଲି କହିଥିଲେ। ଫଳରେ ବିବାଦ ଦେଖା ଦେବା ସହ କଥା ଆଶିଆନା ପର୍ଯ୍ୟନ୍ତ ଯାଇଥିଲା। ଆଶିଆନାର ନିର୍ଦ୍ଦେଶିକା ସୋଫିଆ ସେଖ ସୁଭଦ୍ରାଙ୍କୁ ଆଣି ସ୍ୱଧାର ଗୃହରେ ଆଶ୍ରୟ ଦେବା ସହିତ ଉଭୟ ପରିବାର ସହ ଯୋଗାଯୋଗ କରି ବିବାହ ପାଇଁ ଆଲୋଚନା କରାଯାଇଥିଲା। ପରେ ଉଭୟ ପରିବାର ରାଜି ହେବାରୁ ଆଶିଆନାର ସହଯୋଗରେ ଏହି ବିବାହ ସମ୍ପନ୍ନ ହୋଇଛି। ଏହି କାର୍ଯ୍ୟକୁ ଆଶିଆନାରେ ସଂଯୋଜକ ରିୟାଜ ଅହେମ୍ମଦ, ପରାମର୍ଶଦାତ୍ରୀ ଅନିମା ପଣ୍ଡା, କର୍ମକର୍ତ୍ତା ଶାନ୍ତିଲତା ସ୍ୱାଇଁ ପ୍ରମୁଖ କୋଭିଡ଼୍ କଟକଣାରେ ପରିଚାଳନା କରିଥିଲେ।

# ଦୁଇ କେନ୍ଦ୍ର ମନ୍ତ୍ରୀ କେନ୍ଦ୍ରୀୟ ସହାୟତାର ଓଡ଼ିଶାବାସୀଙ୍କୁ ଭୂଆଁ ବୁଲାଇବାରେ ନିବୃତ ରୁହନ୍ତୁ : ନିରଞ୍ଜନ

ଭୁବନେଶ୍ୱର : ସଙ୍ଘୀୟ ବ୍ୟବସ୍ଥା ଅନୁସାରେ କେନ୍ଦ୍ର ସରକାର ରାଜ୍ୟ ମାନଙ୍କୁ ତାଙ୍କର ପ୍ରାପ୍ୟ ଅର୍ଥ ଯୋଗାଇ ଦେଇଥାନ୍ତି। କେନ୍ଦ୍ର ସରକାର ଯେଉଁ ଆୟ କରନ୍ତି ତାହା ସମସ୍ତ ରାଜ୍ୟ ବା କେନ୍ଦ୍ରଶାସିତ ଅଂଚଳରୁ ହିଁ ହୋଇଥାଏ। ତେଣୁ କେନ୍ଦ୍ର ସରକାର ରାଜ୍ୟ ମାନଙ୍କୁ ଯେଉଁ ଅର୍ଥ ଦେଇଥାନ୍ତି ତାହା ରାଜ୍ୟର ଅଂଶଧନ ଅଟେ। ୟାସ ବାତ୍ୟାର ପ୍ରକୋପ ନଥମିବା ପୂର୍ବରୁ ରାଜ୍ୟରେ ଦୁଇ କେନ୍ଦ୍ର ମନ୍ତ୍ରୀଙ୍କର ଟ୍ୱିଟର ଯୁଦ୍ଧ ଅତ୍ୟନ୍ତ ଅରୁଚିକର ଏବଂ କେଉଁଠି ନା କେଉଁଠି ଏହା ସଂଘୀୟ ବ୍ୟବସ୍ଥାର ପରିପନ୍ଥି ବୋଲି ପିସିସି ସଭାପତି ଶ୍ରୀ ନିରଞ୍ଜନ ପଟ୍ଟନାୟକ କ୍ଷୋଭ ପ୍ରକାଶ କରିଛନ୍ତି। କେନ୍ଦ୍ର ସରକାର ଓଡ଼ିଶା ସରକାରଙ୍କୁ ରାଜ୍ୟ ବିପର୍ଯ୍ୟୟ ମୁକାବିଲା ପାଣ୍ଠିରୁ ୨୦୨୧-୨୨ ଆର୍ଥିକ ବର୍ଷର ପ୍ରଥମ କିସ୍ତି ୬୪୧.୬ କୋଟି, ଯାହା ରାଜ୍ୟର ପାଇବାର ହକ ତାହାକୁ କେନ୍ଦ୍ର ଅର୍ଥମନ୍ତ୍ରୀ ମେ ମାସ ୧ ତାରିଖରେ ରାଜ୍ୟକୁ ଦେଇଛନ୍ତି। ଏହି ଅର୍ଥ ରାଜ୍ୟ ସରକାର ମେ ମାସ ୩୧ ତାରିଖ ସୁଦ୍ଧା ପାଇବା କଥା। ତେଣୁ ଏ ଅର୍ଥ ଅଗ୍ରୀମ ଆକାରରେ ପଠାଯାଇଛି। କିନ୍ତୁ ଏହି ଅଗ୍ରୀମ ଟଙ୍କା ପଠାଇବା ପଛରେ ଯଦି କେନ୍ଦ୍ର ଅର୍ଥମନ୍ତ୍ରୀଙ୍କର ଚିଠିଟିକୁ ପଢ଼ାଯାଏ ତାହାହେଲ ଏଥିରୁ ସ୍ପଷ୍ଟ ପ୍ରମାଣିତ ଯେ ଏହି ଟଙ୍କା ରାଜ୍ୟକୁ ଦିଆଯାଇଥିଲା କୋଭିଡ ପରିଚାଳନା, ଭେଂଟିଲେଟର, ଅତ୍ୟାବଶକୀୟ ଔଷଧପତ୍ର ଏବଂ ହସପିଟାଲର ବେଡ ଇତ୍ୟାଦି ବୃଦ୍ଧି କରିବା ପାଇଁ । କିନ୍ତୁ ଏହି ଅର୍ଥ କୌଣସି ପ୍ରକାରର ବାତ୍ୟା ଜନିତ କ୍ଷୟକ୍ଷତି ପାଇଁ ଦିଆଯାଇ ନଥିଲା। ବାତ୍ୟା ଆସିବା କଥା ମେ ମାସ ୨୨ ତାରିଖରୁ ଜଣାପଡ଼ିଲା। ତେଣୁ କିଭଳି ଭାବରେ କେନ୍ଦ୍ରମନ୍ତ୍ରୀ ଦ୍ୱୟ ନିଜର ସାମାନ୍ୟ ଜ୍ଞାନକୁ ଭୁଲିଯାଇ ଗଣମାଧ୍ୟମରେ ଏବଂ ରାଜ୍ୟବାସୀଙ୍କ ଆଗରେ ମିଛ ତଥ୍ୟ ରଖୁଛନ୍ତି। କେହି କେହି ମନ୍ତ୍ରୀ ଗଣମାଧ୍ୟମରେ ଏବଂ ସାମାଜିକ ଗଣମାଧ୍ୟମରେ ମଧ୍ୟ କହିପାରୁଛନ୍ତି ଯେ ବାତ୍ୟାର ୨୪ ଘଂଟା ନପୁରୁଣୁ ମୋଦି ଓଡ଼ିଶାକୁ ବାତ୍ୟା କ୍ଷୟକ୍ଷତି ପ୍ରଦାନ କଲେ ଏହା ମୋଦିଙ୍କର ଐତିହାସିକ ନିଷ୍ପତି। ଏଭଳି ମିଛ ଏବଂ ଅପପ୍ରଚାର କରିବାରେ କେନ୍ଦ୍ର ମନ୍ତ୍ରୀ ଦ୍ୱୟଙ୍କୁ କେଉଁ ଆନନ୍ଦ ମିଳୁଛି। ରାଜ୍ୟବାସୀଙ୍କୁ ପ୍ରତାରିତ କରିବା ପରିବର୍ତେ ରାଜ୍ୟବାସୀଙ୍କ ସ୍ୱାର୍ଥପାଇଁ ଲଢ଼ିବା ଦରକାର। କାହାର ବ୍ୟକ୍ତିଗତ ଛବି ପୂଜା କଲେ ରାଜ୍ୟର କିଛି ପ୍ରଗତି ହେବ ନାହିଁ ବୋଲି ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ କହିଛନ୍ତି।

## ୟାସ୍ ପ୍ରଭାବିତ ଜିଲ୍ଲାଗୁଡ଼ିକରେ ଯୁଦ୍ଧକାଳୀନ ଭିତିରେ ଚାଲିଛି ପାଇପ ଜଳଯୋଗାଣ ପୁନରୁଦ୍ଧାର

ଭୁବନେଶ୍ୱର : ବାଲେଶ୍ୱର, ଭଦ୍ରକ, ବାରିପଦା, କେନ୍ଦ୍ରାପଡ଼ା, ଜଗତସିଂହପୁର, ଯାଜପୁର ଓ କଟକ ଗ୍ରାମ୍ୟ ଜଳଯୋଗାଣ ଡିଭିଜନ ଅନ୍ତର୍ଗତ ପାଇପ ଜଳଯୋଗାଣ ପ୍ରକଳ୍ପଗୁଡ଼ିକ ପ୍ରଳୟଙ୍କରୀ ବାତ୍ୟା 'ୟାସ୍' ଯୋଗୁଁ ବିଶେଷ କ୍ଷତିଗ୍ରସ୍ତ ହୋଇଥିଲା । ବିଭାଗୀୟ ସୂତ୍ରରୁ ଜଣାପଡ଼ିଛି ବାଲେଶ୍ୱର ଗ୍ରାମ୍ୟ ଜଳ ଯୋଗାଣ ଡିଭିଜନ ଅନ୍ତର୍ଗତ ସମସ୍ତ ୬୬୫ଟି ଜଳ ଯୋଗାଣ ପ୍ରକଳ୍ପ ବାତ୍ୟାରେ ପ୍ରଭାବିତ ହୋଇଥିଲା। ଜେନେରେଟର ସେଟ୍ ଦ୍ୱାରା ବିଦ୍ୟୁତ ଶକ୍ତି ଯୋଗାଣ ଦିଆଯାଇ ୬୬୫ଟି ପାଇପ ଜଳଯୋଗାଣ ପ୍ରକଳ୍ପ କାର୍ଯ୍ୟକ୍ଷମ ହୋଇସାରିଛି । ଏଥି ନିମନ୍ତେ ୧୪୪ଟି ଜେନେରେଟର ଉପଯୋଗ କରାଯାଇଛି । ଡିଭିଜନ ଅନ୍ତର୍ଗତ ୪୪୦ଟି ଓଭରହେଡ୍ ଟାଙ୍କି ମଧ୍ୟରୁ ୨୧୪ଟି ଓଭରହେଡ୍ ପାଣିଟାଙ୍କିରେ ପାନୀୟ ଜଳ ଭର୍ତି କରାଯାଇଛି । ୮୫ଟି ପିଭିସି ସିନ୍‌ଟାକ୍ସ ଟାଙ୍କି ବ୍ୟବହାର କରାଯାଇଛି ଏବଂ ଅଧିକ ୧୦୦ଟି ଟାଙ୍କି ଜିଲ୍ଲାକୁ ପଠାଯାଇଛି । ଜିଲ୍ଲାରେ ୩ଟି ଭ୍ରାମ୍ୟମାଣ ପାନୀୟ ଜଳ ବିଶୁଦ୍ଧକରଣ ପ୍ଲାଂଟ କାର୍ଯ୍ୟକରୁଛି । ପାନୀୟ ଜଳ ପ୍ରକଳ୍ପଗୁଡ଼ିକୁ ବିଦ୍ୟୁତ ଶକ୍ତି ଯୋଗାଣ ପାଇଁ ୩୭ ଜଣ ଇଲେକ୍‌ଟ୍ରିସିଆନ୍ ମୁତୟନ ହୋଇଛନ୍ତି । ଏହିପରି ମୋଟ ୭ଟି ଜିଲ୍ଲାର ୩୦୬୪ ଜଳଯୋଗାଣ ପ୍ରକଳ୍ପ ମଧ୍ୟରୁ ୨୩୯୨ଟି ପ୍ରକଳ୍ପ ପ୍ରଭାବିତ ହୋଇଥିଲା । ଏହାକୁ ୪୩୩ଟି ଜେନେରେଟର ମାଧ୍ୟମରେ ବିଦ୍ୟୁତଶକ୍ତି ଯୋଗାଇ ଦିଆଯାଇ ୧୦୭୧ଟି ପାଇପ ଜଳଯୋଗାଣ ପ୍ରକଳ୍ପକୁ କାର୍ଯ୍ୟକ୍ଷମ କରାଯାଇଛି । ସମସ୍ତ ଡିଭିଜନ୍ ର ମୋଟ ୧୮୪୯ଟି ଓଭରହେଡ୍ ଟାଙ୍କି ମଧ୍ୟରୁ ୧୬୧୭ଟି ଟାଙ୍କିରେ ପାନୀୟ ଜଳ ଭର୍ତି କରାଯାଇଛି । ୫୧୨ଟି ପିଭିସି ଟାଙ୍କି ବ୍ୟବହାର କରାଯାଇଛି । ଜିଲ୍ଲାମାନଙ୍କରେ ମୋଟ ୧୦ଟି ଭ୍ରାମ୍ୟମାଣ ପାନୀୟ ଜଳ ବିଶୁଦ୍ଧକରଣ ପ୍ଲାଂଟ କାର୍ଯ୍ୟ କରୁଛି । ପାନୀୟ ଜଳ ପ୍ରକଳ୍ପଗୁଡ଼ିକୁ ବିଦ୍ୟୁତ ଶକ୍ତି ଯୋଗାଣ ପାଇଁ ୧୪୧ ଜଣ ଇଲେକ୍‌ଟ୍ରିସିଆନ୍ ମୁତୟନ ହୋଇଛନ୍ତି । ଏଥି ସହିତ ୧୫ ଜଣ ସହକାରୀ ଯନ୍ତ୍ରୀ ଏବଂ କନିଷ୍ଠ ଯନ୍ତ୍ରୀଙ୍କୁ କେବଳ ବାଲେଶ୍ୱର ଏବଂ ଭଦ୍ରକ ଜିଲ୍ଲାରେ ନିୟୋଜିତ କରାଯାଇଛି ବୋଲି ପଂଚାୟତିରାଜ ଓ ପାନୀୟ ଜଳ ବିଭାଗ ସୂତ୍ରରୁ ପ୍ରକାଶ ।

## ଯୌତୁକ ପାଇଁ ବଧୂହତ୍ୟା ଅଭିଯୋଗ

ଭଦ୍ରକ: ପ୍ରତିଦିନ କିଛି ନା କିଛି ଘଟଣା ଆପଣମାନେ ଦେଖୁଥିବେ। ଆଉ ଯୌତୁକ ପାଇଁ ବଧୂହତ୍ୟା ଭଳି ଘଟଣା ନୀତିଦିନିଆ ହୋଇଗଲାଣି। ଆଉ ଆଜି ପୁଣି ଏକ ଘଟଣା ଭଦ୍ରକ ଗ୍ରାମାଂଚଳ ଥାନା ଅଧୀନସ୍ଥ ପା ପଡା ଗ୍ରାମରେ ଦେଖିବାକୁ ମିଳିଛି। ଘଟଣା ଅନୁଯାୟୀ ଏତଲାକାରୀ ବାଲେଶ୍ୱର ଜିଲା ଅନ୍ତର୍ଗତ ଖଇରା ଥାନା ଅଧୀନସ୍ଥ ଆଲଦା ଗ୍ରାମର ବାସିନ୍ଦା ଦାମୋଦର ବାରିକଙ୍କ କନ୍ୟା ସସ୍ମିତାକୁ ଭଦ୍ରକ ଗ୍ରାମାଂଚଳ ଥାନା ଅଧୀନସ୍ଥ ପାଂଚ ପଡା ଗ୍ରାମର ବାବାଜୀ ଦାସଙ୍କ ପୁଅ ରଂଜିତ ସହ ହିନ୍ଦୁ ରୀତିନୀତି ଅନୁଯାୟୀ ୨୦୧୬ ମସିହାରେ ବିବାହ କରାଇଥିଲେ। ତେବେ ଆଜି ହଠାତ୍ ଏକ ନମ୍ବରରୁ ଏତଲାକାରୀ ଦାମୋଦରଙ୍କୁ ଫୋନ୍ ଯାଇଥିଲା।

## ଓଡିଶାକୁ ୫୦୦ କୋଟି ଟଙ୍କାର ସହାୟତା ପାଇଁ ପ୍ରଧାନମନ୍ତ୍ରୀଙ୍କୁ ଧନ୍ୟବାଦ ଜଣାଇଲେ ସମୀର ମହାନ୍ତି

ଭୁବନେଶ୍ୱର : ବାତ୍ୟା ୟଶ୍ ଲ୍ୟାଣ୍ଡଫଲ ହେବାର ୪୮ ଘଂଟା ନପୁରୁଣୁ ଯଶସ୍ୱୀ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦି ଆଜି ସକାଳେ ଓଡିଶା ଆସି ବାତ୍ୟା ଓ ବନ୍ୟାଜନିତ କ୍ଷୟକ୍ଷତିର ନିରିକ୍ଷଣ କରିବା ସହ ମୁଖ୍ୟମନ୍ତ୍ରୀ, କେନ୍ଦ୍ରମନ୍ତ୍ରୀ, ରାଜ୍ୟ ସରକାରଙ୍କ ପଦାଧିକାରୀଙ୍କ ସହ ସମୀକ୍ଷା ବୈଠକ କରିଛନ୍ତି । ସମୀକ୍ଷା ବୈଠକ ପରେ ପ୍ରଭାବିତ ଅଂଚଳରେ ରିଲିଫ, ପୁନରୁଦ୍ଧାର ଓ ପୁନଃନିର୍ମାଣ ପାଇଁ ୫୦୦ କୋଟି ଟଙ୍କାର ଆର୍ଥିକ ସହାୟତା ଘୋଷଣା କରିଛନ୍ତି । ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦିଙ୍କ ତ୍ୱରିତ ପଦକ୍ଷେପ ପାଇଁ ରାଜ୍ୟବାସୀଙ୍କ ତରଫରୁ ରାଜ୍ୟ ବିଜେପି ସଭାପତି ସମୀର ମହାନ୍ତି ଆନ୍ତରିକ ଧନ୍ୟବାଦ ଓ କୃତଜ୍ଞତା ଜ୍ଞାପନ କରିଛନ୍ତି । ବାତ୍ୟା ପୂର୍ବରୁ ରାଷ୍ଟ୍ରୀୟ ବିପର୍ଯ୍ୟୟ ପରିଚାଳନା ପାଣ୍ଠିରୁ ଓଡିଶାକୁ ଚଳିତ ମାସରେ ପ୍ରଥମ କିସ୍ତିରେ ୬୪୧.୬୦ କୋଟି ଟଙ୍କା ପ୍ରଦାନ କରାଯାଇଛି। ଏହା ପୂର୍ବରୁ ରାଜ୍ୟ ପାଣ୍ଠିରେ ୧୧୯୮ କୋଟି ଟଙ୍କା ଥିଲା । ତେଣୁ ରାଜ୍ୟ ବିପର୍ଯ୍ୟୟ ପରିଚାଳନା ପାଂଠିରେ ବର୍ତ୍ତମାନ ସର୍ବମୋଟ ୨୩୩୯ କୋଟି ଟଙ୍କା ଅଛି। ଏ ସମସ୍ତ ଅର୍ଥରାଶି ସାଂପ୍ରତିକ ବାତ୍ୟା ଓ ବନ୍ୟାଜନିତ ରିଲିଫ, ପୁନରୁଦ୍ଧାର ଓ ପୁନଃନିର୍ମାଣ କାର୍ଯ୍ୟ ପାଇଁ ବହୁ ସହାୟକ ହେବ ବୋଲି ଶ୍ରୀ ମହାନ୍ତି କହିଛନ୍ତି। ଏହା ବ୍ୟତୀତ ୨୦୨୧-୨୨ ଆର୍ଥିକ ବର୍ଷ ପାଇଁ ପ୍ରଧାନମନ୍ତ୍ରୀ ଗ୍ରାମୀଣ ଆବାସ ଯୋଜନା ଅଧିନରେ ଓଡିଶାର ୮,୧୭,୫୧୩ ଜଣ ଆର୍ଥୀକ ଦୁର୍ବଳ ଶ୍ରେଣୀର ଲାଭାର୍ଥୀଙ୍କୁ ପକ୍କା ଘର ଯୋଗାଇ ଦେବା ପାଇଁ ବାସଗୃହ ଆବଂଟନ କରାଯାଇଛି। ଦଳମତ ନିର୍ବିଶେଷରେ ରାଜ୍ୟ ସରକାର ପ୍ରକୃତ ଗରୀବ ହିତାଧିକାରୀଙ୍କୁ ବାସଗୃହ ଯୋଗାଇ ଦିଅନ୍ତୁ । ୨୦୨୨ ମସିହା ସୁଦ୍ଧା ରାଜ୍ୟରେ ଯେପରି ଗୋଟିଏ ହେଲେ କଚ୍ଚା ଘର ରହିବ ନାହିଁ, ସେହି ଅନୁଯାୟୀ ବିହୀତ ପଦକ୍ଷେପ ଗ୍ରହଣ କରିବାକୁ ଶ୍ରୀ ମହାନ୍ତି ପୁଣି ଥରେ ମୁଖ୍ୟମନ୍ତ୍ରୀଙ୍କୁ ଅନୁରୋଧ କରିଛନ୍ତି।

## ବହୁ ଚର୍ଚ୍ଚିତ ରାଜମୁକୁନ୍ଦପୁର ହତ୍ୟାକାଣ୍ଡର ଦୁଇ ଅପରାଧୀ ଭୁବନେଶ୍ୱରରୁ ଗିରଫ

ଭଦ୍ରକ : ଭଦ୍ରକର ବହୁ ଚର୍ଚ୍ଚିତ ରାଜମୁକୁନ୍ଦପୁର ସଂଜିତ ବେହେରା ହତ୍ୟାକାଣ୍ଡର ଫେରାର ଦୁଇ ଅପରାଧୀଙ୍କୁ ଭଦ୍ରକ ଗ୍ରାମାଂଚଳ ଥାନା ପୁଲିସ୍ ଭୁବନେଶ୍ୱରରୁ ଗିରଫ କରିଛି। ଏଠାରେ ସୂଚନାଯୋଗ୍ୟ ଗତ ମାର୍ଚ୍ଚ ୧୭ ତାରିଖ ଦିନ ପୂର୍ବ ବିବାଦକୁ ନେଇ ସଂଜିତ ବେହେରାଙ୍କ ପରିବାର ଓ ଅପରପକ୍ଷଙ୍କ ମଧ୍ୟରେ ପାଟିତୁଣ୍ଡ ହୋଇଥିଲା। ଫଳରେ ଅପରପକ୍ଷର ପ୍ରାୟ ୧୩ ଜଣ ଅଭିଯୁକ୍ତ ସଂଜିତ୍‌ଙ୍କୁ ତାଙ୍କ ପରିବାର ଲୋକଙ୍କ ଉପସ୍ଥିତିରେ ବିଭିନ୍ନ ମାରଣାସ୍ତ୍ର ଦ୍ୱାରା ପିଟି ପିଟି ହତ୍ୟା କରିଥିଲେ। ଗତ ମାର୍ଚ୍ଚ ମାସ ୨୨ ତାରିଖରେ ଅନ୍ୟ ଏକ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲେ। ପ୍ରାପ୍ତ ସୂଚନା ଅନୁଯାୟୀ ଭଦ୍ରକ ଗ୍ରାମାଂଚଳ ଥାନା ଅଧୀନସ୍ଥ ରାଜମୁକୁନ୍ଦପୁର ଗ୍ରାମରେ ଏକ ହତ୍ୟାକାଣ୍ଡ ଘଟିଥିଲା।

# ମାସିକ ଋତୁସ୍ରାବ ସମୟରେ ମହିଳା ଓ କିଶୋରୀମାନେ ନେଇପାରିବେ କୋଭିଡ୍ ଟୀକା: ଡ. ସେବା ମହାପାତ୍ର

ଭୁବନେଶ୍ୱର: କିଶୋରୀ ଓ ମହିଳାମାନଙ୍କ ପାଇଁ ମାସିକ ଋତୁସ୍ରାବ ଏକ ପ୍ରାକୃତିକ ଏବଂ ସ୍ୱାଭାବିକ ପ୍ରକ୍ରିୟା। ଏହା ସେମାନଙ୍କ ମାନସିକ, ଶାରୀରିକ ବିକାଶ ଏବଂ ସୁସ୍ଥତା ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ। କୌଣସି ପ୍ରକାର ସଂକ୍ରମଣ ଏବଂ ଭବିଷ୍ୟତରେ ଜରାୟୁଜନିତ ଗୁରୁତର ରୋଗରୁ ରକ୍ଷା ପାଇବାକୁ ହେଲେ ଋତୁସ୍ରାବଜନିତ ପରିଛନ୍ନତା ରକ୍ଷା କରିବା ଏକାନ୍ତ ଆବଶ୍ୟକ। ଏ ସମ୍ପର୍କରେ କୌଣସି ଦ୍ୱନ୍ଦ ବା ଭ୍ରାନ୍ତ ଧାରଣା ରହିବା ଉଚିତ ନୁହେଁ। ସେ ମହାମାରୀ ହେଉ ବା ବାତ୍ୟା ପରିସ୍ଥିତି ପ୍ରତ୍ୟେକ ମହିଳାଙ୍କୁ ଏହି ଅବସ୍ଥା ଦେଇ ଅତିକ୍ରମ କରିବାକୁ ହୁଏ। ସମ୍ପ୍ରତି କୋଭିଡ୍ ମହାମାରୀ ସମୟରେ ବିଭିନ୍ନ କାରଣରୁ ଋତୁସ୍ରାବ ଜନିତ ପରିଛନ୍ନତା ରକ୍ଷା କରିବା ଏକ ବଡ଼ ଆହ୍ୱାନରେ ପରିଣତ ହୋଇଛି। ଏହି ସମୟରେ ସ୍ୱଚ୍ଛତା ଓ ପରିମଳ ସଂପର୍କରେ କିଶୋରୀ ଓ ମହିଳାମାନେ ଯଥେଷ୍ଟ ଧ୍ୟାନ ଦେବା ଓ ସତର୍କ ରହିବା ଆବଶ୍ୟକ ସ୍ୱାସ୍ଥ୍ୟ ବିଶେଷଜ୍ଞ ଓ ଗୋଷ୍ଠୀ ପରାମର୍ଶଦାତାମାନେ ମତବ୍ୟକ୍ତ କରିଛନ୍ତି। ପ୍ରତ୍ୟେକ ବର୍ଷ ମଇ ୨୮ ତାରିଖକୁ ବିଶ୍ୱ ଋତୁସ୍ରାବ ପରିଛନ୍ନତା ଦିବସ ଭାବେ ପାଳନ କରାଯାଏ। ଚଳିତ ବର୍ଷ ଏହି ଦିବସର ଥିମ୍ ରହିଛି ଋତୁସ୍ରାବ ପରିଛନ୍ନତା ଓ ସ୍ୱାସ୍ଥ୍ୟ ଉପରେ କାର୍ଯ୍ୟାନୁଷ୍ଠାନ ଏବଂ ବିନିଯୋଗ। ଏହି ଅବସରରେ ମହିଳା ଓ ଶିଶୁ ବିକାଶ ଏବଂ ମିଶନ ଶକ୍ତି ବିଭାଗ ଏବଂ ୟୁନିସେଫ୍ ପକ୍ଷରୁ ଆଜି ପୂର୍ବାହ୍ନରେ ଋତୁସ୍ରାବ ଜନିତ ପରିଛନ୍ନତା ପରିଚାଳନା ଶୀର୍ଷକ ସଚେତନତା ୱେବିନାର ଆୟୋଜିତ ହୋଇଥିଲା। ଏଥିରେ ଯୋଗଦେଇ ବରିଷ୍ଠ ସ୍ତ୍ରୀରୋଗ ବିଶେଷଜ୍ଞ ତଥା ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର ପ୍ରାକ୍ତନ ନିର୍ଦ୍ଦେଶିକା ଡା. ସେବା ମହାପାତ୍ର କହିଥିଲେ, ଋତୁସ୍ରାବ ସମୟରେ ମହିଳାମାନଙ୍କ ସ୍ୱଚ୍ଛତା ଏବଂ ପୋଷଣ ଉପରେ ଧ୍ୟାନ ଦେବା ଜରୁରୀ। କୁପୋଷଣରୁ କିଶୋରୀମାନଙ୍କ ନିକଟରେ ରକ୍ତହୀନତା ଦେଖାଦେଇଥାଏ। ଅନେକ ସମୟରେ ଗର୍ଭାଶୟରେ ମଧ୍ୟ ଗୁରୁତର ସଂକ୍ରମଣ ହୋଇଥାଏ। ତେଣୁ ଉପଯୁକ୍ତ ପୁଷ୍ଟିସାଧନ ସହିତ ଋତୁସ୍ରାବ ସମୟରେ ପରିଛନ୍ନତା ରକ୍ଷା ଉପରେ କିଶୋରୀମାନଙ୍କୁ ଗୋଷ୍ଠୀ ସ୍ତରରେ ବ୍ୟାପକ ଭାବେ ସଚେତନ କରିବା ଆବଶ୍ୟକ। ଏହାକୁ ଜୀବନଶୈଳୀ ଭାବରେ ଗ୍ରହଣ କରିବାକୁ ହେବ। ତେବେ ଋତୁସ୍ରାବ ସମୟରେ ମଧ୍ୟ ୧୮ ବର୍ଷରୁ ଉର୍ଦ୍ଧ୍ୱ ଯେକୌଣସି ସଂପୂର୍ଣ୍ଣ ସୁସ୍ଥ କିଶୋରୀ ଏବଂ ମହିଳା କୋଭିଡ୍ ଟୀକା ନେଇପାରିବେ ବୋଲି ଡ. ମହାପାତ୍ର ନିଜ ବକ୍ତବ୍ୟରେ ସ୍ପଷ୍ଟ କରିଥିଲେ ଏବଂ ପ୍ରତ୍ୟେକ ଯୋଗ୍ୟ ହିତାଧିକାରୀ ଟିକା ନେଇ ନିଜକୁ ସୁରକ୍ଷିତ ରଖିବାକୁ ପରାମର୍ଶ ଦେଇଥିଲେ। ବିଭାଗୀୟ ଯୁଗ୍ମ ଶାସନ ସଚିବ ରେଗା ଗୀତାରାଣୀ ପଟ୍ଟନାୟକ ସ୍ୱାଗତ ଭାଷଣରେ ବିଭାଗ ତରଫରୁ କିଶୋରୀମାନଙ୍କୁ ଋତୁସ୍ରାବ ସ୍ୱଚ୍ଛତା ରକ୍ଷା ପାଇଁ ଆଦ୍ୱିକା ଗ୍ରୁପ୍ ମାଧ୍ୟମରେ ସଚେତନ କରାଯିବା ସମ୍ପର୍କରେ ସୂଚନା ଦେବା ସହ ଆଇସିଡିଏସ୍ କାର୍ଯ୍ୟକର୍ତ୍ତା ଏବଂ କାଉନ୍ସେଲରମାନେ ସ୍ୱଧାର, ଉଜ୍ଜ୍ୱଳା ଗୃହ ଏବଂ ଶିଶୁ ଯନି ଅନୁଷ୍ଠାନଗୁଡ଼ିକରେ କିଶୋରୀମାନଙ୍କ ମଧ୍ୟରେ ଆହୁରି ବ୍ୟାପକ ଭାବେ ସଚେତନତା ସୃଷ୍ଟି କରିବା ଉପରେ ଗୁରୁତ୍ୱାରୋପ କରିଥିଲେ। ୟୁନିସେଫ୍‌ର ଜଳ ଏବଂ ପରିମଳ ବିଶେଷଜ୍ଞ ସିପ୍ରା ସାକ୍‌ସେନା କହିଥିଲେ ଯେ କୋଭିଡ୍ ମହାମାରୀ ସମୟରେ ଋତୁସ୍ରାବ ପରିଛନ୍ନତା ରକ୍ଷା ଏକ ବଡ଼ ଆହ୍ୱାନରେ ପରିଣତ ହୋଇଛି। ଦୀର୍ଘଦିନ ଧରି ଲକ୍‌ଡାଉନ୍ ସ୍ଥିତି ଲାଗି ରହୁଥିବାରୁ ମହିଳାମାନଙ୍କ ନିମନ୍ତେ ସାନିଟାରୀ ନାପ୍‌କିନ୍ ପାଇବା କଷ୍ଟକର ହୋଇପଡୁଛି। ବିଦ୍ୟାଳୟରେ ଶୌଚାଳୟ, ପର୍ଯ୍ୟାପ୍ତ ଜଳ ଉପଲବ୍ଧ ହେବା ସହ ଋତୁସ୍ରାବ ବର୍ଜ୍ୟ ପରିଚାଳନା ପାଇଁ ବିଶେଷ ବ୍ୟବସ୍ଥା ଉପରେ ଧ୍ୟାନ ଦେବା ଆବଶ୍ୟକ। ମହାମାରୀ ସଂକ୍ରମଣର ଭୟ ସହ ଋତୁସ୍ରାବ ଜନିତ ପରିଛନ୍ନତା ପାଇଁ ରାଜ୍ୟର କିଶୋରୀମାନଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା ପାଇଁ ବିଭାଗର ଏଭଳି କାର୍ଯ୍ୟକ୍ରମ ଏକ ପ୍ରଶଂସନୀୟ ପଦକ୍ଷେପ ବୋଲି ସେ କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ୟୁଏନ୍‌ଏଫ୍‌ପିଏର ପ୍ରୋଗ୍ରାମ ଅଫିସର ଡ. ଚୟନିକା ମିଶ୍ର, ସାମାଜିକ କର୍ମୀ ଘାସିରାମ ପଣ୍ଡା, ୟୁନିସେଫ୍‌ର ଶିଶୁ ସୁରକ୍ଷା ଅଧିକାରୀ ନେହା ନାଇଡୁ ପ୍ରମୁଖ ବୈଷୟିକ ଅଧିବେଶନରେ ଯୋଗଦେଇ ମାସିକ ଋତୁସ୍ରାବର ସମୟ, ଶାରୀରିକ ପ୍ରଭାବ, ଏହି ସମୟର ପରିବାରର ଦାୟିତ୍ୱ, ଜୀବନକୌଶଳ ଆହରଣ, ବାଲ୍ୟବିବାହ ଏବଂ ଋତୁସ୍ରାବ ପରିଛନ୍ନତା, ଉତମ ଅଭ୍ୟାସ, ମହାମାରୀ ସମୟର ସତର୍କତା ଆଦି ପ୍ରସଙ୍ଗ ଉପରେ ପୁଙ୍ଖାନୁପୁଙ୍ଖ ଆଲୋକପାତ କରିଥିଲେ। ବିଭାଗର ୟୁନିସେଫ୍ କନ୍‌ସଲଟାଂଟ ଅନୁପମା ସାହୁ ୱେବିନାର ସଂଚାଳନ କରିବା ସହ ଋତୁସ୍ରାବ ଏବଂ ତତ୍‌ଜନିତ କିଶୋରୀମାନଙ୍କ ବିଭିନ୍ନ ସମସ୍ୟାର ସଚେତନତା ବୃଦ୍ଧି ପାଇଁ ପ୍ରସ୍ତୁତ ଆକ୍ସନପ୍ଲାନ୍ ଉପରେ ଅଲୋକପାତ କରିଥିଲେ। ଭର୍ଚୁଆଲ ମାଧ୍ୟମରେ ଏହି କାର୍ଯ୍ୟକ୍ରମରେ ଜିଲ୍ଲାର ଡିଏସ୍‌ଡବ୍ଲ୍ୟୁଓ, ସିଡିପିଓ, ଅଙ୍ଗନବାଡ଼ି କର୍ମୀ ଓ ସୁପରଭାଇଜର, ଆଦ୍ୱିକା ଅଧୀନରେ ସଖୀ-ସହେଲୀ ଗ୍ରୁପ୍, ଉଜ୍ଜ୍ୱଳା ଓ ସ୍ୱଧାର ଗୃହ ତଥା ଶିଶୁ ଯନି ଅନୁଷ୍ଠାନର ଅନ୍ତେବାସୀଙ୍କ ସମେତ ପ୍ରାୟ ୫ ହଜାର ଜଣ ଅଂଶଗ୍ରହଣ କରିଥିବାବେଳେ ୭୦ ହଜାରରୁ ଅଧିକ କାର୍ଯ୍ୟକର୍ତ୍ତା ଏହାକୁ ୟୁ-ଟ୍ୟୁବ୍‌ରେ ଦେଖିଛନ୍ତି।

## କଂଗ୍ରେସ ସ୍ୱତନ୍ତ୍ର ଟାସ୍କଫୋର୍ସ କମିଟିର ବାତ୍ୟା ପରିଦର୍ଶନ, ଶୁଖିଲା ଖାଦ୍ୟ ବଂଟନ

ଭଦ୍ରକ : ପ୍ରଦେଶ କଂଗ୍ରେସ କମିଟି ନିର୍ଦ୍ଦେଶ କ୍ରମେ ବାତ୍ୟା 'ୟଶ୍'ର ପରବର୍ତୀ ସ୍ଥିତି ଅନୁଧ୍ୟାନ କରି କମିଟି ଆଜି ଭଦ୍ରକ ଜିଲ୍ଲାର ବାତ୍ୟା ପ୍ରଭାବିତ ଅଂଚଳ ବାସୁଦେବପୁର, ଚାନ୍ଦବାଲି, ଧାମରା ଅଂଚଳ ଗସ୍ତ କରି ବିପନ୍ନ ମାନଙ୍କୁ ଭେଟି ଶୁଖିଲା ଖାଦ୍ୟ ବଂଟନ କରିବା ସହ ସେମାନଙ୍କର ଅବସ୍ଥା ପଚାରି ବୁଝିଥିଲେ। ଏହି କମିଟିର ଅଧ୍ୟକ୍ଷ ଭାବେ ପୂର୍ବତନ ସାଂସଦ ତଥା ପ୍ରଦେଶ କଂଗ୍ରେସ କମିଟିର କାର୍ଯ୍ୟକାରୀ ସଭାପତି ପ୍ରଦୀପ ମାଝୀ, ପଦ୍ମାକର ଗୁରୁ, ଜାନକୀ ପଟ୍ଟନାୟକ, ଶୁଭେନ୍ଦୁ ମହାନ୍ତି, ଶମ୍ଭୁନାଥ ପାଣିଗ୍ରାହୀ, ଯୋଗେଶ ଅଗରୱାଲଙ୍କ ସମେତ ଜିଲ୍ଲା କଂଗ୍ରେସ ସଭାପତି ସୁବ୍ରତ ଦାସ, ବାସୁଦେବପୁର କଂଗ୍ରେସ ନେତା ଅଶୋକ ଦାସ, ଚାନ୍ଦବାଲି କଂଗ୍ରେସ ନେତା ଦିଗମ୍ବର ଦାସ, ମନୋଜ ବିଶ୍ୱାଳ, ବ୍ଲକ ଓ ଟାଉନ କମିଟିର ସଭାପତିଙ୍କ ସହ ଜିଲ୍ଲା କଂଗ୍ରେସ କର୍ମକର୍ତ୍ତା ଆଶିଷ ରାଉତ, ବିଜୟ ବାରିକ, ଯୁବନେତା ହେମନ୍ତ ମହାପାତ୍ର ଯୋଗ ଦେଇଥିଲେ। ଅପରାହ୍ନରେ ଚାନ୍ଦବାଲି ନିର୍ବାଚନ ମଣ୍ଡଳୀ ଗସ୍ତକରି ଜାଗୁଳା ଗ୍ରାମ ପଂଚାୟତର ବଳଭଦ୍ରପ୍ରସାଦ, ଧାମରା ପୋର୍ଟ ନିକଟସ୍ଥ ଦୋସିଙ୍ଗା ଗ୍ରାମ ପଂଚାୟତର ବାଂକଚାଟି, ଓରାମ ଅମର ନଗର, ବିଦ୍ୟୁତପ୍ରଭା ଗ୍ରାମ ଆଦି ଗସ୍ତକରି ଲୋକଙ୍କ ଦୁଃଖ ଦୁର୍ଦ୍ଦଶା ପଚାରି ବୁଝିଥିଲେ । ଜିଲ୍ଲା ଆଉ ରାଜ୍ୟ ପ୍ରଶାସନର କୌଣସି ସାହାଯ୍ୟ ଆଉ ସହଯୋଗ ବାତ୍ୟା କ୍ଷତିଗ୍ରସ୍ତ ଲୋକ ନପାଇ ବହୁ ବିପନ୍ନ ସ୍ଥିତିରେ ଥିବା ଅନୁଭବ କରିଥିଲେ। ବାସୁଦେବପୁର ବିଧାନସଭା ନିର୍ବାଚନ ମଣ୍ଡଳୀ ଗସ୍ତ କରି ପଦ୍ମପୁର ପଂଚାୟତର ସରତରପୁର, ସନାଗାଓଁପୁର, ପାଟଣା ମିଶ୍ରପୁର, ପାଟଣା ବାତ୍ୟା ଆଶ୍ରୟ ସ୍ଥଳୀ, ଲୁଙ୍ଗା ଗ୍ରାମ ପଂଚାୟତର ୭ ଆଉ ୮ ନମ୍ବର ୱାର୍ଡ ଯାହାକି ବାହ୍ୟ ଜଗତରୁ ବିଛିନ୍ନ ରହିଛି ସେ ସବୁ ଅ ଳକୁ ଯାଇଥିଲେ। ପରେ ବାସୁଦେବପୁର ପୌରପରିଷଦର ୧୬ ନମ୍ବର ୱାର୍ଡ ଗସ୍ତ କରିବା ସହ ଜନସାଧାରଣଙ୍କୁ ଭେଟି ଆଲୋଚନା କରିବା ବେଳେ ସରକାରଙ୍କ ତରଫରୁ ମୁଣ୍ଡପିଛା ୨୦୦ ଗ୍ରାମ ଚୂଡ଼ା ମାତ୍ର ଦିଆଯାଇଛି ବୋଲି ଲୋକେ ଅଭିଯୋଗ କରିଥିଲେ। କେବଳ ଲୁଙ୍ଗା ଗ୍ରାମ ପଂଚାୟତର ୭ ଆଉ ୮ ନମ୍ବର ୱାର୍ଡର ସ୍ୱୟଂ ସହାୟକ ଗୋଷ୍ଠୀ ପକ୍ଷରୁ ୨ ଓଳି ଭାତ ଆଉ ଡାଲମା ଦେଇ ଅର୍ଥ ନଥିବାରୁ ଆଉ ଦେବାକୁ ସକ୍ଷମ ନାହାନ୍ତି ବୋଲି କରି ଆଉ ଖାଦ୍ୟ ଦିଆ ଯାଇନ୍ଥ ନଥିବା ଅଭିଯୋଗ ହସ୍ତଗତ ହୋଇଥିଲା।




Bhubaneswar Sunday May 30, 2021 ଭୁବନେଶ୍ବର ରବିବାର, ମଇ ୩୦,୨୦୨୧ Daily Edition : R.N.I.No: ODIODI /1999/00717 Postal Regd. No: BN/57/18-20 www.paryabekhyak.com


# ପ୍ରଦେଶ ଛାତ୍ର କଂଗ୍ରେସ ସଭାପତିଙ୍କ ଦ୍ୱାରା ବାଲେଶ୍ୱର ଜିଲ୍ଲାର ୟାସ କ୍ଷତିଗ୍ରସ୍ତ ଅଂଚଳ ପରିଦର୍ଶନ ଓ ରିଲିଫ ବଂଟନ



ଭୁବନେଶ୍ୱର : ପ୍ରଦେଶ ଛାତ୍ର କଂଗ୍ରେସ ସଭାପତି ଶ୍ରୀ ୟାସିର ନୱାଜ ଗତକାଲି ବାଲେଶ୍ୱର ଜିଲ୍ଲାର ସୋରୋ, ବାହାନଗା ଓ ଚାନ୍ଦିପୁର ଗସ୍ତକରି 'ୟାସ' କ୍ଷତିଗ୍ରସ୍ତ ଅଂଚଳ ପରିଦର୍ଶନ କରିବାସହ ବନ୍ୟା ଓ ବାତ୍ୟା ପ୍ରଭାବିତ ଲୋକଙ୍କ ସହିତ ଆଲୋଚନା କରିଥିଲେ। ସେଠାରେ ରନ୍ଧାଖାଦ୍ୟ ଓ ଶୁଖିଲାଖାଦ୍ୟ ବଂଟନ କରାଯାଇଥିଲା। ସେ ସବୁ ଅଂଚଳ ପରିଦର୍ଶନ କରିବା ପରେ ଶ୍ରୀ ନୱାଜ କହିଛନ୍ତି ଯେ ସରକାରଙ୍କ ପ୍ରଚାର ଓ ଗ୍ରାଉଣ୍ଡଜିରୋର ବାସ୍ତବତା ଭିତରେ ଆକାଶ ପାତାଳ ତଫାତ। ସରକାରୀ କର୍ତ୍ତୃପକ୍ଷ ଏପର୍ଯ୍ୟନ୍ତ ୮୦ ପ୍ରତିଶତ ପ୍ରଭାବିତ ଲୋକଙ୍କ ପାଖରେ ପଂହଚି ପାରିନାହାଁନ୍ତି। ମାଛଚାଷର ଅସୁମାରୀକ୍ଷତି। କ୍ଷେତରେ ଲୁଣିପାଣି ମାଡ଼ି ଯାଇଛି। ଲୋକଙ୍କ ଘର ଭାଙ୍ଗିଯାଇଛ। ଗଛଭାଙ୍ଗି ରାସ୍ତା ବନ୍ଦ। ମାତ୍ର ସରକାର ଯେଉଁଭଳି ପ୍ରଚାର କରୁଛନ୍ତି ତାହା ଦୁଃଖଦାୟକ। କାମନକରି ଏପରି ପ୍ରଚାର କରିବା ଏକ ପ୍ରତାରଣା। ଖୁବଶୀଘ୍ର ଛାତ୍ର କଂଗ୍ରେସ 'ୟାସ' ଜନିତ କ୍ଷୟକ୍ଷତିର ଏକ ରିପୋର୍ଟ ରାଜ୍ୟ ସରକାରଙ୍କୁ ପ୍ରଦାନ କରିବ। ଏହି କାର୍ଯ୍ୟକ୍ରମରେ ବିକାଶ ପଶୁପାଳକ, ଅବିନାଶ ନନ୍ଦ, ବିଶ୍ୱଭୂଷଣ ମହାପାତ୍ର ଓ ଗୌତମ ସାହୁ ପ୍ରମୁଖ ଅଂଶଗ୍ରହଣ କରିଥିଲେ।

## କନ୍ଧମାଳ ଜିଲ୍ଲାରେ ନୂଆ ୧୦୧ କରୋନା ପଜିଟିଭ୍ ଚିହ୍ନଟ

କନ୍ଧମାଳ: ଗତ ୨୪ ଘଣ୍ଟା ମଧ୍ୟରେ ଜିଲ୍ଲାରେ ନୂଆ ୧୦୧ ଜଣ କରୋନା ସଂକ୍ରମିତଙ୍କୁ ଚିହ୍ନଟ କରାଯାଇଛି । ଚିହ୍ନଟ ହୋଇଥିବା ସଂକ୍ରମିତଙ୍କ ମଧ୍ୟରୁ ଫୁଲବାଣୀ ପୌରାଂଚଳରୁ ୭ ଜଣ ଏବଂ ଗ୍ରାମାଂଚଳରୁ ୧୦ ଜଣଙ୍କୁ ମିଶାଇ ମୋଟ ୧୭ ଜଣଙ୍କୁ ଚିହ୍ନଟ କରାଯାଇଥିବା ବେଳେ ବାଲିଗୁଡା ବିଜ୍ଞାପିତ ଅଂଚଳରୁ ୭ ଜଣ ଏବଂ ଗ୍ରାମାଂଚଳରୁ ୭ ଜଣଙ୍କ ସମେତ ମୋଟ ୧୪ ଜଣ ରହିଛନ୍ତି । ସେହିପରି ଜିଲ୍ଲାର ଚକାପାଦ ଅଂଚଳର ୫ ଜଣ, ଦାରିଙ୍ଗବାଡି ବ୍ଲକରେ ୧୩ ଜଣ, ଘୁ.ଉଦୟଗିରିରେ ୩ ଜଣ, କ.ନୂଆଗାଁର ୫ ଜଣ, ଖଜୁରିପଡାରେ ୧୨ ଜଣ, କୋଟଗଡ ବ୍ଲକର ୮ ଜଣ, ଫିରିଙ୍ଗିଆ ୬, ରାଇକିଆର ୩ ଜଣ, ଟିକାବାଲିରୁ ୧୨ ଜଣ, ତୁମୁଡିବନ୍ଧର ଜଣେ, କନ୍ଧମାଳ ଜିଲ୍ଲା ବାହାରେ ଜଣେ ଓ ରାୟଗଡାରେ ଜଣେ ସଂକ୍ରମିତଙ୍କୁ ଚିହ୍ନଟ କରାଯାଇଥିବା ନେଇ ଜିଲ୍ଲା ପ୍ରଶାସନ ସୂତ୍ରରୁ ଜଣାପଡିଛି ।

# ଯାଜପୁର ବିଶିଷ୍ଟ ସ୍ୱାଧିନତା ସଂଗ୍ରାମୀ ୰ଜଗନ୍ନାଥ ରାୟଙ୍କ ଶ୍ରାଦ୍ଧ ବାର୍ଷିକୀ ପାଳିତ




ଯାଜପୁର : (ଏନ୍ଏନ୍ଏସ୍): ଯାଜପୁର ଜିଲ୍ଲା ବିଶିଷ୍ଟ ସ୍ୱାଧିନତା ସଂଗ୍ରାମୀ ୰ଜଗନ୍ନାଥ ରାୟଙ୍କର ୩୩ତମ ଶ୍ରାଦ୍ଧ ବାର୍ଷିକୀ ଦଶରଥପୁର ବ୍ଲକ ଅନ୍ତର୍ଗତ ଚିତାଳୋ ଗ୍ରାମସ୍ଥିତ ତାଙ୍କ ବାସଭବନରେ ଶିକ୍ଷାବିତ୍ ରସାନନ୍ଦ ରାୟଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ୰ରାୟଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯିବା ସହିତ ଦୀପ ପ୍ରଜ୍ୱଳନ ଓ ସ୍ତୋତ୍ରପାଠ ପୂର୍ବକ ଅତିଥିମାନେ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ସ୍ୱର୍ଗତ ରାୟ ଜଣେ ନିଷ୍ଠାପର ସ୍ୱାଧିନତା ସଂଗ୍ରାମୀ ଭାବରେ ଜାତିର ପିତା ମହାତ୍ମାଗାନ୍ଧୀଙ୍କ ଆଦର୍ଶରେ ଉଦ୍‌ବୁଦ୍ଧ ହୋଇ ଭାରତଛାଡ ଆନ୍ଦୋଳନରେ ଯୋଗଦେଇ ୨ଥର କାରାବରଣ କରିଥିଲେ। ସେ ଦଶରଥପୁର ବ୍ଲକର ଭାଇସ୍ ଚେୟାରମ୍ୟାନ ଓ ଚିତାଳୋ ପଞ୍ଚାୟତର ଦୀର୍ଘଦିନ ଧରି ସରପଞ୍ଚ ଭାବରେ ଦାୟିତ୍ୱ ନିର୍ବାହ କରିଥିଲେ। ଜାତୀୟ କଂଗ୍ରେସ ଦଳର ତାଙ୍କୁ ନେତା ଭାବରେ ସେ ସମଗ୍ର ଯାଜପୁର ଜିଲ୍ଲା ତଥା ଓଡ଼ିଶାରେ ମଧ୍ୟ ପରିଚିତ ଥିଲେ। ଏହି ଶ୍ରଦ୍ଧାଞ୍ଜଳି ସଭାରେ ମୁଖ୍ୟ ଅତିଥି ଭାବରେ ଯାଜପୁର ବିଧାନସଭା କଂଗ୍ରେସ ପ୍ରାର୍ଥୀ ସନ୍ତୋଷ କୁମାର ନନ୍ଦ, ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟ ଦେବେନ୍ଦ୍ର କୁମାର ପଣ୍ଡା, ଦଶରଥପୁର ବ୍ଲକ କଂଗ୍ରେସ ସଭାପତି, ଶ୍ୟାମ ସୁନ୍ଦର କର, ପୂର୍ବତନ ଜିଲ୍ଲା ପରିଷଦ ଅଧ୍ୟକ୍ଷା ତଥା ନାତୁଣୀ ରଂଜିତା ରାଉତ, ଦଳିତ କଂଗ୍ରେସ ସେଲ୍ ସଭାପତି ଦୁର୍ଯ୍ୟୋଧନ ବେହେରା, ସାଧାରଣ ସଂପାଦକ ହୃଷୀକେଶ ପତି, ଡ. ରବୀନ୍ଦ୍ର କୁମାର ପାଢ଼ୀ, ଧନଞ୍ଜୟ ରାୟ, ନାରାୟଣ ପଣ୍ଡା, ଅଶୋକ କୁମାର ରାୟ, ନିମାଇଁ ରାୟ, ବିରଜା ପ୍ରସାଦ ଦାଶ, ସୀତାକାନ୍ତ ଶତପଥି ପ୍ରମୁଖ ଯୋଗଦେଇ ସ୍ମୃତିଚାରଣ କରିଥିଲେ। ସମାଜସେବୀ ଶମ୍ଭୁନାଥ ରାଉତରାୟ, ମନୋରଂଜନ ରାୟ, ଦିଲ୍ଲୀପ କୁମାର ରାୟ, ଫକୀର ଚରଣ ରାଉତ ରାୟ, ସୁନୀଲ ରାୟ, ସୀତାକାନ୍ତ ସ୍ୱାଇଁ, ଶ୍ରୀନିବାସ ଦାଶ, ଅଧିକାରୀ ନବ କିଶୋର ଦାସ, ସୁଶାନ୍ତ ରାୟ ପ୍ରମୁଖ ଯୋଗଦେଇ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ ।

## ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକଙ୍କ ବିୟୋଗରେ ଶୋକ

ଅନୁଗୋଳ: ବଅଁରପାଳ ବ୍ଲକ ଅଂର୍ଗତ ବଉଳିଗଡ ଗ୍ରାମର ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ପ୍ରଶାଂ କୁମାର ଗଡନାୟକଙ୍କ ଆଜି ସକାଳ ୯ ଘଟିକା ସମୟରେ ପ୍ରାୟ ୭୮ ବର୍ଷ ବୟସରେ ତାଙ୍କ ନିଜ ବାସ ଭବନରେ ପରଲୋକ ହୋଇଯାଇଛି। ୰ ଗଡନାୟକ ୧୯୭୧ ମସିହାରେ ନେହେରୁ ଉଚ୍ଚ ବିଦ୍ୟାଳୟ, ଗଡସନ୍ତୀରେ ଶିକ୍ଷକତା ଆରମ୍ଭ କରି ୨୦୦୧ମସିହାରୁ ୨୦୦୫ ମସିହା ଅଗଷ୍ଟ ୩୧ ପର୍ଯ୍ୟଂ ଭାରାପ୍ରାପ୍ତ ପ୍ରଧାନ ଶିକ୍ଷକଭାବେ କାର୍ଯ୍ୟକରି ଅବସର ଗ୍ରହଣ କରିଥିଲେ । ସେ ଜଣେ ଶାଂ, ସରଳ, ଆମାୟିକ, ମିଷ୍ଟଭାଷୀ, ଛାତ୍ରବତ୍ସଳ ଶିକ୍ଷକ ଭାବରେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଥିଲେ। ସେ ମଧୁମେୟ, ଉଚ୍ଚ ରକ୍ତଚାପ ଓ ହୃଦରୋଗରେ ପିଡିତ ଥାଇ ଚିକିତ୍ସିତ ହେଉଥିଲେ। ତାଙ୍କରି ମୃତ୍ୟୁରେ ତାଙ୍କର ଛାତ୍ରଛାତ୍ରୀ, ଅଭିଭାବକଙ୍କ ମହଲରେ ଶୋକର ଛାୟା ଖେଳି ଯାଇଛି । ଅନୁଗୋଳ ଜିଲ୍ଲାର ଜଣେ ସ୍ୱନାମଧନ୍ୟ ଶିକ୍ଷକ ଭାବରେ ତାଙ୍କର ଖ୍ୟାତି ଥିଲା, ଫଳରେ ତାଙ୍କ ବିୟୋଗରେ ଅନଗୋଳ ଜିଲ୍ଲା ବିଶେଷକରି ବଅଁରପାଳ ବ୍ଲକରେ ଶୋକର ଛାୟା ଖେଳିଯାଇଛି । ମୃତ୍ୟୁ ଶଯ୍ୟା ନିକଟରେ ତାଙ୍କର ୩ପୁତ୍ର, ପୁତ୍ରବଧୂ, ଗ୍ରାମବାସୀ, ଅନ୍ୟାନ୍ୟ ବନ୍ଧୁ ଓ ପରିଜନ ଉପସ୍ଥିତ ଥିଲେ । ଆଜି ଅପରାହ୍ନରେ ପୂର୍ବତନ ଛାତ୍ରମାନଙ୍କ ମଧ୍ୟରେ ଭର୍ଚୁଆଲ ମାଧ୍ୟମରେ ଏକ ଶୋକସଭା ଅନୁଷ୍ଠିତ ହୋଇଯାଇଛି । ଉକ୍ତ ଶୋକସଭାରେ ପ୍ରଥମେ ଦୁଇ ମିନିଟ ନିରବ ପ୍ରାର୍ଥନା କରିବା ପରେ ୰ଗଡନାୟକଙ୍କ ଉପରେ ସ୍ମୃତି ଚାରଣ କରିଥିଲେ ଓ ତାଙ୍କ ସ୍ୱର୍ଗତଃ ଆତ୍ମାର ସଦ୍ଗତି କାମନା କରିବା ସହ ଏଭଳି ବିପତିରୁ ତାଙ୍କ ପରିବାରକୁ ଭଗବାନ ସହାୟ ହେବାକୁ ପ୍ରାର୍ଥନା କରିଥିଲେ।

# କେନ୍ଦ୍ରାପଡା ଜିଲ୍ଲାରେ ଆଜି ୭୫ କରୋନା ପଜିଟିଭ, ୬ଟି ବ୍ଲକର ୧୩ଟି ଗ୍ରାମ କଣ୍ଟେନମେଣ୍ଟଜୋନ ଘୋଷିତ

କେନ୍ଦ୍ରାପଡ଼ା : କେନ୍ଦ୍ରାପଡା ଜିଲ୍ଲାରେ ଶନିବାର ୭୫ ଜଣ କରୋନା ପଜିଟିଭ ବାହାରିଥିବା ବେଳେ ୬ଟି ବ୍ଲକର ୧୩ଟି ଗ୍ରାମକୁ କରୋନା ସଂକ୍ରମଣ ବୃଦ୍ଧି ହେତୁ କଣ୍ଟେନମେଣ୍ଟ ଜୋନ ଭାବରେ ଘୋଷଣା କରାଯାଇଥିବା ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି । ସେଥିମଧ୍ୟରୁ ଆଳି ବ୍ଲକରେ ୪ଟି କରୋନା ପଜିଟିଭ କେଶ ବାହାରିଥିବା ବେଳେ ଡେରାବିଶି ବ୍ଲକରେ ୧୩, ଗରଦପୁର ବ୍ଲକରେ ୧, କେନ୍ଦ୍ରାପଡା ବ୍ଲକରେ ୧୩, ମହାକାଳପଡା ବ୍ଲକରେ ୧୨, ମାର୍ଶାଘାଇ ବ୍ଲକର ୧୧, ପଟ୍ଟାମୁଣ୍ଡାଇ ବ୍ଲକରେ ୧୧, ରାଜକନିକା ବ୍ଲକରେ୧, ରାଜନଗର ବ୍ଲକର ୧ ଏବଂ କେନ୍ଦ୍ରାପଡା ପୌରାଞ୍ଚଳରେ ୮ ଜଣ କରୋନା ପଜିଟିଭ ବାହାରିଥିବା ସୂଚନା ଦିଆଯାଇଛି। ସେହିପରି ଜିଲ୍ଲାର କେନ୍ଦ୍ରାପଡା ବ୍ଲକ ଅନ୍ତର୍ଗତ ନିକିରେଇ ଗ୍ରାମର ୫,୬,୧୨,୧୭ ଓ ୨୨ନମ୍ବର ୱାର୍ଡକୁ, ଜମଧର ଗ୍ରାମର ୬ନମ୍ବର ୱାର୍ଡକୁ ଏବଂ ଇନ୍ଦୁପୁର ଗ୍ରାମର ୧, ୪, ୯, ୧୧ ଓ ୧୨ନମ୍ବର ୱାର୍ଡକୁ ଚଳିତମାସ ୨୮ତାରିଖରୁ ଜୁନମାସ ୩ତାରିଖ ପର୍ଯ୍ୟନ୍ତ କଣ୍ଟେନମେଣ୍ଟ ଜୋନ ଘୋଷଣା କରାଯାଇଥିବା ବେଳେ ଡେରାବିଶି ବ୍ଲକର ଚାନ୍ଦୋଳ ପଞ୍ଚାୟତର ଭଣଗାଁ ଗ୍ରାମର ୯ନମ୍ବର ୱାର୍ଡକୁ, ପଟ୍ଟାମୁଣ୍ଡାଇ ବ୍ଲକର ନରସିଂହପୁର ପଞ୍ଚାୟତର ଅଇନିପଡା ଗ୍ରାମର ୯ନମ୍ବର ୱାର୍ଡକୁ, ଖଡିଅଣ୍ଟା ପଞ୍ଚାୟତର ଜିଗରଣ ଗ୍ରାମର ୧୧ନମ୍ବର ୱାର୍ଡକୁ ଓ ସାନଜରିଆ ଗ୍ରାମର ୧୦ନମ୍ବର ୱାର୍ଡକୁ,ମହାକାଳପଡା ବ୍ଲକର ଅମେଇପାଳ ଗ୍ରାମର ୨ନମ୍ବର ୱାର୍ଡ,ଜୟଚନ୍ଦ୍ରପୁର ପଞ୍ଚାୟତର ସାନଗାଁ ଗ୍ରାମର ୯ନମ୍ବର ୱାର୍ଡ ଓ ଜଦୁପୁର ପଞ୍ଚାୟତର କଳାଗଡ ଗ୍ରାମର ୩ନମ୍ବର ୱାର୍ଡ, ଆଳି ବ୍ଲକର ତୁଙ୍ଗା ପଞ୍ଚାୟତର ଏଣ୍ଡଳ ଗ୍ରାମ ଓ ସଂସିଦା ପଞ୍ଚାୟତର ଠାକୁରପାଟଣା ଗ୍ରାମକୁ ଏବଂ ମାର୍ଶାଘାଇ ବ୍ଲକର ଦୁମୁକା ପଞ୍ଚାୟତର କାନପୁର ଗ୍ରାମର ୧ନମ୍ବର ୱାର୍ଡକୁ କଣ୍ଟେନମେଣ୍ଟ ଜୋନ ଘୋଷଣା କରାଯାଇଥିବା ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ସୂଚନା ମିଳିଛି ।

# ମାର୍କଣ୍ଡପୁର ପଞ୍ଚାୟତର ବିରଷ୍ଠ କଂଗ୍ରେସ ନେତାଙ୍କ ବିୟୋଗରେ ଶୋକ

ଯାଜପୁର: (ଏନ୍ଏନ୍ଏସ୍) ଯାଜପୁର ବ୍ଲକ ଅନ୍ତର୍ଗତ ମାର୍କଣ୍ଡପୁର ପଞ୍ଚାୟତର ବରିଷ୍ଠ କଂଗ୍ରେସ ନେତା ନାରାୟଣ ଜେନାଙ୍କର ୭୫ବର୍ଷ ବୟସରେ ତାଙ୍କ ବାସଭବନରେ ପରଲୋକ ହୋଇଯାଇଛି। ସେ ଜଣେ ହରିଜନ ନେତା ଭାବରେ ପଞ୍ଚାୟତ ତଥା ଆଖପାଖ ଅଞ୍ଚଳରେ ସୁପରିଚିତ ଥିଲେ। ହରିଜନ ସାହିକୁ ପକ୍କା ରାସ୍ତା, ଗରିବ ଲୋକ ମାନଙ୍କୁ ଇନ୍ଦିରା ଆବାସ, ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଗୃହ ଯୋଗାଇବା, ରାଜୀବ ଗାନ୍ଧୀ ବିଦ୍ୟୁତ ଯୋଜନାରେ ସମସ୍ତ ବିପିଏଲ୍ ମାନଙ୍କୁ ବିଦ୍ୟୁତ ସଂଯୋଗ, ୬୦ ବର୍ଷରୁ ଉର୍ଦ୍ଧ୍ୱ ବୃଦ୍ଧ, ବୃଦ୍ଧା, ବିଧବା, ଭିନ୍ନକ୍ଷମ ହରିଜନ ଲୋକମାନଙ୍କୁ ଭତ୍ତା ଦେବା କ୍ଷେତ୍ରରେ ସେ ଉଚ୍ଚ କର୍ତ୍ତୃପକ୍ଷଙ୍କ ନିକଟରେ ଦାବି ଜଣାଉଥିଲେ। ସେ ଜଣେ ମିଷ୍ଟଭାଷୀ, ପରୋପକାରୀ ଓ ବନ୍ଧୁବତ୍ସଳ ହରଜନ ନେତା ଭାବରେ ଶେଷ ଜୀବନ ପର୍ଯ୍ୟନ୍ତ ଜନସାଧାରଣଙ୍କର ସେବା କରି ଆସିଥିଲେ। ତାଙ୍କ ବିୟୋଗରେ କଂଗ୍ରେସ ଦଳରେ ଜଣେ ପୁରୁଖା ହରିଜନ ନେତାଙ୍କର ଶୂନ୍ୟସ୍ଥାନ ସୃଷ୍ଟି ହୋଇଛି ବୋଲି ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟ ତଥା ପୂର୍ବତନ ପି.ସି.ସି. ସଂପାଦକ ବିଜୟ କୁମାର ଦ୍ୱିବେଦୀ, ଯାଜପୁର ବିଧାନସଭା କଂଗ୍ରେସ ପ୍ରାର୍ଥୀ ସନ୍ତୋଷ କୁମାର ନନ୍ଦ, ଜିଲ୍ଲା କଂଗ୍ରେସ ସଭାପତି ମନୋଜ କୁମାର ରାଉତ, ଜିଲ୍ଲା ପରିଷଦ ପୂର୍ବତନ ଅଧ୍ୟକ୍ଷା ରଂଜିତା ରାଉତ, ଜିଲ୍ଲା କଂଗ୍ରେସ ସାଧାରଣ ସଂପାଦକ ହୃଷୀକେଶ ପତି, ଜିଲ୍ଲା ଦଳିତ କଂଗ୍ରେସ ସେଲ ସଭାପତି ଦୁର୍ଯ୍ୟୋଧନ ବେହେରା, ପି.ସି.ସି. ସଂପାଦକ ଭାସ୍କର ମହାନ୍ତି, ରାଜ୍ୟ ମହିଳା କଂଗ୍ରେସ କୋଷାଧ୍ୟକ୍ଷା ପ୍ରତିମା କର, ଜିଲ୍ଲା କଂଗ୍ରେସ ଉପସଭାପତି ବିଭୂତି ମହାପାତ୍ର, ରାଜୀବ ମହାପାତ୍ର, ନଗର କଂଗ୍ରେସ ସଭାପତି ନାରାୟଣ ସାମନ୍ତ, ନବକିଶୋର ଦାସ, ବିଜୟ ମହାପାତ୍ର ପ୍ରମୁଖ ଗଭୀର ଶୋକ ପ୍ରକାଶ କରିବା ସହିତ ଶୋକ ସନ୍ତପ୍ତ ପରିବାର ବର୍ଗଙ୍କ ପ୍ରତି ସମବେଦନା ଜ୍ଞାପନ କରିଛନ୍ତି। ମାର୍କଣ୍ଡପୁର ପଞ୍ଚାୟତ କଂଗ୍ରେସ ସଭାପତି ଭରତ ଚନ୍ଦ୍ର ସାମଲ, ବାବଜୀ ବିଶ୍ୱାଳ, ରନ୍ଟୁ ବେହେରା, କାଳିଆ ଜେନା, ଭାଗୀରଥି ଜେନା, ନିତ୍ୟାନନ୍ଦ ପରିଡା, ବିଦ୍ୟାଧର ପାଣିଗ୍ରାହୀ, ଧରଣୀ ଜେନା ପ୍ରମୁଖ ଶବାଧାରରେ ଶ୍ମଶାନକୁ ଯାଇ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ। ଜ୍ୟେଷ୍ଠପୁତ୍ର ନିର୍ମଳ ଜେନା ମୁଖାଗ୍ନି ଦେଇଥିଲେ।

# ଓଡିଶା ମୋ ପରିବାର କେନ୍ଦ୍ରାପଡା ଜିଲ୍ଲା ପକ୍ଷରୁ ରକ୍ତଦାନ ଶିବିର




କେନ୍ଦ୍ରାପଡ଼ା : ମହାମାରୀ କରୋନାର ଭୟବହ ପରିସ୍ଥିତି ସତ୍ତ୍ୱେ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ କ୍ରମେ ରକ୍ତ ସଂକଟ ଦୂର କରିବା ଉଦେଶ୍ୟରେ ଓଡିଶା ମୋ ପରିବାର କେନ୍ଦ୍ରାପଡା ଜିଲ୍ଲା ଆନୁକୁଲ୍ୟରେ ବିଜୁ ଜନତା ଦଳର ୫ମ ପାଳିର ୨ୟବର୍ଷ ପୂର୍ତ୍ତି ଉପଲକ୍ଷେ ୮ଦିନ ବ୍ୟାପି ହେବାକୁ ଥିବା ସ୍ୱେଚ୍ଛାକୃତ ରକ୍ତଦାନ ଶିବିରର ଚତୁର୍ଥ ଦିବସରେ ଶନିବାର ଇଛାପୁରସ୍ଥିତ ଶ୍ୟାମକାଳୀ ମଣ୍ଡପରେ ଏକ ସ୍ୱେଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି । କେନ୍ଦ୍ରାପଡା ବିଧାୟକ ଶଶୀଭୂଷଣ ବେହେରାଙ୍କ ଭର୍ଚୁଆଲ ମୋଡରେ ପରାମର୍ଶ କ୍ରମେ ଇଛାପୁର ହାଇସ୍କୁଲର ପ୍ରଧାନ ଶିକ୍ଷକ ରାଜକିଶୋର ସାହୁ ଏହି ରକ୍ତଦାନ ଶିବିରକୁ ଉଦଘାଟନ କରିଥିଲେ। ଏହି ଶିବିରରେ ୪୯ୟୁନିଟ ରକ୍ତ ସଂଗୃହିତ ହୋଇଥିଲା । ଏହି ଶିବିରକୁ କେନ୍ଦ୍ରାପଡା ଜିଲ୍ଲାର ଓଡିଶା ମୋ ପରିବାର ସଂଯୋଜକ କାଳି ପ୍ରସାଦ ମିଶ୍ର ଓ ସହସଂଯୋଜକ ହିରଣ୍ୟ କୁମାର ପଣ୍ଡା ପରିଚାଳନା କରିଥିବା ବେଳେ ଚଳଚିତ୍ର ପ୍ରଯୋଜକ ତଥା ସମାଜସେବୀ ମାନସ କୁମାର ସାହୁ, ବରିଷ୍ଠ ବିଜେଡି ନେତା ପ୍ରଦୀପ୍ତ ମହାନ୍ତି, ଭରତପୁର ସମିତିସଭ୍ୟ ହେମନ୍ତ କୁମାର ବିଶ୍ୱାଳ, ବିଜେଡି ଜିଲ୍ଲା ମହିଳା ସଭାପତି ରୋସ୍ନା ସାହୁ, ବିଜୟ ପତି, ଦୀନବନ୍ଧୁ ନାୟକ, ନାରାୟଣ ସାହୁ, ବିଜୟ କୁମାର ମଣ୍ଡଳ, ଗୋଲଖ ପଡିଆରୀ, ସାହେବ ସାହିଲ ରାଉତ, ରାଜୀବ ସାହୁ, ଦେବେନ୍ଦ୍ର ବେହେରା, ମନୋଜ ମହାନ୍ତି, ଜୟନ୍ତ ମହାନ୍ତି, ସେକ ରିୟାଜୁଦ୍ଦିନ ପ୍ରମୁଖ ଉପସ୍ଥିତ ଥିଲେ । ଏହି ଅବସରରେ ସମାଜସେବୀ ତଥା କରୋନା ଯୋଦ୍ଧା ସୁରେନ୍ଦ୍ର କୁମାର ବେହେରାଙ୍କୁ ଓଡିଶା ମୋ ପରିବାର କେନ୍ଦ୍ରାପଡା ଜିଲ୍ଲା ପକ୍ଷରୁ ବିଶିଷ୍ଟ ବ୍ୟବସାୟୀ ଶ୍ୟାମ ପ୍ରସାଦ ମିଶ୍ର ମାନପତ୍ର, ଉପଢୌକନ ଓ ପୁଷ୍ପଗୁଚ୍ଛ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରିଥିଲେ । ଓଡିଶା ମୋ ପରିବାର କେନ୍ଦ୍ରାପଡା ଜିଲ୍ଲା ପକ୍ଷରୁ ସମସ୍ତ ରକ୍ତଦାତାଙ୍କୁ କୃତଜ୍ଞତା ପ୍ରଦାନ କରାଯାଇଛି ।




Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-751010 & Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-751015, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com
ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray